


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-168 SUNDAY 14 DECEMBER 2025 PAGE-12 ₹ 6.00 | PANIKOILI | ବର୍ଷ-୪୩ ସଂଖ୍ୟା-୧୬୮ ରବିବାର ୧୪ ଡିସେମ୍ବର ୨୦୨୫ ପୃଷ୍ଠା-୧୨ ଟ.୬.୦୦ (ସିନ୍ଦୂରା ସହ)

## ମେସିଙ୍କ ଝଲକ ପାଇଁ ପ୍ରଶଂସକଙ୍କ ହଙ୍ଗାମା

# ସଲ୍ଟଲେକ୍‌ରେ ଭଙ୍ଗାରୁଜା



■ କୋଲକାତା, ୧୩।୧୨ (ଏଜେନ୍ସି): ବିଶ୍ୱପ୍ରସିଦ୍ଧ ଫୁଟବଲ ତାରକା ତଥା ବିଶ୍ୱଚାମ୍ପିଅନ ଆର୍ଜେଣ୍ଟିନା ଦଳର ଅଧିନାୟକ ଲିଓନେଲ ମେସି ଆଜି ଭାରତ ଗସ୍ତରେ ଆସିଥିବା ବେଳେ ତାଙ୍କୁ ନେଇ କୋଲକତାରେ ଅଶାନ୍ତ ବାତାବରଣ ଦେଖାଦେଇଛି । ଏହି ଗସ୍ତରେ ସେ ପ୍ରଥମେ କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମ୍‌ରେ ଦର୍ଶକଙ୍କୁ ଭେଟିବାର କାର୍ଯ୍ୟକ୍ରମ ଥିଲା । ତାଙ୍କର ଝଲକ ପାଇବା ଲାଗି ଦର୍ଶକମାନେ ୫ହଜାରରୁ ୨୫ ହଜାର ପର୍ଯ୍ୟନ୍ତ ଟଙ୍କା ଦେଇ ଟିକଟ କିଣିଥିଲେ । ମେସି ଷ୍ଟାଡିୟମ ।।ରେ ପ୍ରବେଶ କରିବା ମାତ୍ରେ ଦର୍ଶକ ଉତ୍ସାହିତ ହୋଇପଡ଼ିଥିଲେ । କନ୍ତୁ ସୁରକ୍ଷା କର୍ମୀ ଓ କେତେକ ଆୟୋଜକ ମେସିଙ୍କୁ ଘେରି ରହିବାରୁ ଦର୍ଶକ ତାଙ୍କୁ ଦେଖି ପାରି ନଥିଲେ । ଏହାପରେ ଆରମ୍ଭ ହୋଇଯାଇଥିଲା ଉତ୍ତେଜନା । ଅନେକ ଦର୍ଶକ ପାଟିତୁଣ୍ଡ କରିବା ସହିତ ଷ୍ଟାଡିୟମ ଭିତରକୁ ବୋତଲ ଫିଙ୍ଗିବା ଆରମ୍ଭ କରିଥିଲେ । ତେଣୁ ସୁରକ୍ଷା ଦୃଷ୍ଟିରୁ ଅଳ୍ପ ସମୟ

### କ୍ଷମା ମାଗିଲେ ମୁଖ୍ୟମନ୍ତ୍ରୀ ମମତା

ପରେ ମେସିଙ୍କୁ ଷ୍ଟାଡିୟମ୍ ବାହାରକୁ ନିଆଯାଇଥିଲା । ତାଙ୍କୁ ଦେଖି ନ ପାରି ଦର୍ଶକମାନେ ହଙ୍ଗାମା କରିଥିଲେ । ଯାହାଫଳରେ ମେସିଙ୍କ ଅଢ଼େଇ ଘଣ୍ଟାର କାର୍ଯ୍ୟକ୍ରମ ୩୦ ମିନିଟ୍‌ରେ ଶେଷ ହୋଇଯାଇଥିଲା ।। ▶ପୃଷ୍ଠା-୭

# ନାଗରିକତା ଛାଡୁଛନ୍ତି ବର୍ଷକୁ ୨ ଲକ୍ଷ

## ୫ ବର୍ଷରେ ବିଦେଶ ପଳାଇଲେଣି ୯ ଲକ୍ଷ ଭାରତୀୟ

ନୂଆଦିଲ୍ଲୀ, ୧୩।୧୨(ଏଜେନ୍ସି): ଭାରତୀୟ ନାଗରିକତା ଛାଡିବା ପ୍ରକ୍ରିୟା ଓ ଏହାର ସଂଖ୍ୟାରେ ଲଗାତର ବୃଦ୍ଧି ପାଇବାରେ ଲାଗିଛି । ଏ ନେଇ ବିଦେଶ ମନ୍ତ୍ରଣାଳୟ ତରଫରୁ ସଂସଦରେ ତଥ୍ୟ ପ୍ରଦାନ କରାଯାଇଛି । ଗତ ୫ ବର୍ଷ ମଧ୍ୟରେ ୯ ଲକ୍ଷ ଭାରତୀୟ ନାଗରିକତା ଛାଡି ବିଦେଶରେ ସ୍ଥାୟୀ ଭାବେ ବସବାସ କରିଛନ୍ତି ବୋଲି କୁହାଯାଇଛି । ରାଜ୍ୟସଭାରେ ଏ ନେଇ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତର ଦେଇ ବିଦେଶ ରାଜ୍ୟମନ୍ତ୍ରୀ କିର୍ତ୍ତିବର୍ଦ୍ଧନ ସିଂହ କହିଛନ୍ତି ଯେ, ୨୦୧୧ରୁ ୨୦୨୪ ମଧ୍ୟରେ ପାଖାପାଖି ୨୧ ଲକ୍ଷ ଭାରତୀୟ ବିଦେଶୀ ନାଗରିକତା ଆପଣାଇଛନ୍ତି । କିନ୍ତୁ ୨୦୨୧ ପରେ



### କୋଭିଡ ମହାମାରୀ ପରେ ବଢ଼ିଛି ବିଦେଶ ପ୍ରୀତି

ଏହି ସଂଖ୍ୟାରେ ଯଥେଷ୍ଟ ବୃଦ୍ଧି ଘଟିଛି । ୨୦୨୦ କରୋନା ମହାମାରୀ ବର୍ଷରେ ଏହି ସଂଖ୍ୟାରେ ଅବନତି ହୋଇଥିଲା ଓ ଏହା ୮୫ ହଜାରରେ ପହଞ୍ଚିଥିଲା । କିନ୍ତୁ ଏହାପରେ ଏହି ସଂଖ୍ୟା ୨ ଲକ୍ଷ ଆଖପାଖରେ ପହଞ୍ଚିଛି । ୨୦୧୧ରେ ୧୨୨୮୧୯, ୨୦୧୨ରେ ୧୨୦୯୨୧, ୨୦୧୩ରେ ୧୩୧୪୦୫, ୨୦୧୪ରେ ୧୨୯୩୨୮, ୨୦୧୫ରେ ୧୩୧୪୮୯, ୨୦୧୬ରେ ୧୪୧୬୦୩, ୨୦୧୭ରେ୧୩୩୦୪୯, ୨୦୧୮ରେ ୧୩୪୫୬୧, ୨୦୧୯ରେ ୧୪୪୦୧୭, ୨୦୨୦ରେ ୮୫୨୫୬, ୨୦୨୧ରେ ୧୬୩୩୭୦, ୨୦୨୨ରେ ୨୨୫୬୨୦, ୨୦୨୩ରେ ୨୧୬୨୧୯ ଓ ୨୦୨୪ରେ ୨୦୬୩୭୮ ଲୋକ ଭାରତୀୟ ନାଗରିକତା ଛାଡିଛନ୍ତି ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି ।

ତେବେ ଗତ ୩ ବର୍ଷ ମଧ୍ୟରେ ମଧ୍ୟପ୍ରାଚ୍ୟ ଦେଶଗୁଡିକରୁ ୫,୯୫୪ ଭାରତୀୟ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି । ସୁରକ୍ଷା ▶ପୃଷ୍ଠା-୭

# ବର୍ଦ୍ଧିତ ଦରମା, ଭତ୍ତା ନେବେନି ନବୀନ


## ଗରିବଙ୍କ କଲ୍ୟାଣରେ ବିନିଯୋଗ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଲେ ଚିଠି

■ ଭୁବନେଶ୍ୱର, ୧୩।୧୨ (ସମିସ): ବର୍ଦ୍ଧିତ ଦରମା ଓ ଭତ୍ତା ନେବେ ନାହିଁ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବିଧାନସଭା ଶୀତକାଳୀନ ଅଧିବେଶନରେ ସରକାର ୪ଟି ବିଲ୍ ଆଣି ବାଚସ୍ପତି, ମନ୍ତ୍ରୀ ଓ ବିଧାୟକମାନଙ୍କ ଦରମା ଓ ଭତ୍ତାକୁ ଅଢ଼େଇ ଗୁଣ ବୃଦ୍ଧି କରିବା ଘଟଣା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ଶନିବାର ନବୀନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଚିଠି ଲେଖି ତାଙ୍କ ବର୍ଦ୍ଧିତ ଦରମା ଓ ଭତ୍ତା ରାଜ୍ୟ ଗରିବ ଲୋକଙ୍କ କଲ୍ୟାଣରେ ବିନିଯୋଗ କରିବାକୁ ଅନୁରୋଧ କରିଛନ୍ତି । ତାଙ୍କର ଏହି ନିଷ୍ପତ୍ତି ପ୍ରତୀକାତ୍ମକ ଭାବେ ନୈତିକତାର ବାର୍ତ୍ତା ଦେଇଛି ।

> ମୋ ପ୍ରତି ଏବଂ ମୋ ପିତାଙ୍କ ପ୍ରତି ଓଡ଼ିଶାବାସୀଙ୍କ ଭଲପାଇବା ପାଇଁ ଚିର ଋଣୀ

### 'ଫନୀ' ସମୟରେ ୬ ମାସର ଦରମା ଦାନ କରିଥିଲେ ନବୀନ

### ୨୦୧୫ରେ ପୈତୃକ ସମ୍ପତ୍ତି 'ଆନନ୍ଦ ଭବନ'କୁ କରିଛନ୍ତି ଦାନ



ଗତ ୯ ତାରିଖରେ ରାଜ୍ୟ ବିଧାନସଭାରେ ବିଧାୟକମାନଙ୍କର ଦରମା ଓ ଭତ୍ତା ବୃଦ୍ଧି ବିଲ୍ ପାସ୍ ହୋଇଛି । ଏହି ବିଲ୍ ପାସ ପରେ ରାଜ୍ୟର ସମସ୍ତ ବିଧାୟକ ଓ ପୂର୍ବତନ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ପାଇଛି । ବିଧାୟକମାନଙ୍କର ଅନ୍ୟୁନ ଅଢ଼େଇ ଗୁଣା ଦରମା ବଢ଼ିଥିବା ବେଳେ ବିରୋଧୀ ଦଳ ନେତା ଭାବେ ନବୀନଙ୍କର ବର୍ଦ୍ଧିତ ଦରମା ଓ ଭତ୍ତା ୩ ଲକ୍ଷ ୬୨ ହଜାରରେ ପହଞ୍ଚିଛି ।

ମୁଖ୍ୟମନ୍ତ୍ରୀଙ୍କୁ ନବୀନ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ମୁଁ ଗତ ୨୫ ବର୍ଷରୁ ଅଧିକ ସମୟ ଧରି ଓଡ଼ିଶାବାସୀଙ୍କ ଭଲ ପାଇବା, ସ୍ନେହ, ସମର୍ଥନ ଏବଂ ଆଶୀର୍ବାଦ ପାଇଛି । ମୋ ପ୍ରତି ଏବଂ ମୋ ପିତା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତି ଓଡ଼ିଶାବାସୀଙ୍କ ଭଲପାଇବା ପାଇଁ ମୁଁ ଚିର ଋଣୀ । ଆପଣ ଜାଣିଥିବେ ଯେ ୨୦୧୫ ମସିହାରେ ଆମ ପରିବାର କଟକସ୍ଥିତ ନିଜ ପୈତୃକ ସମ୍ପତ୍ତି 'ଆନନ୍ଦ ଭବନ'କୁ ରାଜ୍ୟବାସୀଙ୍କ ବ୍ୟବହାର ପାଇଁ ଦାନ କରିବାକୁ ନିଷ୍ପତ୍ତି ନେଇଥିଲୁ । ସେହିଭଳି ଓଡ଼ିଶା ▶ପୃଷ୍ଠା-୭

## ମାଲକାନଗିରି ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ହେବାକୁ ଅପେକ୍ଷା

# ଆହୁରି ୩୬ ଘଣ୍ଟା ପାଇଁ ଇଣ୍ଟରନେଟ୍ ବନ୍ଦ

■ ମାଲକାନଗିରି, ୧୩।୧୨ (ସମିସ): ଏମ୍‌ଭି-୨୬ ଗ୍ରାମରେ ବିଏନ୍‌ଏସ୍‌ଏସ୍ ୧୬୩ ଧାରା ଉଚ୍ଛେଦ କରାଯାଇଛି ବୋଲି ଶନିବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ମଧ ଉପସ୍ଥିତ ଥିଲେ । ଅଧିକାଂଶ ଗ୍ରାମବାସୀ ନିଜ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରିଥିବା ଜିଲ୍ଲାପାଳ ଏଥିରେ ସୂଚନା ଦେଇଛନ୍ତି । ଏମ୍‌ଭି-୨୬ ଗ୍ରାମରେ ଶାନ୍ତି ଫେରିଛି । ଇଣ୍ଟରନେଟ୍ ସେବାକୁ ଆହୁରି ୩୬ ଘଣ୍ଟା ଅର୍ଥାତ୍ ସୋମବାର ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ବନ୍ଦ କରାଯାଇଛି । କରାଯାଇଥିବା ଶାନ୍ତି କମିଟି ବୈଠକ ମଧ ସଫଳ ହୋଇଛି । ସମସ୍ତଙ୍କ ମଧ୍ୟରେ ଶାନ୍ତି ପୂର୍ବଭଳି ଫେରିଥିବା ଜିଲ୍ଲପାଳ ସୂଚାଇଛନ୍ତି । ପୁଲିସ୍ ଅଧିକାରୀଙ୍କ ମାଧ୍ୟମରେ ସ୍ଥାନୀୟ



ଅଞ୍ଚଳମାନଙ୍କରେ ମଧ ଶାନ୍ତି କମିଟି ବୈଠକ କରାଯାଉଛି । ସେହିପରି ଉଭୟ ପକ୍ଷ ଜିଲ୍ଲାପାଳ ଓ ଏସ୍‌ପିଙ୍କ ସହ ଅହରହ ଯୋଗାଯୋଗରେ ଥିବା ପ୍ରକାଶ କରିଛନ୍ତି ଜିଲ୍ଲାପାଳ । ଏଥିସହ ଦକ୍ଷିଣାଞ୍ଚଳ ଆରଡିସି ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏବଂ ଜିଲ୍ଲାପାଳ, ଏସପି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ବନଖଣ୍ଡ ଅଧିକାରୀ ଓ ଉପ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଆଦିବାସୀ ସମାଜର

### ଏମ୍‌ଭି-୨୬ ଗ୍ରାମରୁ ଉଠିଲା ବିଏନ୍‌ଏସ୍‌ଏସ୍ ଧାରା ୧୬୩

### ପୋଡାଜଳା ଘଟଣାରେ ୬ ଗିରଫ

ପ୍ରତିନିଧିଙ୍କ ସହ ଦୀର୍ଘ ଦିନରୁ ରହିଥିବା ଜମି ଓ ରାଜସ୍ୱ ସମ୍ପର୍କିତ ବିଷୟରେ ଆଲୋଚନା କରାଯାଇଛି । ସେହିପରି ମୃତ ମହିଳାଙ୍କ ସନ୍ତାନଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଛି । ଆହୁରି ୪ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ▶ପୃଷ୍ଠା-୭

## କେରଳ ପୌର ନିର୍ବାଚନ

# ୪୫ ବର୍ଷ ପରେ ବାମଗଡ଼ରେ 'ପଦ୍ମ'

■ ତିରୁଅନନ୍ଦପୁରମ୍, ୧୩।୧୨ (ଏଜେନ୍ସି): କେରଳର ସ୍ଥାନୀୟ ନଗରପାଳିକା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ଐତିହାସିକ ସଫଳତା ହାସଲ କରିଛି । ଏହା କେରଳ ରାଜନୈତିକ ଦୃଶ୍ୟପଟରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ଭାବ୍ୟ ପରିବର୍ତ୍ତନକୁ ସୂଚାଉଛି । ପୂର୍ବରୁ କେରଳରେ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟର ପ୍ରଭାବ ଥିଲା । ଏବେ ଏହି ପ୍ରଭାବ କ୍ଷୁଣ୍ଣ ହେବାରେ ଲାଗିଛି । ତିରୁବନନ୍ଦପୁରମ ନଗର ନିଗମର ୧୦୧ଟି ୱାର୍ଡ ମଧ୍ୟରୁ ଏନ୍‌ଡିଏ ୫୦ଟିରେ ବିଜୟୀ ହୋଇଛି । ଗତ ୪୫ ବର୍ଷ ଧରି ଏହା ବାମ ସାମ୍ମୁଖ୍ୟ (ଏଲ୍‌ଡିଏଫ୍) ଅକ୍ତିଆରରେ ଥିଲା । ନିର୍ବାଚନରେ ଏଲ୍‌ଡିଏଫ୍ ୨୯ ଓ କଂଗ୍ରେସ ମେଣ୍ଟ (ୟୁଡିଏଫ୍) ୧୯ଟି ୱାର୍ଡରେ ବିଜୟୀ ▶ପୃଷ୍ଠା-୭




# ରକ୍ତମୁଖା ବାଲି ମାଫିଆ

## ଫୁଟିଲା ଗୁଳି; ଅଶାନ୍ତ ଗିଲାଯୋଡ଼ି

■ ବସ୍ତା ବ୍ଲକ, ୧୩।୧୨ (ସମିସ): ଦିନକୁ ଦିନ ବାଲିର ଅବାଧ ଚୋରା ଚାଲାଣ ଥମିବାର ନାମ ନେଉ ନାହିଁ । ପ୍ରଶାସନ ନିଜର ସରକାରୀ କଳ ଲଗାଇ ବାଲି ଚୋରି ଓ ଖନନକୁ ରୋକିବାକୁ ଅସମର୍ଥ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି । ବାଲି ମାଫିଆଙ୍କୁ ରୋକ ଦେବା ପାଇଁ ସତେ ଯେପରି ସେମାନେ ଅସହାୟ ହୋଇ ପଡ଼ିଥିବା କୁହା ଯାଉଛି । ଅନ୍ୟପକ୍ଷେ ବାଲି ଚୋରି କରି ଶହ ଶହ ଡମ୍ଫର ଟ୍ରାକ୍ଟର ରାତି ସାରା ବାଲି ବୋହୁଥିବା ବେଳେ ଅଞ୍ଚଳବାସୀ ଅତିଷ୍ଠ ହୋଇ ପଡୁଛନ୍ତି । ଯାହାକୁ ନେଇ ଏହି ଚୋରି ରୋକିବାକୁ ସ୍ଥାନୀୟ ଗ୍ରାମବାସୀ ଅଣ୍ଟା ଭିଡୁଥିବା ବେଳେ ମାଫିଆ ମାନେ ରକ୍ତ ମୁଖା ହୋଇ ଉଠୁଛନ୍ତି । ଯିଏ ତାଙ୍କ ବ୍ୟବସାୟରେ କଣ୍ଟା ହେଲା ତାକୁ ଆକ୍ରମଣ କରିବାର ଦୂରର କଥା ଆଇନ, ପୁଲିସ ଓ ପ୍ରଶାସନକୁ



### ୨ କାର୍ ଭଙ୍ଗାରୁଜା, ୪ ଜଣଙ୍କୁ ପୁଲିସ ଜିମା

ଖୋଲା ଚାଲେଞ୍ଜ କରି ବିରୋଧ କାରୀଙ୍କୁ ରାସ୍ତାରୁ ହଟାଇ ଦେବାକୁ ଯୋଜନା କରିବା ଆଇନ ଶୃଙ୍ଖଳାକୁ ବିପର୍ଯ୍ୟସ୍ତ କରିଦେଇଛି । ଧିରେ ଧିରେ ମାଫିଆମାନେ ଖୋଲା ଖୋଲି ଅସାମାଜିକ କାରବାର ରେ ବନ୍ଧୁକ ବ୍ୟବହାର କରିବା ଚିନ୍ତାର କାରଣ ପାଲଟିଛି । ଏହି କ୍ରମରେ ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଗିଲାଯୋଡି ଅଶାନ୍ତ ହୋଇ ପଡ଼ିଛି । ଏକ ମାସ ମଧ୍ୟରେ ବାଲି ଚାଲାଣକୁ ବିରୋଧ କରୁଥିବା ଲୋକଙ୍କ ଦୋକାନ ପୋଡ଼ି, ଭୁଜାଲିରେ ମରଣାନ୍ତକ ଆକ୍ରମଣ ଭଳି ଘଟଣାକୁ ନେଇ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଶୁକ୍ରବାର ବିଳମ୍ବିତ ରାତିରେ ୩ଟି କାରରେ ବାଲି ମାଫିଆ ବାହାର ଅଞ୍ଚଳରୁ କିଛି ଗୁଣ୍ଡା କୁ ଧରି ଗ୍ରାମ ଭିତରେ ପଶି ଗୁଳି ଫୁଟାଇବା ଘଟଣା ବସ୍ତା ଅଞ୍ଚଳରେ ଆଲୋଡନ ଖେଳାଇ ଦେଇଛି । ଏହାର ପରିଣାମ ସ୍ୱରୂପ ଗ୍ରାମବାସୀ ସେମାନଙ୍କୁ ଘେରି ଯିବା ଫଳରେ ସେମାନେ ଫେରାର ହେବାକୁ ମସୁଧା କରୁଥିବା ବେଳେ ଶେଷରେ ସମସ୍ତେ ଖସି ନ ପାରି ୪ ଜଣ ଦୁର୍ବୃତ୍ତ ଲୋକଙ୍କ ହାତରେ ଧାରା ପଡ଼ିବା ସହିତ ୨ଟି କାର ଛାଡ଼ି ପଳାଇଥିବା ବେଳେ ଉତ୍ତ୍ୟକ୍ତ ଲୋକ ଦୁଇଟି ଗାଡ଼ିକୁ ଭାଙ୍ଗି ଦେବା ସହିତ ଅଟକଙ୍କୁ ସିଂଲା ପୁଲିସକୁ ହସ୍ତାନ୍ତର କରି ଥିବା ଜଣା ପଡିଛି ।

ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଅମ୍ବାକୁତୁଚି ଗ୍ରାମରେ ଥିବା ବାଲି ଖାଦାନ କୁ ନେଇ ଗତ ନଭେମ୍ବର ୨୮ ତାରିଖରେ ଗିଲୋଜୋଡି ଗ୍ରାମରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା । ଜଣେ ଯୁବକଙ୍କ ଅବସ୍ଥା ସଙ୍କଟାପନ୍ନ ହେବା ସହ ଏକାଧିକ ଗୁରୁତର ହୋଇ ଥିଲେ । ଯାହାକୁ ନେଇ ସେବେଠାରୁ ଗ୍ରାମରେ ପୁଲିସ ଫୋର୍ସ ମୁତୟନ କରା ଯାଇଛି । ମାତ୍ର ଶୁକ୍ରବାର ବିଳମ୍ବିତ ରାତିରେ ସନ୍ଦେହ ଅବସ୍ଥାରେ ତିନୋଟି କାର ରେ କିଛି ଯୁବକ ଗ୍ରାମ ଭିତରକୁ ଆସିଥିବା ବେଳେ ଗ୍ରାମବାସୀ ସେମାନଙ୍କୁ ଅଟକାଇ ପଚରାଉଚରା କରିବାରୁ ସେମାନେ ଫାଙ୍କା ଗୁଳି ଚାଳନା କରି ଗୋଟିଏ କାର ସହ ▶ପୃଷ୍ଠା-୭

ଦେଶ ବିଦେଶ

ସକାଳ THE SAKALA
www. sakalaepaper.com



# ପାକିସ୍ତାନ କୋର୍ଟରେ 'ଧୁରନ୍ଧର'

ଇସଲାମାବାଦ୍, ୧୩।୧୨(ଏଜେନ୍ସି): ପାକିସ୍ତାନର କରାଚୀର ଏକ କୋର୍ଟରେ ବଲିଉଡ ସିନେମା 'ଧୁରନ୍ଧର' ବିରୋଧରେ ଏକ ଆବେଦନ ଦାଏର କରାଯାଇଛି। ଏଥିରେ ଅଭିଯୋଗ କରାଯାଇଛି ଯେ, ଏହି ସିନେମାରେ ପାକ ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜିର ଭୁଟ୍ଟୋଙ୍କ ଫଟୋ, ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ର ପତାକା ଓ ପାର୍ଟି ରାଲିଗୁଡିକର ଚିତ୍ର ବିନା ଅନୁମତିରେ ବ୍ୟବହାର କରାଯାଇଛି। ପୁଣି ଆତଙ୍କବାଦକୁ ପିପିପି ସମର୍ଥନ କରୁଛି ବୋଲି ଏହି ସିନେମାରେ ଦର୍ଶାଇବାକୁ ପ୍ରୟାସ କରାଯାଇଛି ବୋଲି କୁହାଯାଇଛି। ପିପିପି କର୍ମୀ ମହମ୍ମଦ ଆମୀର କରାଚୀର ଜିଲ୍ଲା ଓ ସେସନ କୋର୍ଟରେ ଏ ନେଇ ଆବେଦନ କରିଛନ୍ତି। ସିନେମାର ନିର୍ମାତା, ନିର୍ଦ୍ଦେଶକ, କଳାକାର ଓ ସିନେମା ପ୍ରଚାର ସହିତ ଜଡିତ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ବିରୋଧରେ ଏଫ୍ଆଇଆର୍ ଦାଏର କରିବାକୁ ଆବେଦନରେ ଦାବି କରାଯାଇଛି। ସିନେମାର ପ୍ରମୁଖ ଅଭିନେତା ରଣବୀର ସିଂ, ଅକ୍ଷୟ ଖାନ୍ନା, ସଞ୍ଜୟ ଦତ୍ତ, ଅର୍ଜୁନ ରାମପାଲ, ଆର ମାଧବନ, ସାରା ଅର୍ଜୁନ ଓ ରାକେଶ ବେଦୀଙ୍କ ସମେତ ନିର୍ଦ୍ଦେଶକ ଆଦିତ୍ୟ ଧର, ନିର୍ମାତା ଲୋକେଶ ଧର ଓ ଜ୍ୟୋତି କିଶୋର ଦେଶପାଣ୍ଡେଙ୍କ ନାମ ଆବେଦନରେ ଉଲ୍ଲେଖ କରାଯାଇଛି। ପାକିସ୍ତାନ ବିରୋଧୀ ଆଭିମୁଖ୍ୟ ପାଇଁ ଧୁରନ୍ଧରକୁ ୬ଟି ଉପସାଗରୀୟ ଦେଶରେ ନିଷିଦ୍ଧ କରାଯାଇଛି। ମୁକ୍ତିଲାଭ କରିବାର ୯ମ ଦିନରେ ଏହି ସିନେମା ୧୫.୭୮ କୋଟି ଟଙ୍କା ଆୟ କରିଛି। ଏଥିସହ ଧୁରନ୍ଧର ମୋଟ ଉପରେ ୨୫୫.୫୩ କୋଟି ଟଙ୍କା ଆୟ କରି ସୁପରହିଟ୍ ସାବ୍ୟସ୍ତ ହୋଇଛି।



# ନୋବେଲ ପୁରସ୍କାର ବିଜୟିନୀ ଗିରଫ

ତେହେରାନ, ୧୩।୧୨ (ଏଜେନ୍ସି): ଇରାନରେ ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ତଥା ମାନବାଧିକାର କର୍ମୀ ନର୍ଗିସ ମହମ୍ମଦୀଙ୍କୁ ପୁଣିଥରେ ଗିରଫ କରାଯାଇଛି। ନର୍ଗିସ ମଶହଦ ଶହରରେ ଏକ ଶୋକ ସଭାରେ ସାମିଲ ହେବାକୁ ଯାଇଥିଲେ। ସେଠାରେ ହିଁ ତାଙ୍କ ଗିରଫ କରାଯାଇଛି। ସେ ସ୍ୱର୍ଗତ ମାନବାଧିକାର ଓକିଲ ଖୋସରୋ ଅଲକୋର୍ଦୀଙ୍କ ସ୍ମୃତି ସଭାରେ ଯୋଗ ଦେବାକୁ ଯାଇଥିଲେ। ଗତ ସପ୍ତାହରେ ଅଲକୋର୍ଦୀଙ୍କୁ ନିଜ କାର୍ଯ୍ୟାଳୟରେ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସେ ହୃଦ୍‌ଘାତ କାରଣରୁ ମୃତ୍ୟୁବରଣ କରିଥିଲେ ବୋଲି ଇରାନ ଅଧିକାରୀମାନେ କହିଥିଲେ। କିନ୍ତୁ ଏହାକୁ ସନ୍ଦେହ କରାଯାଉଛି। ବିନା ହିଜାବରେ ସେ ଭାଷଣ ଦେଇଥିବାରୁ ତାଙ୍କୁ ଗିରଫ କରାଯାଇଛି ବୋଲି କୁହାଯାଇଛି। ନର୍ଗିସଙ୍କୁ କେଉଁଠାରେ ରଖାଯାଇଛି ସେ ନେଇ କିଛି କୁହାଯାଇନାହିଁ। ନର୍ଗିସଙ୍କ ଗିରଫ ନେଇ ନୋବେଲ କମିଟି ଚିନ୍ତା ପ୍ରକଟ କରିଛି। ୨୦୨୩ରେ ତାଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ଇରାନ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ସଂଘର୍ଷ ଓ ମାନବାଧିକାରଗୁଡିକୁ ଆଗକୁ ବଢ଼ାଇବା ପାଇଁ ନୋବେଲ ପୁରସ୍କାର ଦିଆଯାଇଥିଲା। ଇରାନରେ ମୃତ୍ୟୁଦଣ୍ଡ, ଜବରଦସ୍ତି ହିଜାବ ପିନ୍ଧାଇବା, ଅଭିବ୍ୟକ୍ତିର ସ୍ୱାଧୀନତା ନେଇ ଲଗାଯାଇଥିବା କଟକଣା ବିରୋଧରେ ସେ ସ୍ୱର ଉତ୍ତୋଳନ କରୁଥିଲେ। ଏହି କାରଣରୁ ତାଙ୍କୁ ୨୦୨୧ରେ ଗିରଫ କରାଯାଇଥିଲା।

# ପାକିସ୍ତାନରେ ପଢ଼ା ହେବ ସଂସ୍କୃତ, ଗୀତା

ଲାହୋର, ୧୩।୧୨(ଏଜେନ୍ସି): ସ୍ୱାଧୀନତା ପରେ ପାକିସ୍ତାନରେ ପ୍ରଥମଥର ପାଇଁ ସଂସ୍କୃତ ଭାଷାରେ ପାଠ୍ୟକ୍ରମ ଆରମ୍ଭ କରାଯାଇଛି। ଲାହୋର ୟୁନିଭର୍ସିଟି ଅଫ୍ ମ୍ୟାନେଜମେଣ୍ଟ ସାଇନ୍ସ (ଏଲ୍‌ୟୁଏମ୍‌ଏସ୍)ରେ ପ୍ରଥମ ୩ ମାସରେ ଏ ନେଇ ଏକ କ୍ଷୁଦ୍ରକାଳୀନ ସପ୍ତାହନ୍ତ କର୍ମଶାଳା ଆରମ୍ଭ କରିଛି। ଏହାକୁ ନେଇ ଛାତ୍ରମାନଙ୍କ ମଧ୍ୟ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ସଂସ୍କୃତ ଭାଷା ସହିତ ଭଗବତ ଗୀତା ଓ ମହାଭାରତକୁ ମଧ୍ୟ ପାଠ୍ୟକ୍ରମରେ ସାମିଲ କରାଯିବ ବୋଲି କୁହାଯାଇଛି। ଏହି ପଦକ୍ଷେପ ଧାର୍ମିକ ନୁହେଁ ବରଂ ଏହା ଶିକ୍ଷାଗତ ଓ ସାଂସ୍କୃତିକ ଐତିହ୍ୟର ପୁନରୁଦ୍ଧାର ପାଇଁ ଗ୍ରହଣ କରାଯାଇଛି ବୋଲି ବିଶ୍ୱବିଦ୍ୟାଳୟର ଅଧିକାରୀ ଓ ଅଧ୍ୟାପକମାନେ କହିଛନ୍ତି। ଜଣେ ଅଧ୍ୟାପକ କହିଛନ୍ତି ଯେ, ସଂସ୍କୃତ ଏହି ଭୂମି ପାଇଁ ବିଦେଶୀ ନୁହେଁ। ଏହା ଏହି ଅଞ୍ଚଳର ଭାଷା, ସାହିତ୍ୟ ଓ ଚିନ୍ତାଧାରକୁ ନୂଆ ରୂପ ଦେଇଛି। ଏହାକୁ ଅଧ୍ୟୟନ କଲେ ଆମେ ଆମର ନିଜସ୍ୱ ଅତୀତକୁ ଭଲଭାବେ ବୁଝିବାରେ ସକ୍ଷମ ହୋଇପାରିବୁ। ସଂସ୍କୃତ କୌଣସି ଗୋଟିଏ ଧର୍ମରେ ବନ୍ଧା ନୁହେଁ ବୋଲି କୁହାଯାଇଛି।

# 'ଜାନୁଆରୀରେ ଶିବ୍‌କୁମାର ମୁଖ୍ୟମନ୍ତ୍ରୀ ହେବେ'

ବେଙ୍ଗାଲୁରୁ, ୧୩।୧୨(ଏଜେନ୍ସି): କର୍ଣ୍ଣାଟକ କଂଗ୍ରେସ ବିଧାୟକ ଇକବାଲ ହୁସେନ ଏକ ବଡ଼ ଭବିଷ୍ୟବାଣୀ କରି ହଇଚଇ ସୃଷ୍ଟି କରିଛନ୍ତି। ବିଧାନସଭାର ଶୀତକାଳୀନ ଅଧିବେଶନ ପରେ ଅର୍ଥାତ ଡିସେମ୍ବର ୬ରେ ସେ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିବେ ବୋଲି ସେ କହିଛନ୍ତି। ଫଳରେ କର୍ଣ୍ଣାଟକରେ କଂଗ୍ରେସ ନେତୃତ୍ୱ ନେଇ ହେଉଥିବା ଆକଳନ, ଆଲୋଚନ ଓ ଅନୁମାନ ଆହୁରି ଜୋରଧରିଛି। ଇକବାଲ ରାମନଗର ବିଧାୟକ ଭାବେ ଶିବକୁମାର ଓ ଅନ୍ୟ ବିଧାୟକଙ୍କ ବିଳମ୍ବିତ ରାତି ବୈଠକରେ ଯୋଗ ଦେବା ପରେ ଏହି କଥା କହିଛନ୍ତି। ଏହି ବୈଠକରେ ୫୦ରୁ ୫୫ ବିଧାୟକ ଯୋଗ ଦେଇଥିଲେ। ତେବେ ଏହା ଶକ୍ତି ପ୍ରଦର୍ଶନ ନଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଥାଉ କି, ପଦ ପାଇଁ ଶିବକୁମାର ଓ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କ ମଧ୍ୟ ଟଣାଓଟଣା ଦୀର୍ଘ ବର୍ଷ ଧରି ଚାଲୁ ରହିଛି।

# ୟୁପି ବିଜେପିର ନୂଆ ଅଧ୍ୟକ୍ଷ ହେବେ ପଙ୍କଜ ଚୌଧୁରୀ

ଲକ୍ଷ୍ନୌ, ୧୩।୧୨(ଏଜେନ୍ସି): କେନ୍ଦ୍ର ଅର୍ଥ ରାଜ୍ୟମନ୍ତ୍ରୀ ପଙ୍କଜ ଚୌଧୁରୀ ଉତ୍ତରପ୍ରଦେଶ ବିଜେପିର ଅଧ୍ୟକ୍ଷ ହେବା ଏକପ୍ରକାର ନିଶ୍ଚିତ ହୋଇଛି। ରାଜଧାନୀ ଲକ୍ଷ୍ନୌସ୍ଥିତ ବିଜେପି କାର୍ଯ୍ୟାଳୟରେ ସେ ନିଜର ନାମାଙ୍କନ ଦାଖଲ କରିଛନ୍ତି। ଅପରାହ୍ଣ ୩ଟା ପର୍ଯ୍ୟନ୍ତ ନାମାଙ୍କନ ଦାଖଲ କରିବାର ସମୟସୀମା ଥିଲା। କିନ୍ତୁ ଆଉ କେହି ନାମାଙ୍କନ ଦାଖଲ କରି ନଥିବାରୁ ପଙ୍କଜ ଏକମାତ୍ର ପ୍ରାର୍ଥୀ ଭାବେ ନିର୍ବିରୋଧରେ ବିଜେପି ଅଧ୍ୟକ୍ଷ ହେବା ସ୍ପଷ୍ଟ ହୋଇଛି। ପଙ୍କଜ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ନିକଟତର ଭାବେ ଜଣାଶୁଣା। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଉପ-ମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଓ ବ୍ରଜେଶ ପାଠକଙ୍କ ସମେତ ୧୦ଜଣ ନେତା ପଙ୍କଜଙ୍କ ନାମକୁ ନେଇ ପ୍ରସ୍ତାବ ଦେଇଥିଲେ। ଏବେ ରବିବାର ଲୋହିଆ ନ୍ୟାସନାଲ ଲ ୟୁନିଭର୍ସିଟିରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲ ନୂଆ ଅଧ୍ୟକ୍ଷ ଭାବେ ପଙ୍କଜଙ୍କ ନାମ ଘୋଷଣା କରିବେ ବୋଲି ଆଶା କରାଯାଉଛି। ପଙ୍କଜ ଯୋଗୀଙ୍କ ଗଡ଼ ଗୋରଖପୁରରୁ ଆସିଛନ୍ତି ଓ ସେ ମହରାଜଗଞ୍ଜରୁ ୭ଥର ସାଂସଦ ଭାବେ ନିର୍ବାଚିତ ହୋଇଛନ୍ତି।

# ଗୁଇନ୍ଦାଗିରି ଅଭିଯୋଗରେ ସେନା ଅଧିକାରୀ ଗିରଫ

ଗୌହାଟୀ, ୧୩।୧୨(ଏଜେନ୍ସି): ପାକିସ୍ତାନ ଗୁପ୍ତଚର ନେଟ୍‌ୱର୍କ ସହିତ ସମ୍ପର୍କ ରଖିବା ଅଭିଯୋଗରେ ଆସାମରେ ଜଣେ ପୂର୍ବତନ ବାୟୁସେନା ଅଧିକାରୀଙ୍କୁ ଗିରଫ କରାଯାଇଛି। ପାକିସ୍ତାନ ପାଇଁ ଗୁପ୍ତଚର ଅଭିଯୋଗରେ ଆସାମ ପୁଲିସ ବାୟୁସେନା ଅଧିକାରୀ କୁଳେନ୍ଦ୍ର ଶର୍ମାଙ୍କୁ ଶୁକ୍ରବାର ରାତିରେ ଗିରଫ କରିଛି। କୁଳେନ୍ଦ୍ର ଜେଜପୁରର ପଟିଆ ଅଞ୍ଚଳରେ ବାସିନ୍ଦା। ପୁଲିସ ତାଙ୍କ ଉପରେ ଲଗାତର ନଜର ରଖିଥିଲା ଓ ପ୍ରାଥମିକ ତଦନ୍ତ ପରେ ତାଙ୍କୁ ଗିରଫ କରାଯାଇଛି ବୋଲି କୁହାଯାଇଛି। ପାକିସ୍ତାନର ଏକ ଗୁପ୍ତଚର ସଂସ୍ଥାକୁ ସେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ସୂଚନା ଦେଉଥିବାର ଅଭିଯୋଗ ହୋଇଛି। ତାଙ୍କ ମୋବାଇଲ ଓ ଲାପଟପ୍‌ରୁ ଏ ନେଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ସନ୍ଦେହଜନକ ସାମଗ୍ରୀ ଜବତ କରାଯାଇଛି। ଅବସର ନେବା ପୂର୍ବରୁ ତାଙ୍କୁ ତେଜପୁରର ଏୟାର ଫୋର୍ସ ଷ୍ଟେସନରେ ଜୁନିଅର ୱାରେଣ୍ଟ ଅଧିକାରୀ ଭାବେ ନିୟୋଜିତ କରାଯାଇଥିଲା। ୨୦୦୨ରେ ସେ ଅବସର ନେଇଥିଲେ। ତାଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ମାମଲା ରୁଜୁ କରାଯାଇଛି ବୋଲି ପୁଲିସ କହିଛି।

# ପଶ୍ଚିମବଙ୍ଗ ଏସ୍‌ଆଇଆର୍‌ରେ କଟିଲା ୫୮ ଲକ୍ଷ ଭୋଟରଙ୍କ ନାମ

କୋଲକାତା, ୧୩।୧୨(ଏଜେନ୍ସି): ପଶ୍ଚିମବଙ୍ଗରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର)ର ପ୍ରଥମ ପର୍ଯ୍ୟାୟ ଶେଷ ପରେ ନିର୍ବାଚନ କମିଶନ ଶୁକ୍ରବାର ଆସନ ଅନୁଯାୟୀ ତଥ୍ୟ ଉପସ୍ଥାପନ କରିଛି। ରାଜ୍ୟରେ ମୋଟ୍ ୫୮ ଲକ୍ଷରୁ ଅଧିକ ନାମ ଭୋଟର ତାଲିକାରୁ ହଟାଯାଇଛି ବୋଲି କମିଶନ କହିଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଭବାନୀପୁର ଆସନରୁ ୪୪, ୭୮୭ ଭୋଟରଙ୍କ ନାମ ହଟାଯାଇଛି। ଏଠାରେ ଗତ ଜାନୁଆରୀରେ ତାଲିକାରେ ୧, ୬୧, ୫୦୯ ଭୋଟର ଥିଲେ। ସେହିପରି ବିଜେପି ନେତା ତଥା ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ନନ୍ଦୀଗ୍ରାମ ଆସନରେ ୧୦, ୫୯୯ ଭୋଟ ହଟାଯାଇଛି। ଏସ୍‌ଆଇଆର୍ ପୂର୍ବରୁ ଏଠାରେ ୨, ୭୮, ୨୧୨ ଭୋଟର ଥିଲେ। ଜିଲ୍ଲାଗୁଡିକୁ ନେଇ ପ୍ରକାଶିତ ପରିସଂଖ୍ୟାନରେ ସାଉଥ ୨୪ ପ୍ରଗଣା ସବୁଠାରୁ ଉପରେ ରହିବ। ଏହି ଜିଲ୍ଲାରେ ୮ ଲକ୍ଷ ୧୬ ହଜାରରୁ ଉର୍ଦ୍ଧ୍ୱ ଭୋଟରଙ୍କ ନାମ ତାଲିକାରୁ ହଟାଯାଇଛି। ଏହି ଅଞ୍ଚଳ ତୃଣମୂଳ କଂଗ୍ରେସ ସାଂସଦ ଅଭିଷେକ ବାନାର୍ଜୀଙ୍କ ଗଡ଼ ବୋଲି ବିବେଚନା କରାଯାଇଥାଏ। ସେ ଡାଇମଣ୍ଡ ହାର୍ବର ଆସନରେ ଗତ ଲୋକସଭା ନିର୍ବାଚନରେ ୭ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇଥିଲେ। ସେପଟେ ବିଜେପି ନେତା ଅମିତ ମାଲବୀୟ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଡିସେମ୍ବର ୧୧ ପୂର୍ବରୁ ଅନ୍ତିମ ତାରିଖରେ ନିଜ ଏସ୍‌ଆଇଆର ଫର୍ମ ପୂରଣ କରିଛନ୍ତି। ସେ ସାମାଜିକ ଗଣମାଧ୍ୟମରେ 'ଏକ୍ସ'ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି ଯେ, ମମତା ପୁଣି ଥରେ ଲୋକଙ୍କୁ ଭୁଆଁ ବୁଲାଇବାକୁ ପ୍ରୟାସ କରିବାର ନିଜର ପୁରୁଣା ପ୍ରକୃତିକୁ ଦୋହରାଇଛନ୍ତି। ସେ ଡିସେମ୍ବର ୧୧ରେ ନିଜର ଏସ୍‌ଆଇଆର ଫର୍ମ ଭରିଛନ୍ତି। ପଶ୍ଚିମବଙ୍ଗର ଜଣେ ବୈଧ ମତଦାତା ଭାବେ ବଜାୟ ରହିବା ପାଇଁ ସେ ଫର୍ମ ପୂରଣ କରିଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି।



- ମମତାଙ୍କ ଆସନରେ ୪୪ ହଜାର ନାମ କଟାଗଲା
- ସାଉଥ ପ୍ରଗଣା ଜିଲ୍ଲାରେ ବାଦ୍ ପଡ଼ିଲେ ୮ ଲକ୍ଷ

ନିର୍ବାଚନ କମିଶନ ଦେଇଥିବା ପରିସଂଖ୍ୟାନ ଅନୁସାରେ ରାଜ୍ୟର ୧୯୪ଟି ବିଧନସଭା ଆସନଗୁଡିକ ମଧ୍ୟରୁ କୋଲକାତାର ଚୋରଙ୍ଗି ଓ କୋଲକାତା ପୋର୍ଟ ଭଳି କ୍ଷେତ୍ରରେ ସର୍ବାଧିକ ନାମ କଟାଯାଇଛି। ଚୋରଙ୍ଗି ଆସନରେ ୭୪, ୫୫୩ ନାମ ହଟାଯାଇଛି। ଏଠାରେ ନୟନା ବନ୍ଦୋପାଧ୍ୟାୟ ଟିଏମସି ଟିକେଟରେ ନିର୍ବାଚିତ ହୋଇଥିଲେ। ସେହିପରି କୋଲକାତା ପୋର୍ଟରୁ ୬୩, ୭୩୦ ନାମ ଭୋଟର ତାଲିକାରୁ କଟାଯାଇଛି। ଏଠାରୁ ବରିଷ୍ଠ ମନ୍ତ୍ରୀ ଫିରହାସ ହାକିମ ବିଜୟୀ ହୋଇଥିଲେ। ସେହିପରି ଟାଲିଗଞ୍ଜରୁ ୩୫, ୩୦୯ ନାମ ହଟାଯାଇଛି। ତେବେ ବାଙ୍କୁରା ଜିଲ୍ଲାର କୋତୁଲପୁରରୁ ସବୁଠାରୁ କମ୍ ୫, ୬୭୮ ନାମ କଟାଯାଇଛି। ମତଦାତାଙ୍କ ମୃତ୍ୟୁ, ଅନ୍ୟସ୍ଥାନକୁ ସ୍ଥାନାନ୍ତର ହେବା ଓ ନକଲି ପ୍ରବେଶ କାରଣରୁ ଭୋଟରମାନଙ୍କ ଏହି ନାମଗୁଡ଼ିକୁ କଟାଯାଇଛି। ବିଜେପି ବିଧାୟକଙ୍କ କ୍ଷେତ୍ରରୁ ମଧ୍ୟ ନାମ କଟାଯାଇଛି। ଏହି କ୍ରମରେ ନନ୍ଦୀଗ୍ରାମରେ ସର୍ବାଧିକ ନାମ କଟାଯାଇଛି। ଆସନସୋଲ ସାଉଥରୁ ୩୯, ୨୦୨, ସିଲିଗୁଡ଼ିରୁ ୩୧, ୧୮୧ ନାମ କଟାଯାଇଛି ବୋଲି କୁହାଯାଇଛି। ଡିସେମ୍ବର ୧୬ରେ ମତଦାତା ସୂଚୀ ପ୍ରକାଶ ପାଇବ।




ସଂସଦ ଆକ୍ରମଣ ଘଟଣାର ୨୪ ବର୍ଷ ପୂରିଛି। ଏହି ଅବସରରେ ସଂସଦ ପରିସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଉପ ରାଷ୍ଟ୍ରପତି ରାଧାକ୍ରିଷ୍ଣନ୍ , ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅନ୍ୟ ସାଂସଦ ସହିଦ ସୁରକ୍ଷାକର୍ମୀଙ୍କୁ ପୁଷ୍ପାଞ୍ଜଳି ପ୍ରଦାନ କରୁଛନ୍ତି।

# ସେନାରେ ୪୯୧ ନୂଆ ଯୁବ ଅଧିକାରୀ

ଡେରାଡୁନ୍, ୧୩।୧୨(ଏଜେନ୍ସି): ଡେରାଡୁନସ୍ଥିତ ଭାରତୀୟ ସୈନ୍ୟ ଏକାଡେମୀ (ଆଇଏମ୍‌ଏ)ର ଐତିହାସିକ ଡ୍ରିଲ ସ୍କୋୟାରରେ ଶନିବାର ୧୫୭ତମ ପାସିଂ ଆଉଟ ପରେଡ୍ ଅନୁଷ୍ଠିତ ହୋଇଥିଲା। ଏହି ପରେଡ୍‌ରେ ପରମ୍ପରା, ଅନୁସାଶନ, ସୈନ୍ୟ ଗାରିମାର ଜୀବନ୍ତ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ଏହି ଅବସରରେ କଠିନ ପ୍ରଶିକ୍ଷଣ ପୂରା କରିଥିବା ଅଧିକାରୀଙ୍କୁ କ୍ୟାଡେଟ ଭାରତୀୟ ସେନାରେ କମିଶନ ପ୍ରଦାନ କରାଯାଇଥିଲା। ଏହିକ୍ରମରେ ନୂଆ ୪୯୧ ଅଧିକାରୀ ଭାରତୀୟ ସେନାରେ ଯୋଗ ଦେଇଥିଲେ।

# ଅସହ୍ୟ ହେଲା ଦିଲ୍ଲୀ ପ୍ରଦୂଷଣ



ନୂଆଦିଲ୍ଲୀ, ୧୩।୧୨(ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆରରେ ପ୍ରଦୂଷଣ ଅତିଶୟ ହୋଇଛି ଓ ବାୟୁ ବିଷାକ୍ତ ହେବାରେ ଲାଗିଛି। ଏହି ବର୍ଦ୍ଧିତ ଏକ୍ୟୁଆଇକୁ ଦୃଷ୍ଟିରେ ରଖି ବାୟୁ ଗୁଣବତ୍ତା ପ୍ରବନ୍ଧନ ଆୟୋଗ (ସିକ୍ୟୁଏଏମ୍) ଜିଆର୍‌ଏପି-୪ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି। ସ୍ଥିତି ଏତେ ଖରାପ ହୋଇଛି ଯେ, ଗୋଟିଏ ଦିନରେ ଦୁଇଥର ଗ୍ରାପ ବଦଳାଯାଇଛି। ସକାଳେ ଗ୍ରାପ୍-୩ ଲାଗୁ କରାଯାଇଥିଲା। କିନ୍ତୁ ପରେ ଏହରାକୁ ହଟାଇ ଗ୍ରାପ୍-୪ ଲାଗୁ କରାଯାଇଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ବାୟୁ ଗୁଣବତ୍ତା ଶନିବାର ସନ୍ଧ୍ୟାରେ ଆହୁରି ଖରାପ ହୋଇଥିଲା। ସନ୍ଧ୍ୟା ୪ଟାରେ ଦିଲ୍ଲୀର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୪୩୧ ଥିଲା। ଏହାର ଦୁଇଘଣ୍ଟା ପରେ ୬ଟାରେ ଏକ୍ୟୁଆଇ ୪୪୧ରେ ପହଞ୍ଚିଥିଲା। ସ୍ଥିର ବାୟୁ ଓ ବାତାବରଣ ଏବଂ ଖରାପ ପାଗ ସ୍ଥିତିକୁ ଆହୁରି ବିଗାଡିଛି। ଗ୍ରାପ-୪ ଲାଗୁ ହେବା ପରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ଉପରେ କଟକଣା ଲାଗୁ କରାଯାଇଥାଏ। ଜାତୀୟ ରାଜପଥ, ସଡ଼କ, ଫ୍ଲାଏ ଓଭର, ଓଭର ବ୍ରିଜ୍, ବିଜୁଳି ବଣ୍ଟନ ସମ୍ପର୍କିତ ଯୋଜନା ଓ ଅତିଆବଶ୍ୟକୀୟ କାର୍ଯ୍ୟକୁ ବାଦ ଦେଲେ ଅନ୍ୟ ସବୁପ୍ରକାର ନିର୍ମାଣ କାର୍ଯ୍ୟକୁ ନିଷିଦ୍ଧ କରାଯାଇଥାଏ। ପୁଣି ଦିଲ୍ଲୀରେ ଟ୍ରକର ପ୍ରବେଶକୁ ରୋକା ଯାଇଥାଏ ଓ ଅନ୍ୟାନ୍ୟ କେତୋଟି କଟକଣା ଲାଗୁ କରାଯାଇଥାଏ। ଦିଲ୍ଲୀ ବାହାରର ପଞ୍ଜୀକୃତ ଗାଡ଼ିକୁ ଭିତରକୁ ଛଡାଯାଇନଥାଏ। ସେହିପରି ସ୍କୁଲ୍‌ରେ ଷଷ୍ଠରୁ ୯ମ ଓ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଅନଲାଇନ୍ କ୍ଲାସ କରିବାକୁ କିମ୍ବା ହାଇବ୍ରିଡ୍ ମୋଡରେ କ୍ଲାସ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥାଏ। ଏକ୍ୟୁଆଇ ଯେତେବେଳେ ୪୫୦ ପାର କରିଥାଏ ସେତେବେଳେ ହିଁ ଗ୍ରାପ୍-୪ ଲାଗୁ କରାଯାଇଥାଏ।

- ଦିଲ୍ଲୀ-ଏନ୍‌ସିଆରରେ ଗ୍ରାପ୍-୪ ଲାଗୁ

## କେରଳ ପୌର ନିର୍ବାଚନ, ୟୁଡିଏଫ୍‌ର ବାଜିମାତ୍

# ବିଜେପି ଛଡ଼ାଇନେଲା ଥିରୁବନନ୍ତପୁରମ ନିଗମ

ଥିରୁଅନନ୍ଦପୁରମ, ୧୩।୧୨(ଏଜେନ୍ସି): କେରଳର ସ୍ଥାନୀୟ ନଗରପାଳିକା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ଐତିହାସିକ ସଫଳତା ହାସଲ କରିଛି। ଏହା କେରଳ ରାଜନୈତିକ ଦୃଶ୍ୟପଟ୍ଟରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ଭାବ୍ୟ ପରିବର୍ତ୍ତନକୁ ସୂଚାଉଛି। ପୂର୍ବରୁ କେରଳରେ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟର ପ୍ରଭାବ ଥିଲା। ଏବେ ଏହି ପ୍ରଭାବ କ୍ଷୁଣ୍ଣ ହେବାରେ ଲାଗିଛି।

ରାଜଧାନୀ ଥିରୁବନନ୍ଦପୁରମ ନଗର ନିଗମର ୧୦୧ଟି ୱାର୍ଡ ମଧ୍ୟରୁ ଏନ୍‌ଡିଏ ୫୦ଟିରେ ବିଜୟୀ ହୋଇଛି। ଗତ ୪୫ ବର୍ଷ ଧରି ଏହା ବାମ ସାମ୍ମୁଖ୍ୟ (ଏଲ୍‌ଡିଏଫ୍) ଅକ୍ତିଆରରେ ଥିଲା। ନିର୍ବାଚନରେ ଏଲ୍‌ଡିଏଫ୍ ୨୯ ଓ କଂଗ୍ରେସ ମେଣ୍ଟ (ୟୁଡିଏଫ୍) ୧୯ଟି ୱାର୍ଡରେ ବିଜୟୀ ହୋଇଛି। ପୂର୍ବରୁ ୨୦୨୦ ନିର୍ବାଚନରେ ଏଲ୍‌ଡିଏଫ୍ ୫୧ଟି ୱାର୍ଡରେ ବିଜୟୀ ହୋଇଥିଲା ଓ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏକୁ ୩୫ଟି ୱାର୍ଡରେ ବିଜୟ ମିଳିଥିଲା। ସେହିପରି ୟୁଡିଏଫ୍ ୧୦ଟିରେ ବିଜୟ ହାସଲ କରିଥିଲା। ତିରୁବନନ୍ତପୁରମକୁ ବରିଷ୍ଠ କଂଗ୍ରେସ ନେତା ଶଶି ଥରୁରଙ୍କ ଗଡ଼ ବୋଲି ବିବେଚନା କରାଯାଏ। ସେ ୨୦୦୯ରୁ ଏହି ଲୋକସଭା ଆସନରୁ ବିଜୟୀ ହୋଇ ଆସୁଛନ୍ତି। ଏନଡିଏର ବିଜୟ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୋଟର ଏବଂ ଦଳୀୟ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିଜେପିର ଏହି ଐତିହାସିକ ବିଜୟରେ ଶଶି ଥରୁର ଅଭିନନ୍ଦନ ଜଣାଇଛନ୍ତି। ଜନାଦେଶକୁ ସମ୍ମାନ ଦିଆଯିବା ଆବଶ୍ୟକ ବୋଲି ସେ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି।

ସୂଚନାଯୋଗ୍ୟ ଯେ ସ୍ଥାନୀୟ ପୌର/ପଞ୍ଚାୟତ ନିର୍ବାଚନରେ ୬ଟି ପୌର ନିଗମ ମଧ୍ୟରୁ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ୪ଟିରେ ବିଜୟୀ ହୋଇଥିବା ବେଳେ ବାମ ସାମ୍ମୁଖ୍ୟ ଓ ଏନଡିଏ ଗୋଟିଏ ଲେଖାଏଁ ନିଗମରେ ବିଜୟୀ ହୋଇଛନ୍ତି। ସେହିଭଳି ଜିଲ୍ଲା ପଞ୍ଚାୟତ ନିର୍ବାଚନରେ ୟୁଡିଏଫ ସର୍ବାଧିକ ୫୯ଟିରେ ବିଜୟୀ ହୋଇଥିବା ବେଳେ ୩୦ରେ ଏଲଡିଏଫ୍ ଏବଂ ଦୁଇଟିରେ ଏନଡିଏ ବିଜୟୀ ହୋଇଛି। ବ୍ଲକ ପଞ୍ଚାୟତ ନିର୍ବାଚନରେ ୟୁଡିଏଫକୁ ୧୦୬୩, ଏଲଡିଏଫକୁ ୮୨୩ ଏବଂ ଏନଡିଏକୁ ୫୦ ମିଳିଥିବା ବେଳେ ଗ୍ରାମ ପଞ୍ଚାୟତ ନିର୍ବାଚନରେ ୟୁଡିଏଫକୁ ୭୪୫୧, ଏଲଡିଏଫକୁ ୬୧୩୭ ଏବଂ ଏନଡିଏକୁ ୧୩୬୩ ମିଳିଛି। ଆସନ୍ତା ବର୍ଷ କେରଳ ବିଧାନସଭା ନିର୍ବାଚନ ।।ହେବାକୁ ଯାଉଥିବା ବେଳେ ଏହି ନିର୍ବାଚନ ବିଶେଷ ଗୁରୁତ୍ୱ ବହନ କରୁଛି।

# ମସ୍କଙ୍କ ସହାୟତା ଲୋଡ଼ିଲେ ଇମ୍ରାନଙ୍କ ପୂର୍ବତନ ପତ୍ନୀ ଜେମିମା

ଇସଲାମାବାଦ୍, ୧୩।୧୨(ଏଜେନ୍ସି): ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ପୂର୍ବତନ ପତ୍ନୀ ଜେମିମା ଗୋଲ୍ଡସ୍ମିଥ ସାମାଜିକ ଗଣମାଧ୍ୟମ 'ଏକ୍ସ'ର ମାଲିକ ଏଲନ ମସ୍କଙ୍କୁ ଏକ ଖାସ୍ ନିବେଦନ କରିଛନ୍ତି। ଇମ୍ରାନଙ୍କୁ ନେଇ ଏକ୍ସରେ ଯେଉଁ ପୋଷ୍ଟ କରୁଛି, ତାହା ଲୋକଙ୍କ ପାଖରେ ପହଞ୍ଚିବାକୁ ଦିଆଯାଉନାହିଁ। ଖାସ୍ କରି ଇମ୍ରାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ଅନ୍ୟାୟ ନେଇ କରୁଥିବା ପୋଷ୍ଟ ଲୋକଙ୍କ ପାଖରେ ପହଞ୍ଚୁନାହିଁ ବୋଲି କହିଛନ୍ତି। ଏଥିପାଇଁ ଏକ୍ସ ଏକାଉଣ୍ଟର ଭିଜିବିଲିଟି ଫିଲ୍ଟରିଂକୁ ଠିକ୍ କରିବାକୁ ସେ ନିବେଦନ କରିଛନ୍ତି। ଏକ୍ସକୁ ପୂର୍ବରୁ ଟୁଇଟର ବୋଲି କୁହାଯାଉଥିଲା। ମୋର ଦୁଇ ପୁଅଙ୍କୁ ଇମ୍ରାନଙ୍କ ସହ ଭେଟିବାକୁ ଓ କଥା ହେବାକୁ ସୁଯୋଗ ଦିଆଯାଉନାହିଁ ବୋଲି ଜେମିମା ଅଭିଯୋଗ କରିଛନ୍ତି। ତେଣୁ କେବଳ ଏକ୍ସରେ ହିଁ ସେ ଇମ୍ରାନଙ୍କ ବିଷୟରେ ଯାହା କିଛି ଉଲ୍ଲେଖ କରିପାରିବେ। ମୋ ପୋଷ୍ଟର ପହଞ୍ଚକୁ ପ୍ରତିବନ୍ଧିତ କରାଯାଇଛି। ତେଣୁ ଏ ନେଇ ସେ ମସ୍କଙ୍କଠାରୁ ସାହଯ୍ୟ ଲୋଡିଛନ୍ତି।



# ଟ୍ରମ୍ପଙ୍କ 'ଗୋଲ୍ଡ କାର୍ଡ'କୁ ଆମେରିକାରେ ଜୋର୍‌ଦାର୍ ବିରୋଧ

ୱାଶିଂଟନ, ୧୩।୧୨ (ଏଜେନ୍ସି): କ୍ଷମତାସୀନ ହେବା ଦିନଠାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକଛତ୍ରନୀତିକୁ ସବୁଠି ସମାଲୋଚନା କରାଯାଉଛି। କେବେ ଶୁଳ୍କ ଲଗାଇ ତ ଆଉ କେବେ ପ୍ରବାସୀଙ୍କୁ ଅତ୍ୟାଚାର ଦେଇ ବିଶ୍ୱରେ ଆତଙ୍କ ସୃଷ୍ଟି କରିଛନ୍ତି। ଏବେ ପୁଣି ଭିସା ନୀତି ଆଣି ମୂଲ୍ୟ ବୃଦ୍ଧି କରିଦେଇଛନ୍ତି। 'ଟ୍ରମ୍ପ ଗୋଲ୍ଡ କାର୍ଡ ଭିସା' ଆବେଦନ ପାଇଁ ଟ୍ରମ୍ପ ପ୍ରଶାସନ ୧ ନିୟୁତ ଡଲାର ତଥା ୯ କୋଟି ଟଙ୍କା ନେଉଛନ୍ତି। ଟ୍ରମ୍ପଙ୍କ ଏହି ନିଷ୍ପତ୍ତିକୁ ନିଜ ଦେଶରେ ଜୋରଦାର ବିରୋଧ କରାଯାଉଛି। ଆମେରିକାର ୨୦ ରାଜ୍ୟ ଏହା ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ରାଜ୍ୟ ମଧ୍ୟରେ ନ୍ୟୁୟର୍କ, ଇଲିନୟ, ୱାଶିଂଟନ, ମାସାଚୁସେଟ୍‌ସ ପ୍ରମୁଖ ସାମିଲ ଅଛନ୍ତି। ଟ୍ରମ୍ପ ପ୍ରଶାସନ ଲଗାଇଥିବା ଦେୟ ସମ୍ପୂର୍ଣ୍ଣ ବେଆଇନ ବୋଲି ଏହି ରାଜ୍ୟଗୁଡ଼ିକ କହିଛନ୍ତି। ଏହା ଦ୍ୱାରା କର୍ମଚାରୀଙ୍କ ଘୋର ଅଭାବ ଦେଖାଦେବ। ଏବେ ରାଜ୍ୟର ଡାକ୍ତରଖାନା, ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ସରକାରୀ ସେବାରେ ଡାକ୍ତର, ଶିକ୍ଷକ ଅଭାବ ଜନିତ ସମସ୍ୟା ଭୋଗୁଛି। ଏଭଳି ସ୍ଥିତିରେ ଭିସା ମୂଲ୍ୟ ବୃଦ୍ଧି ପାଇଁ ସ୍ଥିତି ଅଧିକ ସଙ୍ଗୀନ ହୋଇଯିବ।

କାଲିଫର୍ଣ୍ଣିଆର ଆଟର୍ଣ୍ଣି ଜେନେରାଲ ରବ୍ ବୋଣ୍ଟା କହିଛନ୍ତି ଯେ ଡାକ୍ତର, ଇଞ୍ଜିନିୟର, ନର୍ସ, ବୈଜ୍ଞାନିକ, ଶିକ୍ଷକଙ୍କ ଭଳି ଦକ୍ଷ ବୃତ୍ତିଗତଙ୍କ ପାଇଁ ହୋଇଥାଏ। ସାରା ବିଶ୍ୱର ଉଦୀୟମାନ ପ୍ରତିଭା ଆମେରିକା ଆସିଲେ ସାରା ଦେଶ ଆଗକୁ ବଢ଼ିଥାଏ। ରାଜ୍ୟଗୁଡ଼ିକ ପକ୍ଷରୁ କୁହାଯାଇଛି ଯେ ପୂର୍ବରୁ ଏଚ-୧ବି ଭିସା ମୂଲ୍ୟ ହଜାରେରୁ ୭,୫୦୦ ଡଲାର (ଲକ୍ଷେରୁ ୬ ଲକ୍ଷ ଟଙ୍କା) ମଧ୍ୟରେ ଥିଲା। କିନ୍ତୁ ସଂସଦର ମଞ୍ଜୁରୀ ନ ନେଇ ସରକାର ଏହି ମୂଲ୍ୟକୁ ବଢ଼ାଇ ଦେଇଥିଲେ। ଏପରି କରିବା ବେଆଇନ। ଏହି ମୂଲ୍ୟ ଭିସା ପ୍ରୋସେସିଂର ବାସ୍ତବିକ ଖର୍ଚ୍ଚଠାରୁ ଶତାଧିକ ଗୁଣ ଅଧିକ। ଏପରି କରି ସରକାର ପ୍ରଶାସନିକ ପ୍ରକ୍ରିୟା ନିୟମ (ଏପିଏ) ଉଲ୍ଲଘଂନ କରିଛନ୍ତି। କାରଣ ବିନା ନୋଟିସ ଏବଂ ସାର୍ବଜନୀନ ମତାମତ ବିନା ଏଭଳି ନିୟମ ଅଣା ଯାଇପାରିବ ନାହିଁ।

ରାଜ୍ୟଗୁଡ଼ିକ ମତରେ ଭିସା ନିୟମର ସର୍ବାଧିକ ପ୍ରଭାବ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଉପରେ ପଡ଼ିବ। ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ଡାକ୍ତରଖାନା ଗୁଡ଼ିକୁ ଭିସାରେ ଆଶ୍ୱସ୍ତି ମିଳୁଥିଲା। କିନ୍ତୁ ଏବେ ଶିକ୍ଷକ ଏବଂ ଡାକ୍ତର ଆଣିବାରେ ୯ କୋଟି ଟଙ୍କା ଖର୍ଚ୍ଚ ହେବ। ଏହା ଦ୍ୱାରା ସଂସ୍ଥାଗୁଡ଼ିକୁ ସେବା ହଟାଇବାକୁ ପଡ଼ିବ କିମ୍ବା ଅନ୍ୟ ଜରୁରୀ ଯୋଜନାରୁ ଖର୍ଚ୍ଚ କାଟ କରିବାକୁ ହେବ। ଆମେରିକା ଶିକ୍ଷା ବିଭାଗର ସଦ୍ୟ ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ଆମରିକାର ପ୍ରାୟ ୭୫ ପ୍ରତିଶତ ଜିଲ୍ଲା ସ୍କୁଲ୍‌ରେ ଶିକ୍ଷକ ଅଭାବ ରହିଛି। ବିଶେଷ କରି ସ୍ୱତନ୍ତ୍ର ଶିକ୍ଷା, ବିଜ୍ଞାନ ଏବଂ ଦ୍ୱିଭାଷୀ ଶିକ୍ଷକଙ୍କ ଘୋର ଅଭାବ ରହିଛି। ସେହିପରି ୨୦୨୪ରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଡାକ୍ତର ଏବଂ ନର୍ସଙ୍କୁ ୧୭ ହଜାର ଭିସା ଦିଆଯାଇଥିଲା।

- କୋର୍ଟଙ୍କ ଦ୍ୱାରସ୍ଥ ହେଲେ ୨୦ ରାଜ୍ୟ
- ଡାକ୍ତର, ଶିକ୍ଷକ ଅଭାବ ସମସ୍ୟା ବୃଦ୍ଧି ପାଇବ
- ଆମେରିକାର ୭୫% ଜିଲ୍ଲା ସ୍କୁଲ୍‌ରେ ଶିକ୍ଷକ ଅଭାବ

# ଆଜିଠୁ କମିବ ଜାଡ଼

## ୧୬ ଟି ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ

ଭୁବନେଶ୍ୱର,୧୩।୧୨(ସମିସ): ରାଜ୍ୟରେ ଲଗାତାର ୮ ଦିନ ହେବ ଶୀତ ଲହରୀ ଜାରି ରହିଛି। ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୩-୬ ଡିଗ୍ରୀ ପର୍ଯ୍ୟନ୍ତ



କମ୍ ରହିଛି। ଏହାସହ ଗତ ୨୪ ଘଣ୍ଟାରେ ରାଜ୍ୟର ୧୬ ଟି ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଏହି ସ୍ଥିତି ୧୪ ତାରିଖ ପର୍ଯ୍ୟନ୍ତ ଜାରି ରହିବା ସହ ଶୀତ ଲହରୀ ସ୍ଥିତି ଅପରିବର୍ତ୍ତିତ ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ୩.୧ ଡିଗ୍ରୀ ସହ ଜି.ଉଦୟଗିରି ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି। ସେହିପରି ସେମିଳିଗୁଡାରେ ପାରଦ ୪.୬ ଡିଗ୍ରୀ ରହିଥିବା ବେଳେ ଫୁଲବାଣୀ ୫.୫, ଦାରିଙ୍ଗବାଡିରେ ୬, କୋରାପୁଟ ୬.୫, ଚିପିଲିମା ୭.୮, ନବରଙ୍ଗପୁର, ରାଉରକେଲା ୮, ଝାରସୁଗୁଡା ୮.୨, ଭବାନୀପାଟଣା ୮.୫, ଅନୁଗୁଳ ୯, ସୁନ୍ଦରଗଡ଼ର କିରେଇ ୯.୨, ଢେଙ୍କାନାଳ, ରାୟଗଡ଼ା, ବୌଦ୍ଧ ଏବଂ ସୁନ୍ଦରଗଡ଼ରେ ପାରଦ ୧୦ ଡିଗ୍ରୀ ରେକର୍ଡ କରାଯାଇଛି।

ପାଣିପାଗ କେନ୍ଦରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ପାରଦ ସ୍ୱାଭାବିକଠାରୁ ୨ରୁ ୪ ଡିଗ୍ରୀ କମ୍ ରହିଛି। ଆସନ୍ତା ୧୪ ତାରିଖ ଯାଏଁ ଏହି ସ୍ଥିତି ଜାରି ରହିବା ସହ ପ୍ରବଳ ଶୀତ ଅନୁଭୂତ ହେବ। ଶୀତ ଲହରୀକୁ ନେଇ ଆସନ୍ତା ୨୪ ଘଣ୍ଟାରେ ଅର୍ଥାତ ରିବିବାର ପାଇଁ ଅନୁଗୁଳ ଓ ଝାରସୁଗୁଡ଼ାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ସେହିପରି ରାଜ୍ୟର ଅନେକ ସ୍ଥାନରେ ଘନ କୁହୁଡ଼ି ଦୃଶ୍ୟମାନ ହେଉଥିବା ବେଳେ ଏହାର ପ୍ରଭାବ ଆହୁରି ୪୮ ଘଣ୍ଟା ରହିବା ନେଇ ଅନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟାରେ ସୁନ୍ଦରଗଡ଼, କନ୍ଧମାଳ, କଳାହାଣ୍ଡିରେ ଘନ କୁହୁଡ଼ିର ଦୃଶ୍ୟମାନ ହେବାର ଆଶଙ୍କା ରହିଛି। ତେଣୁ ଏହି ସବୁ ଜିଲ୍ଲାଗୁଡ଼ିକରେ କୁହୁଡ଼ି ଜନିତ ସତର୍କତା ଅବଲମ୍ବନ ପାଇଁ ପରାମର୍ଶ ଦିଆଯାଇଛି।

# ମହାନଦୀ ସଙ୍କଟର ସମାଧାନ କେବେ

## ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ସରକାର: ବିଜେଡି

ଭୁବନେଶ୍ୱର,୧୩।୧୨(ସମିସ): ମହାନଦୀ ହେଉଛି ଓଡିଶାର ଜୀବନ ସ୍ରୋତ। ଗତ କିଛି ଦଶନ୍ଧି ହେଲା ଓଡିଶାବାସୀଙ୍କ ମା' ସମାନ ମହାନଦୀର ଜୀବନସ୍ରୋତକୁ ସଂକୁଚିତ କରି ବିକଳାଙ୍ଗ କରିଦେବାର ହୀନ ଚକ୍ରାନ୍ତ ସମଗ୍ର ଓଡିଶାବାସୀଙ୍କ ପାଇଁ ବେଦନା ଦାୟକ ହୋଇପଡିଛି। ଏହାର ଆର୍ତ୍ତଚିତ୍କାର ନା କେନ୍ଦ୍ର ସରକାର ଶୁଣିପାରୁଛନ୍ତି ନା ଛତିଶଗଡ଼ ସରକାର। ଓଡ଼ିଶା ରାଜ୍ୟର ବିନା ସହମତିରେ ଆନ୍ତଃରାଜ୍ୟ ନଦୀ ଜଳ ସଂପର୍କିତ ସମସ୍ତ ବିଧିବିଧାନକୁ ବେଖାତିର କରି ଛତିଶଗଡ଼ ରାଜ୍ୟ ସରକାର ମହାନଦୀ ଉପରେ ଅତ୍ୟାଚାର କରୁଛନ୍ତି ଏବଂ କେନ୍ଦ୍ର ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ବୋଲି ବିଜେଡିର ବରିଷ୍ଠ ନେତା ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି।

ଶ୍ରୀ ଆଚାର୍ଯ୍ୟ ଆହୁରି କହିଛନ୍ତି, ମହାନଦୀ ଉପର ମୁଣ୍ଡରେ ବ୍ୟାରେଜ ପରେ ବ୍ୟାରେଜ ନିର୍ମାଣ କରି ମହାନଦୀର ଜଳସ୍ରୋତକୁ ମନଇଚ୍ଛା ନିଜ ଅଧୀନରେ ରଖି ଓଡିଶାରେ ମହାନଦୀର ଧାରାକୁ ଶୁଷ୍କ ଓ ନିରସ କରି ରଖିଥିବା ଛତିଶଗଡ଼ ସରକାରଙ୍କ ମନମୁଖି କାର୍ଯ୍ୟ ଓଡିଶାର ଦାରୁଣ କ୍ଷତି ଘଟାଉଛି। ପୂର୍ବତନ ରାଜ୍ୟ ସରକାରଙ୍କ ସକଳ ଅନୁରୋଧ ଓ ଆବେଦନ ଛତିଶଗଡ଼ ସରକାର ତ ଶୁଣିଲେ ନାହିଁ, କେନ୍ଦ୍ର ସରକାର ଓ କେନ୍ଦ୍ର ଜଳ ଆୟୋଗ ମଧ ନୀରବ ଦ୍ରଷ୍ଟା ସାଜିଲେ। ଜଳସେଚନର ଦ୍ୱାହି ଦେଇ ଛତିଶଗଡ଼ ସରକାର



ମହାନଦୀର ଉପର ମୁଣ୍ଡର କୂଳେ କୂଳେ ଅଗଣିତ ଘରୋଇ ଶିଳ୍ପମାନଙ୍କୁ ଅଜସ୍ର ଜଳ ପ୍ରଦାନ କରି ଓଡିଶାର ମହାନଦୀର ତଳ ମୁଣ୍ଡରେ ଜଳ ସଂକଟ ସୃଷ୍ଟି କଲେ। ଓଡ଼ିଶାରେ ଯେଉଁ ମହାନଦୀ ଦିନେ ବର୍ଷତମାମ୍ ଚଳଚଞ୍ଚଳ ଓ ଜଳ ପରିପୂର୍ଣ୍ଣ ରହୁଥିଲା, ତାହା ଆଜି ଶୁଷ୍କ ଓ ରୁଗ୍ଣ ହେବାକୁ ଯାଉଛି। ଏହି ପକ୍ରିୟା ଜାରି ରହିଲେ ହୀରାକୁଦ ଜଳଭଣ୍ଡାର ଦିନେ ଜଳଶୂନ୍ୟ ହେବ ଓ ଅନିଶ୍ଚିତ ସଂକଟ ଭିତରକୁ ଠେଲି ହୋଇଯିବ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

ଶ୍ରୀ ଆଚାର୍ଯ୍ୟ କହିଛନ୍ତି, ବର୍ତ୍ତମାନ କେନ୍ଦ୍ର, ଛତିଶଗଡ଼ ଓ ଓଡିଶାରେ ଗୋଟିଏ ଦଳର ସରକାର ରହିଛି। ତେଣୁ ଏହି ସମସ୍ୟାର ଶୀଘ୍ର ସମାଧାନ ହେବ ବୋଲି ଲୋକେ ଆଶା ରଖିଥିଲେ। କିନ୍ତୁ ତାହା ରାଜ୍ୟ ସରକାରଙ୍କ

■ ଛତିଶଗଡ଼ ସରକାର ମହାନଦୀ ଉପରେ ଅତ୍ୟାଚାର କରୁଛନ୍ତି

■ ରାଜ୍ୟ ସରକାରଙ୍କ କମିଟି ପରେ କମିଟି ଗଠନ; ଫଳ ଶୂନ୍

ଆନ୍ତରିକତାର ଅଭାବ ଯୋଗୁଁ 'ଆକାଶ କଇଁଆ ଚିଲିକା ମାଛ'ରେ ପରିଣତ ହୋଇଛି। ମହାନଦୀ ଜଳ ବିବାଦର ସମାଧାନ ପାଇଁ ରାଜ୍ୟ ସରକାର କେବଳ କମିଟି ପରେ କମିଟି ଗଠନ କରୁଛନ୍ତି; କିନ୍ତୁ ଫଳ ଶୂନ୍। ମହାନଦୀ ଟ୍ରିବ୍ୟୁନାଲରେ ୭ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ମାମଲା ପଡ଼ି ରହିଥିଲେ ସୁଦ୍ଧା କେବଳ ତାରିଖ ପରେ ତାରିଖ ଗଡୁଛି। ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି; କିନ୍ତୁ ପ୍ରଗତି ଅତ୍ୟନ୍ତ ନୈରାଶ୍ୟଜନକ। ବର୍ତ୍ତମାନ ରାଜ୍ୟ ସରକାର ଆପୋଷ ସମାଧାନର ପ୍ରସ୍ତାବନା କରିଛନ୍ତି। ତେବେ ଆପୋଷ ସମାଧାନ ପାଇଁ ଆଲୋଚନାର ସର୍ତ୍ତାବଳୀ କ'ଣ କ'ଣ ରହିବ? ସରକାର ଟ୍ରିବ୍ୟୁନାଲରୁ ଓହରିଯିବେ କି? ରାଜ୍ୟ ସରକାର ଆପୋଷ ସମାଧାନକୁ ଯିବା ପୂର୍ବରୁ ରାଜ୍ୟର ସମସ୍ତ ପ୍ରମୁଖ ରାଜନୈତିକ ଦଳ ଓ ମହାନଦୀ ବଞ୍ଚାଅ ଆନ୍ଦୋଳନର ସଂଗଠନମାନଙ୍କୁ ବିଶ୍ୱାସକୁ ନେଇ ତାଙ୍କ ସହ ଆଲୋଚନା କରିବେ କି? ଛତିଶଗଡ଼ ସରକାର ଏବେ ସୁଦ୍ଧା ଚାଲୁ ରଖିଥିବା ମହାନଦୀ ଓ ତାର ଶାଖା ନଦୀମାନଙ୍କରେ ନିର୍ମାଣାଧୀନ ଆନିକଟ କାର୍ଯ୍ୟକୁ ଆପୋଷ ଆଲୋଚନାରେ ବନ୍ଦ କରିବେ କି? ମହାନଦୀ ଟ୍ରିବ୍ୟୁନାଲର ଦୈନନ୍ଦିନ କାର୍ଯ୍ୟ ବସ୍ତୁତ ବନ୍ଦ ରହିଥିବାରୁ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଟ୍ରିବ୍ୟୁନାଲ ନିକଟରେ ଆବେଦନ କରିବେ କି? ରାଜ୍ୟବାସୀ ଟ୍ରିପଲ୍ ଇଞ୍ଜିନ ସରକାରଙ୍କଠାରୁ ଏ ସମସ୍ତ ବିଷୟରେ ସ୍ପଷ୍ଟୀକରଣ ଆଶା ରଖିଛନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

# ବିଧାୟକଙ୍କ ଦରମା ବୃଦ୍ଧି ରାଜ୍ୟ ରାଜକୋଷକୁ ଦୁର୍ବଳ କରିବ: ଯୁବ କଂଗ୍ରେସ

ଭୁବନେଶ୍ୱର,୧୩।୧୨(ସମିସ): ରାଜ୍ୟର ବହୁ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଯୁବପିଢ଼ି ଅତି ନଗଣ୍ୟ ଦରମାରେ କାର୍ଯ୍ୟ କରୁଛନ୍ତି। ଆଉଟ୍‌ସୋର୍ସିଂ ସଂସ୍ଥା ମାଧ୍ୟମରେ ରାଜ୍ୟର ସଚିବାଳୟଠାରୁ ଶୌଚାଳୟ କାର୍ଯ୍ୟ ଚାଲିଛି। କୃଷି ଅର୍ଥନୀତି ଉପରେ ନିର୍ଭର କରୁଥିବା ଆମ ରାଜ୍ୟର

**ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ସ୍ୱାର୍ଥ ଭୁଲି ବିଧାୟକଙ୍କ ୩ ଗୁଣା ଦରମା ବୃଦ୍ଧି ନିନ୍ଦନୀୟ**

କୃଷକମାନଙ୍କ ଅବସ୍ଥା ମଧ ଦୟନୀୟ। ଏପରି ସ୍ଥିତିରେ ରାଜ୍ୟର ଜନପ୍ରତିନିଧି ବିଶେଷକରି ମନ୍ତ୍ରୀ, ବିଧାୟକମାନଙ୍କୁ ନୂଆବର୍ଷ ଭେଟି ଭାବରେ ତିନିଗୁଣା ଦରମା ବୃଦ୍ଧି ସହିତ ପେନ୍‌ସନ୍ ବାବଦରେ ଲକ୍ଷାଧିକ ଟଙ୍କା ବରାଦ କରିବା ସମଗ୍ର ଦେଶରେ ରାଜ୍ୟକୁ ନିନ୍ଦିତ କରିଛି ବୋଲି ରାଜ୍ୟ ଯୁବ କଂଗ୍ରେସର ପୂର୍ବତନ ସଭାପତି ତଥା ସର୍ବଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଡଃ ସ୍ମୃତିରଞ୍ଜନ ଲେଙ୍କା କହିଛନ୍ତି।

ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ଡଃ ଲେଙ୍କା କହିଛନ୍ତି, ଲୋକତନ୍ତ୍ରରେ ଜନତା ହେଉଛନ୍ତି ଜନାର୍ଦ୍ଦନ। ଜନପ୍ରତିନିଧିମାନେ ସେମାନଙ୍କ




ସେବା ପାଇଁ ରହିଥା'ନ୍ତି। କିନ୍ତୁ ଜନତାଙ୍କ ପ୍ରତିନିଧି ଭାବେ ଜନ ସେବା ପାଇଁ ନିର୍ବାଚିତ ହେଉଥିବା ପ୍ରତିନିଧିମାନେ ଜନତାଙ୍କ କଷ୍ଟ ଉପାର୍ଜିତ ଅର୍ଥରେ ନିଜର ଦରମା ତିନିଗୁଣ ବୃଦ୍ଧି କରି ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା କରିବା ନିମନ୍ତେ ବିଧେୟକ ପାରିତ କରିଛନ୍ତି। ବଡ଼ କଥା ହେଉଛି, ବର୍ତ୍ତମାନ ସର୍ବାଧିକ ମାତ୍ର ୫୦୦ ଟଙ୍କାରେ ଅନ୍‌ଲିମିଟେଡ୍ କଲ୍ ଓ ଇଣ୍ଟରନେଟ୍ ସୁବିଧା ଉପଲବ୍ଧ ଥିବାବେଳେ ଏ ବାବଦରେ ୧୫୦୦୦ ଟଙ୍କା ଖର୍ଚ୍ଚ ବରାଦ କରାଯାଇଛି। ରାଜ୍ୟ ରାଜକୋଷରେ ଅର୍ଥ ଅଭାବ ଯୋଗୁଁ ହଜାର ହଜାର ଯୁବକ ଯୁବତୀ ଆଜି ଆଉଟ୍‌ସୋର୍ସିଂ ସଂସ୍ଥା ମାଧ୍ୟମରେ ସ୍ୱଳ୍ପ ଦରମାରେ କାର୍ଯ୍ୟ କରୁଛନ୍ତି। ଏହାସହ ବହୁ ସରକାରୀ ପଦବୀ ବର୍ତ୍ତମାନ ଖାଲିପଡିଥିବାବେଳେ ଏନେଇ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରାଯାଉନାହିଁ। ଫଳରେ ରାଜ୍ୟର ବହୁ ମେଧାବି ଛାତ୍ରଛାତ୍ରୀଙ୍କ ବୟସ ସୀମା ଅତିକ୍ରାନ୍ତ କରିଯିବ ସିନା, ସେମାନେ ନିଯୁକ୍ତି ପାଇପାରିବେ ନାହିଁ ବୋଲି ଡଃ ଲେଙ୍କା ଅଭିଯୋଗ କରିଛନ୍ତି।

ରାଜ୍ୟରେ ବେକାରୀ ସମସ୍ୟା ବୃଦ୍ଧି ପାଉଥିବାବେଳେ ଜନସାଧାରଣଙ୍କ ଆର୍ଥିକ ମାନଦଣ୍ଡରେ ସୁଧାର ଆସିପାରୁ ନାହିଁ। ଏ ପରିସ୍ଥିତିରେ ଜନପ୍ରତିନିଧିମାନେ ରାଜ୍ୟ ରାଜକୋଷରୁ ସିଂହଭାଗ ଅର୍ଥ ନେବା ନିଶ୍ଚିତ ଭାବେ ରାଜ୍ୟର ଅର୍ଥନୈତିକ ସ୍ଥିତିକୁ ଆହୁରି ଦୁର୍ବଳ କରିଦେବ। ତେଣୁ ଜନପ୍ରତନିଧିମାନଙ୍କ ଏହି ଅହେତୁକ ଦରମା ବୃଦ୍ଧି ପ୍ରତ୍ୟାହାର ଓ ରାଜ୍ୟରେ ଆଉଟ୍ ସୋର୍ସିଂ ସଂସ୍ଥାମାନଙ୍କ ଅଧୀନରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ଦାବିରେ ଖୁବ୍‌ଶୀଘ୍ର ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ଡଃ ଲେଙ୍କା କହିଛନ୍ତି।

■ ଏସ୍‌ଆଇ ଚାକିରି ବିକ୍ରି ମାମଲା

# ନିତୁ ଆରୋରାକୁ ଗିରଫ କଲା ସିବିଆଇ

ଭୁବନେଶ୍ୱର,୧୩।୧୨(ସମିସ): ଏସ୍‌ଆଇ ଚାକିରି ବିକ୍ରି ମାମଲା ସିବିଆଇ ହାତକୁ ଆସିବା ପରେ ଖୋଲିବାରେ ଲାଗିଛି ରାଜ୍ୟ ବାହାର ଲିଙ୍କ୍। ଶନିବାର ରାଜ୍ୟ ବାହାର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି ସିବିଆଇ। ସେ ହେଲେ ନିତୁ ଆରୋରା। ଗୁଜୁରାଟରୁ ତାଙ୍କୁ ଗିରଫ କରାଯାଇଛି ବୋଲି ସିବିଆଇ ପକ୍ଷରୁ ସୂଚନା ମିଳିଛି। ଗିରଫ କରାଯିବା ପରେ ତାଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ସିବିଆଇକୁ ଦୁଇ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡର ଅନୁମତି ପ୍ରଦାନ କରିଛନ୍ତି। ଏହି ସମୟ ମଧ୍ୟରେ ଭୁବନେଶ୍ୱର ଅଣାଯାଉଛି। ଭୁବନେଶ୍ୱର ଆଣାଯିବା ପରେ ନିତୁଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯିବ। ପୂର୍ବରୁ ନିତେଶ ନାମକ ଯୁବକଙ୍କୁ ସିବିଆଇ ବିହାରରୁ ଗିରଫ କରିଥିଲା।

ସିବିଆଇ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ନିତୁ କ୍ରାଇମ୍ ସିଣ୍ଡିକେଟ୍‌କୁ ରାଜ୍ୟବାହାରେ ଲଜିଷ୍ଟିକ୍ ସପୋର୍ଟର୍ ପ୍ରଦାନ କରୁଥିଲେ। ରାଜ୍ୟ ବାହାରେ ସିଣ୍ଡିକେଟ୍ କିଭଳି କାମ କରି ପାରିବ। ଟ୍ରେନିଂ ପାଇଁ ଆସୁଥିବା ଲୋକଙ୍କୁ କେଉଁଠି ରଖାଯିବ। ଏସବୁକୁ ନିତୁ ହିଁ ବୁଝୁଥିଲେ।

## ଆଶ୍ରମ ବିଦ୍ୟାଳୟରେ ର୍ୟାଗିଂ!

# ବିଛଣାରେ ପରିସ୍ରା କରିଦେବାରୁ ପ୍ରଥମ ଶ୍ରେଣୀ ଛାତ୍ରଙ୍କୁ ମାଡ଼

ଫିରିଙ୍ଗିଆ, ୧୩।୧୨(ସମିସ): ଫିରିଙ୍ଗିଆ ବ୍ଲକ୍ ସଲାଗୁଡ଼ା ସେବାଶ୍ରମରେ ତୃତୀୟ ଓ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କ ମାଡ଼ରେ ପ୍ରଥମ ଶ୍ରେଣୀର ଜଣେ ଛାତ୍ର ଆହତ ହୋଇଛି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ଛାତ୍ର ଗତରାତିରେ ଖାଇ ସାରି ଗୋଟିଏ ଶଯ୍ୟାରେ ଶୋଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀର ଜଣେ ଛାତ୍ର ବିଛଣାରେ ପରିସ୍ରା

■ ଆହତ ଛାତ୍ରଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଇଲେ ସରପଞ୍ଚ

■ ଆବଶ୍ୟକ ଶିକ୍ଷକ ନିଯୁକ୍ତ ନ ହେଲେ ଆନ୍ଦୋଳନ ଚେତାବନୀ

■ ଛାତ୍ରଙ୍କ ଆଖିରେ ଫେଭି-କ୍ୱିକ୍ ଲଗାଇ ପୂର୍ବରୁ ଚର୍ଚ୍ଚାକୁ ଆସିଥିଲା ସ୍କୁଲ

କରିଦେଇଥିଲା। ଏହାକୁ ନେଇ ଆଜି ସକାଳେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ଛାତ୍ର ସକାଳେ ତାକୁ ଏକ ବାଡ଼ିରେ ପିଟିଥିଲେ। ଏଥିରେ ପ୍ରଥମ ଶ୍ରେଣୀ ଛାତ୍ର ଆହତ ହୋଇଥିଲା। ଖବର ପାଇ ସ୍ଥାନୀୟ ସରପଞ୍ଚ ରୋହିତ କହଁର ଆହତ ଛାତ୍ରକୁ ଗୋଛାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସ୍କୁଲର ଶତାଧିକ ଛାତ୍ରଛାତ୍ରୀ ହଷ୍ଟେଲରେ ରହି ପାଠପଢୁଥିବା ବେଳେ ପରିଚାଳନା ପାଇଁ ମାତ୍ର ୨ ଜଣ ଶିକ୍ଷକ ଅଛନ୍ତି। ଶିକ୍ଷକ ଅଭାବ ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର ସମାଧାନ ହୋଇପାରିନାହିଁ। ଉଲ୍ଲେଖଯୋଗ୍ୟ, ସ୍କୁଲର ବରିଷ୍ଠ ଛାତ୍ରମାନେ କିଛି କନିଷ୍ଠଙ୍କ ଆଖିରେ ଫେଭି-କ୍ୱିକ୍ ଅଠା ଲଗାଇବା ଭଳି ଘଟଣାକୁ ନେଇ ଏହି ସ୍କୁଲ ରାଜ୍ୟବ୍ୟାପୀ ଚର୍ଚ୍ଚାର ପରିସରକୁ ଆସିଥିଲା। ଏହି ଘଟଣାରେ ପ୍ରଧାନଶିକ୍ଷକଙ୍କୁ ମଧ ନିଲମ୍ବିତ କରାଯାଇଥିଲା। ପରେ ଅନ୍ୟ ଜଣେ ଶିକ୍ଷକଙ୍କୁ ବିଦ୍ୟାଳୟକୁ ଅଣାଯାଇଥିବା ବେଳେ ନୂତନ ପ୍ରଧାନଶିକ୍ଷକଙ୍କ ଅସୁବିଧା ଓ ଦେହ ଅସୁସ୍ଥ ଯୋଗୁଁ ଗୋଟିଏ ଦିନ ଆଗରୁ ଛୁଟିରେ ଥିଲେ। ବିଦ୍ୟାଳୟର ଜଣେ ମାତ୍ର ଶିକ୍ଷୟିତ୍ରୀ ହଷ୍ଟେଲ ଦାୟିତ୍ୱରେ ଥିଲେ।

ଶିକ୍ଷକ ଅଭାବରୁ ସ୍କୁଲରେ ଏଭଳି ଅଘଟଣ ବାରମ୍ବାର ଘଟୁଥିବାରୁ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଏବଂ ସରପଞ୍ଚ ରୋହିତ କହଁର ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଧିକ ଶିକ୍ଷକ ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି। କିଛି ଦିନ ତଳେ ଜଣେ ଶିକ୍ଷକଙ୍କୁ ଡେପୁଟେସନ୍‌ରେ ଅଣାଯାଇଥିବା ବେଳେ ସଙ୍ଗେସଙ୍ଗେ ପୁଣି ତାଙ୍କୁ ଏଠାରୁ ନିଆଯାଇଥିବାରୁ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସ୍କୁଲର ପରିସ୍ଥିତିକୁ ଦୃଷ୍ଟି ଦେଇ ତୁରନ୍ତ ଶିକ୍ଷକ ନିଯୁକ୍ତି କରାନଗଲେ, ବିଦ୍ୟାଳୟରେ ତାଲା ପକାଇବା ସହ ଆନ୍ଦୋଳନ କରାଯିବ ବୋଲି ସରପଞ୍ଚ ଶ୍ରୀ କହଁର ଚେତାବନୀ ଦେଇଛନ୍ତି।

## ଦିଲ୍ଲୀରେ ମୁଖ୍ୟମନ୍ତ୍ରୀଙ୍କ ଭିଆଇପି ବଙ୍ଗଳାକୁ ନେଇ ଆପତ୍ତି ଉଠାଇଲା ବିଜେଡି

# ରାଜ୍ୟ ରାଜକୋଷରୁ ହେବ ବିପୁଳ ଅର୍ଥ ବ୍ୟୟ

ଭୁବନେଶ୍ୱର,୧୩।୧୨(ସମିସ): ସ୍ୱତନ୍ତ୍ର ଓଡ଼ିଶା ଗଠନ ହେବା ପରଠାରୁ ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ମୋହନ ମାଝୀ ଦିଲ୍ଲୀରେ ଆରାମଦାୟକ ଭିଆଇପି ବଙ୍ଗଳା ନେଇଛନ୍ତି। ରାଜ୍ୟ ରାଜକୋଷରୁ ବିପୁଳ ଅର୍ଥ ବ୍ୟୟରେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଦିଲ୍ଲୀରେ ବଙ୍ଗଳା ନିଆଯାଇଛି। ଏପରି କରି ରାଜ୍ୟ ବିଜେପି ଓଡ଼ିଶା ଶାସନର ଡୋରୀ ଦିଲ୍ଲୀରେ ରଖିବାକୁ ଚାହୁଁଛି ବୋଲି ବିଜେଡି ଅଭିଯୋଗ କହିଛି।

ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡଃ ଲେନିନ ମହାନ୍ତି ଓ ମୁଖପାତ୍ର ତୁମ୍ବନାଥ ପଣ୍ଡା କହିଛନ୍ତି ଯେ ଦେଶର ସବୁଠୁ ଦକ୍ଷ କୁହାଯାଉଥିବା ଦିଲ୍ଲୀ ପୁଲିସ୍ ବଦଳରେ, ରାଜ୍ୟର ମୁଖ୍ୟମନ୍ତ୍ରୀ ଓଡ଼ିଶା ପୁଲିସ୍‌ର ୧ ପ୍ଲାଟୁନ୍ ସଶସ୍ତ୍ର ଫୋର୍ସର ସୁରକ୍ଷା ବଳୟ ମଧ୍ୟରେ ରହିବେ। ଗୃହ ବିଭାଗରୁ




ମିଳିଥିବା ତଥ୍ୟ ଅନୁଯାୟୀ, କେନ୍ଦ୍ର ସରକାର ଦିଲ୍ଲୀର ଭିଆଇପି ଅଞ୍ଚଳ ଭାବେ ପରିଚିତ ତିନ୍ ମୂର୍ତ୍ତି ଲେନ୍‌ରେ ବଙ୍ଗଳା ନଂ-୨ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଆବଣ୍ଟନ କରିଛନ୍ତି। ପ୍ରୋଟୋକଲ ଅନୁଯାୟୀ କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତରେ ଗଲେ ଦିଲ୍ଲୀ ପୁଲିସ୍ ପକ୍ଷରୁ ତାଙ୍କୁ ନିରାପତ୍ତା ଯୋଗାଇ ଦିଆଯାଇଥାଏ। କିନ୍ତୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ସୁରକ୍ଷା ନିମନ୍ତେ ଦିଲ୍ଲୀ ପୁଲିସ୍ ଉପରେ ଭରସା ନ କରି ରାଜ୍ୟ ତହବିଲ୍‌ରୁ ବିପୁଳ ଅର୍ଥ ବ୍ୟୟରେ ଓଡ଼ିଶା ପୁଲିସର ୧ ପ୍ଲାଟୁନ୍ ଫୋର୍ସ ନେବାର ଯଥାର୍ଥତା କ'ଣ ବୋଲି ବିଜେଡି ପ୍ରଶ୍ନ କରିଛି।

ଏହି ଅବସରରେ ଡଃ ମହାନ୍ତି କହିଛନ୍ତି, ରାଜ୍ୟବାସୀଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଦିଲ୍ଲୀରେ ଓଡ଼ିଶା ସରକାରଙ୍କ ଓଡ଼ିଶା ଭବନ, ଓଡ଼ିଶା ନିବାସ ଓ ଓଡ଼ିଶା ସଦନ ଅଛି। ଓଡ଼ିଶା ଭବନର ପୁନଃ ନିର୍ମାଣ ପାଇଁ ଏହାକୁ ଭାଙ୍ଗି ଦିଆଗଲା ପରେ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ ସମୟରେ ରହିବା ପାଇଁ ଏକ ତାରକା ହୋଟେଲରେ ସୁବ୍ୟବସ୍ଥା କରାଯାଇଛି। ନିଜକୁ 'ଲୋକଙ୍କ ମୁଖ୍ୟମନ୍ତ୍ରୀ' କହୁଥିବା ମୋହନ ମାଝୀ ଏଥିରେ ସନ୍ତୁଷ୍ଟ ନ ହୋଇ ନିଜ ପାଇଁ ଭିଆଇପି ବଙ୍ଗଳା ନେଇ ଦିଲ୍ଲୀରେ ଓଡ଼ିଶା ଶାସନର ଡୋରୀ ରଖିବାକୁ ଚାହୁଁଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି।

ଡଃ ମହାନ୍ତି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ପାଇଁ ଏଭଳି ବନ୍ଦୋବସ୍ତ ଆଗରୁ କେବେ ଶୁଣାଯାଇ ନ ଥିଲା। ୨୪ ବର୍ଷ ମୁଖ୍ୟମନ୍ତ୍ରୀ ରହି ମଧ ଅତ୍ୟନ୍ତ ନିରାଡ଼ମ୍ବର ଜୀବନଯାପନ କରୁଥିବା ନବୀନ ପଟ୍ଟନାୟକ, ଦିଲ୍ଲୀରେ ରାଜ୍ୟ ତହବିଲ୍‌ରୁ ଅର୍ଥ ଖର୍ଚ୍ଚ କରି ବଙ୍ଗଳା ନେବା ପାଇଁ କେବେ ଚିନ୍ତା କରିନଥିଲେ। ଦେଢ଼ ବର୍ଷର ମୁଖ୍ୟମନ୍ତ୍ରୀ ହୋଇ ମୋହନ ମାଝୀଙ୍କୁ ଏଭଳି ଆବଶ୍ୟକତା କାହିଁକି ପଡ଼ିଲା ? ଓଡ଼ିଶା ବିଜେପିରେ କ୍ଷମତା ବିବାଦର ଉଗ୍ର ରୂପ ସକାଶେ ମୁଖ୍ୟମନ୍ତ୍ରୀ ଅସୁରକ୍ଷିତ ଅନୁଭବ

■ ସୁରକ୍ଷାରେ ୧ ପ୍ଲାଟୁନ ଓଡ଼ିଶା ପୁଲିସ୍, ବୁଲେଟପ୍ରୁଫ୍ ଗାଡ଼ି

■ ଦିଲ୍ଲୀରୁ ନିୟନ୍ତ୍ରିତ ହେବ ଓଡ଼ିଶା ରାଜ୍ୟ ଶାସନର ଡୋରୀ

କରୁଛନ୍ତି କି ବୋଲି ବୋଲି ଡଃ ମହାନ୍ତି ପ୍ରଶ୍ନ କରିଛନ୍ତି।

ସେହିପରି ମୁଖପାତ୍ର ଶ୍ରୀ ପଣ୍ଡା କହିଛନ୍ତି ଯେ, ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା ହେଲା ପରେ ଲୋକେ ଆଶା କରିଥିଲେ, ରାଜ୍ୟ ପାଇଁ କେନ୍ଦ୍ରୀୟ ଅନୁଦାନ ଓ ସହାୟତା ଦୁଇ ଗୁଣ ହେବ। କିନ୍ତୁ ପ୍ରତ୍ୟେକ ମାସରେ ଏକାଧିକ ବାର ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ କଲା ପରେ ମଧ କେନ୍ଦ୍ରୀୟ ଅନୁଦାନ ବଢ଼ିବା ପରିବର୍ତ୍ତେ କମୁଛି। କେନ୍ଦ୍ର ଉପରେ ରାଜ୍ୟର ଥିବା ବକେୟା ଅର୍ଥ ମିଳିପାରୁ ନାହିଁ। ରାଜ୍ୟର ଋଣ ଭାର ଦେଢ଼ ବର୍ଷ ଭିତରେ ଅହେତୁକ ବୃଦ୍ଧି ପାଇଛି। ଏଭଳି ସ୍ଥିତିରେ ରାଜ୍ୟ ରାଜକୋଷରୁ ବିପୁଳ ଅର୍ଥ ବ୍ୟୟ କରି ଦିଲ୍ଲୀରେ ଭିଆଇପି ବଙ୍ଗଳା ନେବା କ'ଣ ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ପରିଚୟ କି? ଜନସାଧାରଣଙ୍କ ଅବଗତି ନିମନ୍ତେ ମୁଖ୍ୟମନ୍ତ୍ରୀ ଏ ବାବଦରେ ସ୍ପଷ୍ଟୀକରଣ ଦେବା ଆବଶ୍ୟକ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

**ନାବାଳକକୁ ହତ୍ୟା ଘଟଣା**

# ଅଭିଯୁକ୍ତ ମହିଳାଙ୍କ ଘରେ ନିଆଁ ଲଗାଇଦେଲେ

କବିସୂର୍ଯ୍ୟନଗର,୧୩।୧୨(ସମିସ): କବିସୂର୍ଯ୍ୟନଗର ଥାନା ତଥା ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ସାମନ୍ତରାପୁର ଗାଁରେ ଗତ ବୁଧବାର ଜଣେ ନାବାଳକଙ୍କ ମୃତଦେହ ତାଙ୍କ ଆଇଘର ବାଡ଼ିପଟୁ ଉଦ୍ଧାର ହୋଇଥିଲା। ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହେବା ପରେ ପୁଲିସ ଗତକାଲି ପଡ଼ୋଶୀ ସୋନାଲି ସ୍ୱାଇଁଙ୍କୁ ଗିରଫ କରିଥିଲା। ତେବେ, ଆଜି ଉତ୍ତ୍ୟକ୍ତ ଗ୍ରାମବାସୀ ଗିରଫ ମହିଳାଙ୍କ ଘରେ ନିଆଁ ଲଗାଇବା ସହ



ଭଙ୍ଗାରୁଜା କରିଛନ୍ତି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ କରିବା ସହ ଆଉ ଏକ ମାମଲା ରୁଜୁ କରିଛି। ଅନ୍ୟପକ୍ଷରେ, ନିଜ ଗାଁ ଖମାରଠାରେ ନାବାଳକଙ୍କ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି ଗ୍ରାମବାସୀ। ପାଖାପାଖି ବର୍ଷେ ତଳେ ସୋନାଲିଙ୍କର ୧୦ବର୍ଷର ପୁଅର ଅକାଳ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସୋନାଲିଙ୍କ ସନ୍ଦେହ ହୋଇଥିଲା ଏବଂ ଏ ସଂପର୍କରେ ସେ ଜାଣିବା ପାଇଁ ବହୁ ଗୁଣିଆଙ୍କ ନିକଟକୁ ଯାଇଥିଲେ। ପଡ଼ୋଶୀ ସନିଆ ଭୂୟାଁଙ୍କ ପରିବାରଲୋକ ଗୁଣି କରି ତାଙ୍କ ପୁଅକୁ ମାରିଦେଇଥିବା ଜଣେ ଗୁଣିଆ କହିବା ପରେ ସୋନାଲି ପ୍ରତିଶୋଧପରାୟଣ ହୋଇଯାଇଥିଲେ। ସେବେଠାରୁ ସେ ସୁଯୋଗ ଅପେକ୍ଷାରେ ରହିଥିଲେ। ଗତ ୧୦ ତାରିଖ ଦିନ ସନିଆଙ୍କ ଘରକୁ ନାତି ଶେରଗଡ଼ ବ୍ଲକ ଖମାର ଗ୍ରାମର ଆଦିତ୍ୟ ଜେନା (୯) ବୁଲି ଆସିଥିଲେ। ପୁଅମୃତ୍ୟୁର ପ୍ରତିଶୋଧ ନେବାକୁ ସୋନାଲି ଆଦିତ୍ୟଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ବୁଧବାର ଦିନ ସେ ଆଦିତ୍ୟକୁ ନିଜ ଘରକୁ ଡାକି ତା'ର ତଣ୍ଟି ଚିପି ହତ୍ୟା କରିଥିଲେ। ପରେ ବାଡ଼ିପଟେ ଶବକୁ ପକାଇ ଦେଇଥିଲେ।

**ପୁରୀବାସୀଙ୍କ ସ୍ୱତନ୍ତ୍ର ଦର୍ଶନ ପ୍ରସଙ୍ଗ**

# ପୂର୍ବରୁ ହେଉଥିଲା; ଏବେ ଅସୁବିଧା କେଉଁଠି?

ପୁରୀ, ୧୩।୧୨(ସମିସ): ପୁରୀ ସହରବାସୀଙ୍କ ନିମନ୍ତେ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଲାଗି ଦାବି ହୋଇଆସୁଛି। ଏହି ଦାବିର ବି ପ୍ରାସଙ୍ଗିକତା ରହିଛି। କାରଣ ସବୁ ସମୟରେ ପ୍ରଶାସନର ନିଷ୍ପତ୍ତିକୁ ସମ୍ମାନ ଦେଇ ଆସିଛନ୍ତି ପୁରୀବାସୀ। ଭକ୍ତ, ପର୍ଯ୍ୟଟକଙ୍କ ସୁବିଧା ପାଇଁ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହେଲେ 'ଅତିଥି ଦେବୋ ଭବ' ନୀତିକୁ ଆପଣାଇ ପ୍ରଶାସନର ସବୁ କଟକଣାକୁ ମାନି ନେଉଛନ୍ତି। କିନ୍ତୁ ଏବେ ଶ୍ରୀମନ୍ଦିର ପ୍ରବେଶ ପାଇଁ ଯେଉଁ କଟକଣା କରାଯାଇଛି, ତାହା ବିଶେଷକରି ପୁରୀବାସୀଙ୍କୁ ଅଧିକ କଷ୍ଟ ଦେଉଛି। ତେଣୁ ସେମାନଙ୍କ ମନ୍ଦିର ପ୍ରବେଶ ଏବଂ ଦର୍ଶନ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି ହୋଇଆସୁଛି। ଏଥିପାଇଁ ଗଠିତ ମଞ୍ଚ ବି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚି ସେମାନଙ୍କ ଦାବିର ପ୍ରାସଙ୍ଗିକତା ଜଣାଇସାରିଛନ୍ତି। ହେଲେ ଏପର୍ଯ୍ୟନ୍ତ କୌଣସି ନିଷ୍କର୍ଷ ବାହାରିପାରିନାହିଁ। ଏହାର ସମାଧାନର ବାଟ ସେମିତି କିଛି ଅସମ୍ଭବ ନୁହେଁ। ପୂର୍ବରୁ ପୁରୀ ସହରବାସୀଙ୍କ ପାଇଁ ଏହି ସୁବିଧା ଉପଲବ୍ଧ ଥିଲା। ନିଜର ପରିଚୟପତ୍ର ଦେଖାଇ ପଶ୍ଚିମଦ୍ୱାର ଦେଇ ସେମାନେ ମନ୍ଦିରକୁ ପ୍ରବେଶ କରୁଥିଲେ। ହେଲେ ବର୍ତ୍ତମାନ ଏହି ସୁବିଧା କରିବାରେ ଅସୁବିଧା କେଉଁଠି। ପ୍ରଶାସନ ଏବଂ ସରକାରଙ୍କ ଇଚ୍ଛାଶକ୍ତି ରହିଲେ ପୁରୀବାସୀଙ୍କ ଦାବି ପୂରଣ ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ପୂର୍ବଭଳି ଆଉ ପୁରୀ ସହରବାସୀ ଶ୍ରୀମନ୍ଦିରକୁ ଯାଉନାହାନ୍ତି। ସମୟ ଥିଲା ଅନେକ ସହରବାସୀ ଦିନକୁ ଏକାଧିକଥର ମନ୍ଦିରକୁ ଯାଉଥିଲେ। ମଙ୍ଗଳ ଆଳତି ହେଉ କି ସନ୍ଧ୍ୟା ଆଳତି ଅବା



ଚନ୍ଦନଲାଗି, ବଡ଼ସିଂହାର ବେଶ ଦେଖୁଥିଲେ। ପୁଣି ମନ ହେଲେ ଆନନ୍ଦବଜାରକୁ ଯାଇ ଅବଢ଼ା ଖାଇ ପରିବାର ପାଇଁ ଧରି ଆସୁଥିଲେ। ହେଲେ କିଛିବର୍ଷ ହେବ ଏଭଳି ଚିତ୍ର ଆଉ ଦେଖିବାକୁ ମିଳୁନି। ପ୍ରଶାସନିକ କଟକଣାରେ ରୁନ୍ଧି ହୋଇଯାଉଛନ୍ତି ପୁରୀ ସହରବାସୀ। ହେଲେ କଟକଣା ଲଗାଉଥିବା ବାବୁମାନେ ଜାଣିବା ଦରକାର, ପୁରୀବାସିନ୍ଦାଙ୍କ ଦୈନନ୍ଦିନ ଜୀବନରେ ମହାପ୍ରଭୁ ହେଉଛନ୍ତି ସ୍ୱତନ୍ତ୍ର। ସେମାନଙ୍କ ପାଇଁ ଶ୍ରୀମନ୍ଦିର ହେଉଛି ଗାଁ ମନ୍ଦିର ଆଉ ଶ୍ରୀଜଗନ୍ନାଥ ହେଉଛନ୍ତି ଗ୍ରାମ ଦେବତା। ଶ୍ରୀମନ୍ଦିର ପୁରୀ ଅଧିବାସୀଙ୍କ ଶୁଭ-ଅଶୁଭ କାର୍ଯ୍ୟ ଓ ଷୋହଳ ସଂସ୍କାର ସହ ଓତପ୍ରୋତ ଭାବେ ଜଡ଼ିତ। ଶହଶହ ବର୍ଷ ଧରି ଶ୍ରୀମନ୍ଦିରରେ ଅବାଧରେ ଯା'ଆସ କରିବା ପରେ ଏବେ ସେମାନଙ୍କୁ ଦହଗଞ୍ଜ ହେବାକୁ ପଡୁଛି। ଘରର ବରିଷ୍ଠ ନାଗରିକଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନ

■ ଜିଲ୍ଲାପାଳଙ୍କଠୁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି ପହଞ୍ଚିଲାଣି

■ ନିଷ୍କର୍ଷ ବାହାରିପାରୁନି

ସତେ ଯେମିତ ସ୍ୱପ୍ନ ପାଲଟି ଯାଇଛି। ଅନ୍ୟମାନେ ଇଚ୍ଛା କଲେ ବି ଘଣ୍ଟାଘଣ୍ଟା ଧରି ସେମାନଙ୍କୁ ଅପେକ୍ଷା କରିବାକୁ ପଡୁଛି। ମନ୍ଦିରକୁ ଯିବାକୁ ହେଲେ ସେମାନଙ୍କୁ ଭାବିବାକୁ ପଡୁଛି। ତେଣୁ ମନ୍ଦିରକୁ କିପରି ସହଜରେ ପ୍ରବେଶ ଏବଂ ଦର୍ଶନ କରିବେ ସେ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଆସୁଛନ୍ତି ପୁରୀ ସହରବାସୀ।

ପୁରୀବାସୀଙ୍କ ଏହି ଦାବି ବିଧାନସଭାଠାରୁ ଆରମ୍ଭ କରି ରାଜ୍ୟସଭାରେ ବି ଉଠିଛି। ବିଧାନସଭାରେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଏବଂ ରାଜ୍ୟସଭାରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଏହି ପ୍ରସଙ୍ଗ ଉଠାଇଛନ୍ତି। ପ୍ରାୟ ୨ ମାସରୁ ଊର୍ଦ୍ଧ୍ୱ ହେବ ବିଭିନ୍ନ ଫୋରମ୍‌ରେ ସେମାନଙ୍କ ଦାବି ଉଠାଇବା ସହ ସମୂହ ଦୀପଦାନ, ନିରବ ପ୍ରତିବାଦ କରି ଆସୁଛନ୍ତି ପୁରୀବାସୀ। ଏପରିକି ଏଥିପାଇଁ ଗଠିତ ମଞ୍ଚର ପ୍ରତିନିଧି ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଛନ୍ତି। ସେମାନେ କାହିଁକି ଏହି ଦାବି କରିଆସୁଛନ୍ତି ସେ ବିଷୟରେ ବି ଅବଗତ କରାଇଛନ୍ତି, ଯାହାର ପ୍ରାସଙ୍ଗିକତା ମଧ ରହିଛି। ହେଲେ ଏଯାଏ ଏହାର ବାଟ ଫିଟିପାରିନାହିଁ।

ଶୁକ୍ରବାର ଅନୁଷ୍ଠିତ ଛତିଶାନିଯୋଗ ବୈଠକ ପରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଥିଲେ, ଏଥିପାଇଁ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ମାଧ୍ୟମରେ ପ୍ରସ୍ତାବ ମଗାଯାଇଛି। ସେମାନେ ବିଭିନ୍ନ ବର୍ଗର ଲୋକଙ୍କ ସହ ଆଲୋଚନା କରି ଯେଉଁ ପ୍ରସ୍ତାବ ଆଣିବେ ତାହା ପରିଚାଳନା କମିଟିରେ ଉପସ୍ଥାପନ କରାଯିବ। ତେବେ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣାଇବା ପରେ ଏବେ ଏହି ଅଭିଯାନରେ ସାମିଲ୍ ସହରବାସୀ ଏକପ୍ରକାର ହତାଶବୋଧ ଭିତରକୁ ଠେଲି ହୋଇଯାଇଛନ୍ତି। କିନ୍ତୁ ସମସ୍ତଙ୍କ ମନରେ ଗୋଟିଏ କଥା, ଯଦି ପୂର୍ବରୁ ପୁରୀ ସହରବାସୀ ପଶ୍ଚିମଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରିପାରୁଥିଲେ ଏବେ କାହିଁକି ନୁହେଁ?

## 'ଆସ ସ୍କୁଲ ଯିବା' ଅଭିଯାନ



ଭୋଗରାଇ, ୧୩।୧୨ (ସମିସ) : ଭୋଗରାଇ ବ୍ଲକ ଶ୍ରଦ୍ଧାପୁର ପଞ୍ଚାୟତର ଆଞ୍ଚଳିକ ସାଧନ କେନ୍ଦ୍ର ଅଧିନ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆସ ସ୍କୁଲଯିବା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଆଲୁମନି ସଭାପତି ପ୍ରତାପ କେଶରୀ ନାୟକ, ଚନ୍ଦନ କୁମାର ପାତ୍ର ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ଶିକ୍ଷାରୁ ବଞ୍ଚିତ ଥିବା ତଥା ଡ୍ରପଆଉଟ ପିଲାମାନଙ୍କୁ ଶିକ୍ଷା ସ୍ରୋତକୁ ଆଣିବା ଲକ୍ଷ୍ୟରେ ଉକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଶ୍ରଦ୍ଧାପୁର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଦେବ କୁମାର ପାତ୍ର ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୋଟ ୧୬ଟି ବିଦ୍ୟାଳୟର ଆସ ସ୍କୁଲଯିବା କମିଟିର ମେମ୍ବର ସହିତ ୱାର୍ଡ ସଦସ୍ୟ ମାନେ ସହଯୋଗ କରିଥିଲେ। ଚଳିତ ବର୍ଷ ଆସ ସ୍କୁଲଯିବା ଅଭିଯାନ ଶ୍ରଦ୍ଧାପୁର ସହଯୋଗରେ ନାରାୟଣ ମହାନ୍ତି ପଡିଆର କହ୍ନେଇ ଦଳାଇ, ସତ୍ୟବାନ୍ ମୁର୍ମୁ, ପଳାସିଆ ଗ୍ରାମର ରାଜେଶ ଦଳାଇ ମୁକ୍ତ ବିଦ୍ୟାଳୟ ଅଧିନରେ ଦଶମ ଶ୍ରେଣୀ ପରୀକ୍ଷା ଦେବାକୁ ଥିବାବେଳେ ଶ୍ରଦ୍ଧାପୁରର ଜଗନ୍ନାଥ ପରିଡ଼ା ଶ୍ରଦ୍ଧାପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀରେ ନାମ ଲେଖାଇଥିବା ପ୍ରକାଶ କରି ଅନ୍ୟ ପିଲାଙ୍କୁ ବିଦ୍ୟାଳୟମୁଖୀ କରାଇବାକୁ ଆହ୍ୱାନ ଦିଆଯାଇଛି।

# ଖୋଲୁନି ଧାନମଣ୍ଡି; ବଢୁଛି ଚାଷୀଙ୍କ ଅସନ୍ତୋଷ

କାଳିପଦା, ୧୩।୧୨ (ସମିସ)

ଖରିଫ ଧାନ ଅମଳ ଏବେ ଶେଷ ପର୍ଯ୍ୟାୟରେ ଆସି ପହଞ୍ଚିଲାଣି। ପାଖାପାଖି ସତୁରି ପ୍ରତିଶତ ଚାଷୀଙ୍କ ଧାନ ଅମଳ କ୍ଷେତରୁ ସରିଲାଣି। ମାତ୍ର ଧାନ ମଣ୍ଡି ଖୋଲିବା ନେଇ ଅଦ୍ୟାବଧି ସରକାରୀ ସ୍ତରରେ କୌଣସି ତତ୍ପରତା ପ୍ରକାଶ ପାଇ ନାହିଁ। ଧାନ ବିକିବା ନେଇ ଚାଷୀ ମାନଙ୍କ ପାଖକୁ ଅଦ୍ୟାବଧି ସମସ୍ତ ଟୋକାନ ମଧ୍ୟ ଆସି ନାହିଁ। ସମବାୟ ସମିତି ଗୁଡିକ ମଧ୍ୟ ଏନେଇ କୌଣସି ଉତ୍ତର ମଧ୍ୟ ଦେଉ ନାହାଁନ୍ତି। କେଉଁ ମିଲର କେଉଁ ସମବାୟ ସମିତିରୁ କେତେ ଟାର୍ଗେଟ ପରିମାଣର ଧାନ କିଣିବେ ସେ ନେଇ କୌଣସି ସୂଚନା ମିଳୁ ନାହିଁ। କଟ୍‌ନୀ ଛଟ୍‌ନୀ ନେଇ ମଧ୍ୟ କୌଣସି ସୂଚନା ମିଳୁ ନାହିଁ।




ବାଲିଆପାଳ ବ୍ଲକର ବାଲିଆପାଳ, ବଡାପାଳ, ଜାମାକୁଣ୍ଡା, ମଧୁପୁରା, ଦେଭୋଗ, ନେପୁରା, ଲଙ୍ଗଳେଶ୍ୱର, ପ୍ରତାପପୁର, ବୋଲଂ, ବଣିଆଡିହା ଆଦି ସେବା ସମବାୟ ସମିତିକୁ ମଣ୍ଡି ଖୋଲିବା ନେଇ ଅଦ୍ୟାବଧି କୌଣସି ସୂଚନା ଆସି ନ ଥିବା ପ୍ରକାଶ। ଏ ନେଇ ଚାଷୀ ମହଲରେ ହତାଶା ଭାବ ଦେଖା ଦେଇଛି। ଗତବର୍ଷ ମିଲର ମାନଙ୍କ ମନମାନୀ ଯୋଗୁଁ ପ୍ରକୃତ ଚାଷୀମାନେ ଉପକୃତ ହେବା ବଦଳରେ ଦଲାଲମାନେ ଫାଇଦା ନେଇଗଲେ। ଜିଲ୍ଲାପାଳ ଓ ଯୋଗାଣ ଅଧିକାରୀ କିଛି କରି ପାରିଲେ ନାହିଁ। ଅନ୍ୟ ପକ୍ଷରେ ଏବେ ଅନେକ ଚାଷୀ କ୍ଷେତରୁ ଧାନ ଅମଳ କରି କୁଇଣ୍ଟାଲ ପ୍ରତି ୧୭/୧୮ ଶହ ଟଙ୍କାରେ ଆନ୍ଧ୍ର, ତାମିଲନାଡୁ, ପଶ୍ଚିମବଙ୍ଗ ଅଞ୍ଚଳର ଦଲାଲ ମାନଙ୍କୁ ବିକ୍ରି କରି ଦେଉଛନ୍ତି। ଯୋଗାଣ ବିଭାଗର କୌଣସି ଅଙ୍କୁଶ ନ ଥିବାରୁ ଅବାଧରେ ପ୍ରତିଦିନ ଟ୍ରକ ଯୋଗେ ବାହାରକୁ କୁଇଣ୍ଟାଲ କୁଇଣ୍ଟାଲ ଧାନ ଚାଲାଣ ହେଉଛି। ଚଳିତ ବର୍ଷ ଅନୁକୂଳ ପାଗ ଯୋଗୁଁ ଖରିଫ ଧାନ ଚାଷ ଖୁବ ଭଲ ହୋଇଛି। ଜଣେ ଜଣେ ଚାଷୀ ପାଖରେ ଅନ୍ୟୁନ ୨୦/୩୦ କୁଇଣ୍ଟାଲ ଧାନ ଅମଳ ହୋଇ ଏବେ ପଡି ରହିଛି। ଧାନ ରଖିବା ପାଇଁ ଜାଗାର ମଧ୍ୟ ଅଭାବ ଦେଖା ଦେଇଛି। କେତେକ ଚାଷୀ ରବି ଧାନ ଚାଷ ପାଇଁ ଖରିଫ ଧାନକୁ ଅଳ୍ପ ଦାମରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଏହି ଅଭାବୀ ଧାନ ବିକ୍ରିକୁ ରୋକିବା ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଉ ବୋଲି ମଙ୍ଗଳି ଚରଣ ଦାସ, ମୁକୁନ୍ଦ କୁମାର ଟୁଡୁ, ରାଜେନ୍ଦ୍ର କୁମାର ସି, ଗଗନ କୁମାର ବେହେରା, ଗୁଣାକର ବାରିକ, ସାଲ ଖାନ ସିଂ, ବାଇଧର ଜେନା, ସୁମନ୍ତ କୁମାର ରାଉତ, ସ୍ୱରାଜ କାନ୍ତ ବେହେରା, ତନ୍ମୟ ପାଳ ପ୍ରମୁଖ ଦୃଢ଼ ଦାବି କରିଛନ୍ତି।

● ଅଷ୍ଟମ ବାବା ମୁକ୍ତେଶ୍ୱର ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ସୌମ୍ୟଙ୍କ ଶତକ, ଆଲଫା କ୍ରିକେଟ କ୍ଲବ ବିଜୟୀ

ସୋର, ୧୩।୧୨(ସମିସ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଗୁଠୁଣା ପଡିଆରେ ବାବା ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅଷ୍ଟମ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଜିମଖାନା ରାଉରକେଲାକୁ ହରାଇ ଆଲଫା କ୍ରିକେଟ କ୍ଲବ, ଗଞ୍ଜାମ ବିଜୟୀ ହୋଇଛି। ଆଜିର ମ୍ୟାଚରେ ଜିମଖାନା ରାଉରକେଲା ଟସ ଜିତି ପ୍ରଥମେ ବ୍ୟାଟିଂ କରି ୨୩. ୫ ଓଭରରେ ସମସ୍ତ ୱିକେଟ ହରାଇ ୧୯୨ ରନ ସଂଗ୍ରହ କରିଥିଲା। ଦଳର ବ୍ୟାଟ୍ସ ମ୍ୟାନ ଉମେଶ ଗୌତମ ୩୫ଟି ବଲ ଖେଳି ୫୭ ରନ ସଂଗ୍ରହ କରିଥିଲେ। ଜବାବରେ ଗଞ୍ଜାମ ୨୧.୧ଓଭର ରେ ୪ ୱିକେଟ ହରାଇ ୧୯୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳର ବ୍ୟାଟ୍ସ ମ୍ୟାନ ସୌମ୍ୟରଞ୍ଜନ ବିଶ୍ୱାଳ ୫୭ ବଲ ଖେଳି ୧୦୦ ରନ ଏବଂ ସମୀର ସାହୁ ୪୦ ବଲ ଖେଳି ୪୨ ରନ ସଂଗ୍ରହ କରି ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ଗଞ୍ଜାମର ବ୍ୟାଟ୍ସମ୍ୟାନ ସୌମ୍ୟ ରଞ୍ଜନ ବିଶ୍ୱାଳ ୫୭ ବଲରେ ଶତକ ହାସଲ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାପାତ୍ର ହେଲଥ କେୟାରର ଓନର ଡ଼. ସତ୍ୟରଞ୍ଜନ ମହାପାତ୍ର ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଏହି ମ୍ୟାଚକୁ ଓସିଏ ଲେବୁଲ ଅମ୍ପାୟାର ଆଶୁତୋଷ ପାଣି ଏବଂ ଦୁର୍ଗାପ୍ରସାଦ ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ରାକେଶ ରାଉତ, ଦିବ୍ୟଜ୍ୟୋତି ନାୟକ ଏବଂ ସନ୍ତୋଷ ମହାନ୍ତି କାର୍ଯ୍ୟ ତୁଲାଇ ଥିଲେ। ଭାଷ୍ୟକର ଭାବେ ଯଦୁନାଥ ନାୟକ ଏବଂ ରସିଦ ଖାନ କାର୍ଯ୍ୟ ତୁଲାଇ ଥିଲେ। ଏହି ମ୍ୟାଚକୁ ମୁକ୍ତେଶ୍ୱର କ୍ଲବର ସଦସ୍ୟ ଯଦୁନାଥ ନାୟକ, ବିଶ୍ୱରଂଜନ ପ୍ରଧାନ, ସୁରେନ୍ଦ୍ର ବେହେରା, ଗୋପୀନାଥ ପ୍ରଧାନ, ଡମ୍ବରୁଧର କର, ହରିଶ୍ଚନ୍ଦ୍ର ଜେନା, ରଞ୍ଜନ ମହାନ୍ତି, କୈଳାଶ ପ୍ରଧାନ, ଶ୍ରୀକାନ୍ତ ସାହୁ, ନିର୍ମଳ ବେହେରା, ଗଜେନ୍ଦ୍ର ମହାନ୍ତି, ମାଧବ ନାୟକ, ରଞ୍ଜିତ ନାୟକ, କୈଳାଶ ଭୋଳ ଏବଂ ଗଦାଧର ବିଶ୍ୱାଳ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତାକାଲି ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ରାଇଜିଂ କ୍ରିକେଟ କ୍ଲବ ଝାଡଖଣ୍ଡ ସହିତ ଏମଏମସିସି ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହେବ।

## ଗୁଡ଼ିର ମାଞ୍ଜା ସୂତା ଲାଗି ଜଣେ ଗୁରୁତର

ନୀଳଗିରି, ୧୩।୧୨ (ସମିସ): ଗୁଡ଼ି ମାଞ୍ଜା ସୂତା ଲାଗି ଯୁବକ ଗୁରୁତର। ଯୁବକଙ୍କ ନାକରେ ଗଭୀର ଆଘାତ ଲାଗିଛି। ନୀଳଗିରି ବଜାରରେ ନିଜ କାର୍ଯ୍ୟ ସାରି ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ନୀଳଗିରି ଏନ୍‌ଏସି ଦମକଳ ଅଫିସ ନିକଟରେ ଘଟିଥିଲା ଅଘଟଣ। ଯୁବକଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ନିକଟସ୍ଥ ନୀଳଗିରି ମେଡିକାଲରେ ଭର୍ତ୍ତି କରାଇଥିଲେ। ଆହତ ଯୁବକ ଜଣଙ୍କ ହେଉଛନ୍ତି ବାଲେଶ୍ୱର ନୀଳଗିରି ଏନ୍‌ଏସି ୫ ନଂ ୱାଡର୍ ବରିସାହି ଗ୍ରାମର ବାସିନ୍ଦା ଗଙ୍ଗାଧର ବେହେରାଙ୍କ ପୁଅ ପ୍ରହଲ୍ଲାଦ ବେହେରା। ନାକରେ ମାଞ୍ଜା ସୂତା ଲାଗିବାରୁ ଗଭୀର ଆଘାତ ଲାଗିଥିଲା। ଆସନ୍ତା ଦିନରେ ମାଞ୍ଜା ସୂତାରେ ଗୁଡ଼ି ଉଡାଇ ମଜ୍ଜା ଉଠାଉଥିବା ଲୋକଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଉତ୍ତର ଭୋଗରାଇ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ଶିଶୁ ମହୋତ୍ସବ

ଭୋଗରାଇ, ୧୩।୧୨(ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ ଉତ୍ତର ଭୋଗରାଇ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ୪୨ତମ ଶିଶୁ ମହୋତ୍ସବ ଦହମୁଣ୍ଡା ସରକାରୀ ହାଇସ୍କୁଲ ଅନୁଷ୍ଠିତ ହୋଇଛି। ଉତ୍ତର ଭୋଗରାଇ ଓଷ୍ଟା ସଂଘ ପୂର୍ବତନ ସଭାପତି ଗୌରୀଶଙ୍କର ତ୍ରିପାଠୀ ଶିଶୁ ମହୋତ୍ସବକୁ ଉଦଘାଟନ କରିଥିଲେ। ୨୪ଟି ବିଦ୍ୟାଳୟର ୪ ଶହ ଜଣ ଛାତ୍ରଛାତ୍ରୀ ସାଧାରଣ ଜ୍ଞାନ, ତର୍କ, କୁଇଜ, କଣ୍ଠ ସଂଗୀତ, କବିତା ଲିଖନ, ଏକକ ନୃତ୍ୟ, କବିତା ଆବୃତି, ଏକକ ଅଭିନୟ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଥମ ଅଧିବେଶନରେ ଉତ୍ତର ଭୋଗରାଇ ଓଷ୍ଟା ସଂଘର ସଭାପତି କୁଳମଣି ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ବାଲେଶ୍ୱର ଜିଲ୍ଲା ଓଷ୍ଟା ସଂଘ ପୂର୍ବତନ ସଭାପତି ବାଦଲ ଚନ୍ଦ୍ର ପାତ୍ର, ମୁଖ୍ୟବକ୍ତା ଜିଲ୍ଲା କାର୍ଯ୍ୟକାରୀ ସଭାପତି ରାଜେନ୍ଦୁ ବିକାଶ ପାତ୍ର, ସମ୍ମାନିତ ଅତିଥି ଭୋଗରାଇ ଶିକ୍ଷକ ସମନ୍ୱୟ ସମିତି ସାଧାରଣ ସଂପାଦକ ପ୍ରଶାନ୍ତ ମହାନ୍ତି, ପୂର୍ବତନ ସଭାପତି ବିଜୟାନନ୍ଦ ପଟ୍ଟନାୟକ, ଜଳେଶ୍ୱର ଓଷ୍ଟା ସଭାପତି ସୁକୁମାର ମିଶ୍ର, ଦହମୁଣ୍ଡା ହାଇସ୍କୁଲର ପ୍ରଧାନଶିକ୍ଷକ ଆଲୋକ ପ୍ରଧାନ, ବିଶିଷ୍ଟ ଅତିଥି ଖରିଦପିପଳ ପଞ୍ଚାୟତ ସରପଞ୍ଚ ମଞ୍ଜୁରାଣୀ ବେହେରା ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ନିଷ୍ଠା ଓ ସାଧନା ବଳରେ ବଡ ସ୍ୱପ୍ନ ଦେଖି ସାକାର କରିବାକୁ ପରାମର୍ଶ ଦେଇଥିଲେ। ଉତ୍ତର ଭୋଗରାଇ ଓଷ୍ଟା ସଂଘ ସଂପାଦକ ବ୍ରଜ ଗୋପାଳ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଯୁବ ଶିକ୍ଷକ ମନୋଜ କୁମାର ଜେନା ମଞ୍ଚ ଆହ୍ୱାନ ଓ ଆଦର୍ଶ ଶିକ୍ଷକ ଦେବବ୍ରତ ଦେ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଉତ୍ତର ଭୋଗରାଇ ଓଷ୍ଟା ସଂଘ ସଭାପତି କୁଳମଣି ଜେନା ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବାଲେଶ୍ୱର ଜିଲ୍ଲା ଓଷ୍ଟା ସଭାପତି ମନୋରଞ୍ଜନ ଦାସ, ମୁଖ୍ୟବକ୍ତା ଜିଲ୍ଲା ଓଷ୍ଟା ସଂଘ ସଂପାଦକ ବିଜୟ କୁମାର ପାତ୍ର, ସମ୍ମାନନୀୟ ଅତିଥି କାର୍ଯ୍ୟକାରୀ ସଦସ୍ୟ ସୈଭାଗ୍ୟ ରଞ୍ଜନ ଦେ, ସଂପାଦକ ବ୍ରଜ ଗୋପାଳ ଦାସ ପ୍ରମୁଖ ଶିକ୍ଷାର୍ଥୀମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ କରିବାର ବଡ ମାଧ୍ୟମ ବୋଲି କହିଥିଲେ। ଯୁବ ଶିକ୍ଷକ ମଳୟ କୁମାର ସୁର ଅତିଥି ପରିଚୟ ଓ ଶିକ୍ଷକ ସଞ୍ଜୟ କୁମାର ଦାସ ଧନ୍ୟବାଦ ଦେଇଥିଲେ। କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।



## ଆକ୍ରମଣ ଅଭିଯୋଗ

ଜଳେଶ୍ୱର, ୧୩।୧୨(ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋଟସାହି ପଞ୍ଚାୟତର ଗୋପାଳଚନ୍ଦ୍ର ଦାସ ମହାପାତ୍ର ମାର୍କେଟ କମ୍ପ୍ଲେକ୍ସର ଅନିୟମିତତାକୁ ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥଲେ। ତାହାକୁ ବିରୋଧ କରି ସେହି ପଞ୍ଚାୟତରେ ନଗେନ୍ଦ୍ର ଜେନା, ଭାନୁ ଜେନା, ଗୌରୀ ଚନ୍ଦ୍ର ପରିଡ଼ା ସଙ୍ଘବଦ୍ଧ ଭାବେ ଆକ୍ରମଣ କରିବା ସହିତ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଗୋପାଳଚନ୍ଦ୍ର ଦାସ ମହାପାତ୍ର ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ବସ୍‌ଷ୍ଟାଣ୍ଡରୁ ଯୁବକର ମୃତଦେହ ଉଦ୍ଧାର

ଜଳେଶ୍ୱର, ୧୩।୧୨(ସମିସ) : ଭୋଗରାଇ ଥାନା, କଖଡା ଦାଉଦ ପୁର ଗ୍ରାମର କାର୍ଦ୍ଦା ମୁର୍ମୁଙ୍କ ପୁଅ ଶ୍ୟାମଲାଲା ମୁର୍ମୁ(୪୨) ଙ୍କ ମୃତ ଶରୀର ଜଳେଶ୍ୱର ଥାନା ଅଗ୍ରୱାଲ ଛକ ସନ୍ନିକଟ ଗୋପବନ୍ଧୁ ବସ୍‌ଷ୍ଟାଣ୍ଡରୁ ଉଦ୍ଧାର ହୋଇଛି। ଶନିବାର ସକାଳେ ଅଜଣା ଶବ ବସ ଷ୍ଟାଣ୍ଡ ରେ ପଡ଼ିଥିବା ଦେଖି ସମାଜସେବୀ ଚନ୍ଦନ କର ଜଳେଶ୍ୱର ଥାନାକୁ ଜଣାଇଥିଲେ। ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ବ୍ୟବସ୍ଥା କରିବା ସହ ସମସ୍ତ ଦିଗରୁ ତଦନ୍ତ କରୁଛନ୍ତି। ପ୍ରତ୍ୟକ୍ଷ ଦର୍ଶୀଙ୍କ କହିବା ଅନୁସାରେ ବ୍ୟକ୍ତି ଜଣକ ଶୁକ୍ରବାର ନିକଟ ଏକ ଦୋକାନରେ ବସିଥିଲେ।

## ରାଧାକାହ୍ନୁ ମନ୍ଦିରରୁ ଚୋରି

ସିମୁଳିଆ, ୧୩।୧୨ (ସମିସ): ମଇତାପୁର ପଞ୍ଚାୟତ ମହାନ୍ତିସାହିରେ ୪ ଚତୁର୍ଥ ମହୋତ୍ସବ ଷ୍ଟେଜ କାମ ଚାଲି ଥିଲାବେଳେ ଷ୍ଟେଜ ପାଖରୁ ମାତ୍ର ୧୦୦ମିଟର ଦୂରରେ ଥିବା ରାଧା କାହ୍ନୁ ମନ୍ଦିରରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର କବାଟ ଭାଙ୍ଗି ଠାକୁରଙ୍କ ଅଳଙ୍କାର ଚୋରି କରି ନେଇଛନ୍ତି। ସିମୁଳିଆ ଥାନା ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ଧର୍ମପରାୟଣା ମହିଳାଙ୍କ ପରଲୋକ

ସୋର, ୧୩।୧୨(ସମିସ): ସୋର ବ୍ଲକ ସରଣଂଖ ଗ୍ରାମର ଜଣେ ଧର୍ମପରାୟଣା ମହିଳାଙ୍କ ୮୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଏହି ଗ୍ରାମର ହରେକୃଷ୍ଣ ମିଶ୍ରଙ୍କ ଧର୍ମପତ୍ନୀ ମାଳତୀ ମିଶ୍ର ଗତ କିଛିଦିନ ହେଲା ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ଗତ ବୁଧବାର ଦିନ ତାଙ୍କର ହଠାତ୍ ପରଲୋକ ହୋଇଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ୪ ପୁତ୍ର ଓ ପୁତ୍ରବଧୂ ସମେତ ଝିଅ ଜ୍ୱାଇଁ ନାତି ନାତୁଣୀ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁଅ ହେମନ୍ତ ମୁଖାଗ୍ନି ଦେଇଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭୋଗରାଇ, ୧୩।୧୨(ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ କୁଶୁଡ଼ା ଗ୍ରାମପଞ୍ଚାୟତ ଅଧୀନସ୍ଥ ଗଛଗଡ଼ିଆ ଉନ୍ନୀତ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଙ୍କଜ କୁମାର ଖଟୁଆଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ ନିହାର ରଞ୍ଜନ ଦାସ, ବିଶିଷ୍ଟ ଅତିଥି ଭୋଗରାଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ଜ୍ୟୋତ୍ସ୍ନାରାଣୀ ପଣ୍ଡା, ମୁଖ୍ୟବକ୍ତା ଭୋଗରାଇ ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଭଗିରଥ ଗିରି, ସମ୍ମାନିତ ବକ୍ତା ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷକ ଦେବବ୍ରତ ଦେ, ସମ୍ମାନିତ ଅତିଥି କୁଶୁଡ଼ା ପଞ୍ଚାୟତ ସରପଞ୍ଚ ଆରତୀ ମହୁରୀ, ସମିତି ସଭ୍ୟା ନମିତା ଜେନା, କୁଶୁଡ଼ା ଆଞ୍ଚଳିକ କେନ୍ଦ୍ରର ସଂଯୋଜକ ବ୍ରଜକେଶ ମହାନ୍ତି, ପୂର୍ବତନ ବିଆରସିସି ଋଷଭ କୁମାର ମହାପାତ୍ର, ନାଚିନ୍ଦା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ହୃଦୟରଞ୍ଜନ ଗଙ୍ଗାଇ, ପୂର୍ବତନ ଏସ୍ ଆଇ ଆଶୁତୋଷ ନାଗ, ସୁରେନ୍ଦ୍ର ନାଥ ପ୍ରଧାନ, ପୂର୍ବତନ କୁଶୁଡ଼ା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୋପାଳ ଚନ୍ଦ୍ର ସେଠୀ, ହରେକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଜଗନ୍ନାଥ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଦେ ବାର୍ଷିକ ବିବରଣୀ ପଠନ କରିଥଲେ। ଶିକ୍ଷକ ଜଗଦୀଶ ବାରିକ ଧନ୍ୟବାଦ ଦେଇଥିଲେ।



## ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା ଘଟଣାରେ ଆଉ ଜଣେ ଗିରଫ

ସୋର, ୧୩।୧୨(ସମିସ): ଗତ ଅକ୍ଟୋବର ମାସରେ ସୋର ଥାନା ମଲ୍ଲିଟୁଆ ଗ୍ରାମରେ ଗୁଣିଗାରେଡି ସନ୍ଦେହରେ ହୋଇଥିବା ହତ୍ୟା ଘଟଣାରେ ସୋର ପୁଲିସ ଅନ୍ୟ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗ୍ରାମର ଚଇତା ସିଂ ଗୁଣିଗାରେଡି କରୁଥିବା ସନ୍ଦେହରେ ଗ୍ରାମବାସୀ ଗତ ସେପ୍ଟେମ୍ବର ମାସରେ ଚଇତା ତାଙ୍କ ସ୍ତ୍ରୀ ମୁନି ସିଂ ଓ ଭାଉଜ ଟୁନି ସିଂଙ୍କୁ ଗଛରେ ବାନ୍ଧି ମାଡ ମାରିବା ସହିତ ଚଇତା ଗୋଡ଼ରେ ବେଡି ପକାଇ ରଖିଥିଲେ। ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଗତ ଅକ୍ଟୋବର ମାସ ୧୨ତାରିଖରେ ଟୁନି ସିଂଙ୍କର ମୃତ୍ୟୁ ହୋଇଥିଲା। ଏ ବାବଦରେ ଚଇତାଙ୍କ ସମ୍ପର୍କୀୟ ଗୋବିନ୍ଦ ସିଂ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରି ପୂର୍ବରୁ ୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାରେ ଅନ୍ୟ ମାନେ ଫେରାର ଥିବା ବେଳେ ଗତକାଲି ରାତିରେ ଏଥିରେ ସମ୍ପୃକ୍ତ ଗୋପାଳପୁର ଗ୍ରାମର ରବୀନ୍ଦ୍ର ସିଂ (୨୮)ଙ୍କୁ ଗିରଫ କରି ଆଜି ଅପରାହ୍ଣରେ କୋର୍ଟ ଚାଲାଣ କରିଛି।

## କୁଳଡିହା ଅଭୟାରଣ୍ୟରୁ ତିନି ଶିକାରୀ ଗିରଫ




ନୀଳଗିରି, ୧୩।୧୨ (ସମିସ): କୁଳଡିହା ବନବିଭାଗକୁ ପୁଣି ବଡ଼ ସଫଳତା। ଏ.ଆଇ କ୍ୟାମେରା ସହାୟତାରେ ତିନିଜଣ ଶିକାରୀଙ୍କ ପରିଚୟ ପାଇ ସେମାନଙ୍କୁ ଘରୁ ଉଠାଇ ଆଣିଛି ବନବିଭାଗ। କିଛିଦିନ ପୂର୍ବରୁ ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଯୋଡାଚୁଆ ଅଞ୍ଚଳରୁ ଏ. ଆଇ କ୍ୟାମେରା ସହାୟତାରେ ଦୁଇଜଣ ଶିକାରୀଙ୍କୁ ଚିହ୍ନଟକରି ସେମାନଙ୍କୁ ଗିରଫକରି ଜେଲହାଜତକୁ ପଠାଇଥିବାବେଳେ ପୁଣି ଏହି କ୍ୟାମେରା ସାହାଯ୍ୟରେ ପୂର୍ବରୁ ଟ୍ରାପ୍ ହୋଇଥିବା ଚିତ୍ରକୁ ଆଧାରକରି ଆଜି ୩ଜଣ ଶିକାରୀଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ୫ଟି ଦେଶୀବନ୍ଧୁକ ଜବତ କରିଛି। ଉଭୟ କୁଳଡିହା ଏବଂ ସୋର ବନବିଭାଗ କର୍ମଚାରୀ ଅଭୟାରଣ୍ୟରେ ପେଟ୍ରୋଲିଂ କରିବାସମୟରେ ଏ. ଆଇ କ୍ୟାମେରା ଦ୍ୱାରା ଟ୍ରାପ ହୋଇଥିବା ଚିତ୍ରକୁ ଆଧାରକରି ଔପଦା ଥାନା ଦରଖୋଳି ବେତେଇ ଗ୍ରାମର ଗୁରା ମୁଣ୍ଡା (୫୦), ଗେଡେ ଦେଓଗାମ(୩୫), ବିକ୍ରମ ମୁଣ୍ଡା(୫୫)କୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଥିବା ବନବିଭାଗ ସୂଚନା ଦେଇଛି।

## ଜଗାଇ କଲେଜରେ ରକ୍ତଦାନ ଶିବିର

କାଳିପଦା, ୧୩।୧୨ (ସମିସ): ବାଲିଆପାଳ ବ୍ଲକ ଜଗାଇସ୍ଥିତ କୃଷ୍ଣଚନ୍ଦ୍ର ପିପିଲି ମହା ବିଦ୍ୟାଳୟରେ ଯୁବ ରେଡ୍‌କ୍ରସ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଡ. ମାନସୀ ସାହୁଙ୍କ ପୌରାହିତ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଯୁବ ରେଡ କ୍ରସର ପରିଚାଳକ ଅଧ୍ୟାପକ ସୁଶାନ୍ତ ରାଜ ଶିବିର ପରିଚାଳନା କରିଥିଲେ। ଅଧ୍ୟାପିକା ଶାନ୍ତିଲତା ଦାସ କୃତଜ୍ଞତା ଜ୍ଞାପନ କରିଥିଲେ।

## ମଦ ଜବତ, ଜଣେ ଗିରଫ

ସୋର, ୧୩।୧୨(ସମିସ): ସୋର ଥାନା କେଶରୀପୁର ପଞ୍ଚାୟତ ଫଟାଅର୍ଜୁନ ଛକ ନିକଟରେ ଚଢ଼ଉ କରି ମଦ ଜବତ କରିବା ସହିତ ଜଣଙ୍କୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି। ଏହି ଛକରେ ମଦ ବିକ୍ରି ହେଉଥିବା ଖବର ପାଇ ଗତକାଲି ରାତିରେ ସୋର ପୁଲିସ ଚଢ଼ଉ କରି କେଶରୀପୁର ଗ୍ରାମର ଗୋପୀନାଥ ମଳିକ ନିକଟରୁ ୧୮. ୯୦୦ ଲିଟର ବିଦେଶୀମଦ ଏବଂ ୪. ୫୦୦ ଲିଟର ଦେଶୀମଦ ଜବତ କରିବା ସହିତ ଗୋପୀନାଥକୁ ଥାନାରେ ଅଟକ ରଖିଥିଲେ। ଆଜି ଏ ବାବଦରେ ପୁଲିସ ଥାନାରେ ଏକ ମାମଲା ରୁଜୁ କରି ଗୋପୀନାଥକୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ତାର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି।

# ବିପଦକୁ ଆମନ୍ତ୍ରଣ; ମୁକୁଳା ପଡ଼ିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର

ଚନ୍ଦନେଶ୍ୱର, ୧୩।୧୨(ସମିସ)

ଭୋଗରାଇ ବ୍ଲକ କାନ୍ଥଭଉଁରୀ ପଞ୍ଚାୟତ ଅଧୀନ ରଣସିଂହପୁର ଗ୍ରାମର ୧୨ନଂ ୱାର୍ଡରେ ଅବସ୍ଥିତ ବିଦ୍ୟୁତ ଟ୍ରାନ୍ସଫର୍ମର ମୁକୁଳା ଅବସ୍ଥାରେ ରହିଛି। ରଣସିଂହପୁର ଦକ୍ଷିଣ ହରିଜନସାହି ସ୍କୁଲ ପାଖରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ମୁକୁଳା ହୋଇ ବିପଦ ଆଶଙ୍କା ରହିଥିବାବେଳେ ବିଦ୍ୟୁତ ବିଭାଗ ଏହା ପ୍ରତି ଦୃଷ୍ଟି ନ ଦେବାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଟ୍ରାନ୍ସଫର୍ମର ପାଖକୁ ଲାଗି ହରିଜନସାହି ସ୍କୁଲ ଓ ପାଣି ଟାଙ୍କି ରହିଛି। ଏହି ଟ୍ରାନ୍ସଫର୍ମର ପାଖ ମୁଖ୍ୟ ରାସ୍ତା ଦେଇ ଛୋଟ ଛୋଟ ପିଲାମାନେ ସ୍କୁଲ ଯିବା ଆସିବା କରିବା ସହିତ ହଜାର ହଜାର ଲୋକ ଯିବା ଆସିବା କରିବା କରୁଛନ୍ତି। ପ୍ରତ୍ୟେକ ଦିନ ଦିନ ଶହ ଶହ ମଟର ସାଇକେଲ, ଟ୍ରାକ୍ଟର ମଧ୍ୟ ଯିବା ଆସିବା କରୁଛି। ସେହି ଜାଗାରେ ଟ୍ରାନ୍ସଫର୍ମର ମଣିଷଙ୍କ ପ୍ରତି ବିପଦ ସୃଷ୍ଟି କରୁଛି ତାହା ନୁହେଁ, ଗୃହ ପାଳିତ ପଶୁଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ମାତ୍ର ଏଥିପ୍ରତି ବିଦ୍ୟୁତ ବିଭାଗ ଦୃଷ୍ଟି ଦେଉ ନ ଥିବାରୁ ଦିନକୁ ଦିନ ବିପଦ ଆଶଙ୍କା ସୃଷ୍ଟି ହେବାରେ ଲାଗିଛି। ଏଠାରେ ବଡ ଧରଣର ଅଘଟଣ ଘଟିବା ପୂର୍ବରୁ ବିଦ୍ୟୁତ ବିଭାଗ ପକ୍ଷରୁ ଟ୍ରାନ୍ସଫର୍ମର ଚାରିପାଖରେ ପାଚେରୀ କରିବାର ପଦକ୍ଷେପ ଗ୍ରହଣ କରିବାକୁ ଦାବି ଜୋର ଧରିଛି। ଏଥିରେ ଅସିତ ମଲ୍ଲିକ, ସରୋଜ ମଲ୍ଲିକ, ସନ୍ତୋଷ ପଟ୍ଟାୟତ, ଶିବଶଙ୍କର ବେହେରା, ମାଧବ ପଟ୍ଟାୟତ, ହରିଶ ମଲ୍ଲିକ, ଉମାକାନ୍ତ ମଲ୍ଲିକ, ସୁମନ ପଟ୍ଟାୟତ, ଗୌରାଙ୍ଗ ମଲ୍ଲିକ, ଶ୍ରୀମତୀ ପଟ୍ଟାୟତ, ଜ୍ୟୋତ୍ସ୍ନା ରାଣୀ ପଟ୍ଟାୟତ, ଗୀତାରାଣୀ ପଟ୍ଟାୟତ, ସାଗର ମଲ୍ଲିକ, ଅଞ୍ଜନ ବେହେରା, ଉତ୍ତମ ପଟ୍ଟାୟତ, ତାପସ ବେହେରା, ବିଜୟ ପଟ୍ଟାୟତ ଓ ସୁବଳ ବେହେରା ପ୍ରମୁଖ ଦାବୀ କରିଛନ୍ତି।




ଓଁ
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



⁄ ନଳିନୀ ପ୍ରଭା ପ୍ରଧାନ
ଆର୍ବିଭାବ: ୦୨.୦୭.୧୯୬୪
ତିରୋଧାନ: ୨୫.୧୨.୨୦୨୪
ସଦାନନ୍ଦ ବିହାର, ପଞ୍ଚମ ଲେନ, ଗୋସାଇଁ ନୂଆଗାଁ, ବ୍ରହ୍ମପୁର
ମାଆ, ତୁମେ ଇହଲିଳା ସମ୍ବରଣ କରିବାର ଏ ଭିତରେ ଗୋଟିଏ ବର୍ଷ ବିତିଗଲାଣି। ସବୁ ଦିନେ ତମର ଅନୁପସ୍ଥିତି ଅନୁଭବ କରୁଅଛୁ। ତମର ସେହି ହସ ହସ ମୁହଁ ମନେ ପଡୁଛି। ତୁମର ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
-: ଶୋକସନ୍ତପ୍ତ :-
ପ୍ରଧାନ ପରିବାର, ବନ୍ଧୁବର୍ଗ

## ଦୁର୍ଗମ ଅଞ୍ଚଳରେ ନାହିଁ ଲକ୍ଷ୍ମୀ ବସ୍ ସେବା

# ସରକାର ବଦଳିବା ପରେ ନବୀନଙ୍କ ଅବଦାନ ସାତସପନ

**ରାଇରଙ୍ଗପୁର/ବିଜତଳା, ୧୩।୧୨(ସମିସ)**

ଗ୍ରାମରୁ ସହରକୁ ଦୂରତ୍ୱ କମାଇବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶ୍ରେଷ୍ଠ ଯୋଜନା ମଧ୍ୟରେ ଅନ୍ୟତମ ଲକ୍ଷ୍ମୀ ବସ ଯୋଜନା ଦୁର୍ଗମ ଅଞ୍ଚଳରେ ଏବେ ବି ଅପହଞ୍ଚ ରହିଛି। ପୂର୍ବରୁ ୫ ଟଙ୍କାରେ ଘରୁ ବାହାରି ସହର ଯାଉଥିବାବେଳେ ମହିଳାଙ୍କ ନିମନ୍ତେ ଅଧିକ ସୁବିଧା ଉପଲବ୍ଧ ଥିଲା। ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ସୁଗମ ଅଞ୍ଚଳକୁ ଯୋଗାଯୋଗ ପାଇଁ ଏହା ଥିଲା ନବୀନ ପଟ୍ଟନାୟକଙ୍କ ଅବଦାନ। କିନ୍ତୁ ସରକାର ବଦଳିବା ସହ ଲକ୍ଷ୍ମୀ ବସ୍ ସେବା ବଦଳି ମୁଖ୍ୟମନ୍ତ୍ରୀ ବସ ସେବା ହେଲା। ବସ୍‌ର ରଙ୍ଗ ମଧ୍ୟ ବଦଳି ଗଲା। କିନ୍ତୁ ବସ୍ ସେବାରେ ଉନ୍ନତି ଆସିବ କ'ଣ ଲୋକେ ବସ୍ ସେବାରୁ ବଞ୍ଚିତ ହେଉଛନ୍ତି। ଉପାନ୍ତ ଅଞ୍ଚଳରେ ବସ୍ ସେବା ଉପଲବ୍ଧ ହେଉନାହିଁ। ଏଭଳି ଘଟଣା ବାମନଘାଟି ଉପଖଣ୍ଡର ବିଜାତଳା ବ୍ଲକ ଅନ୍ତର୍ଗତ ଚଢେଇ ପାହାଡି ଗ୍ରାମ ପଞ୍ଚାୟତରୁ ସାମ୍ନାକୁ ଆସିଛି।




ଦୁର୍ଗମ ଅଞ୍ଚଳରେ ଲକ୍ଷ୍ମୀ ବସ ସେବା ଉପଲବ୍ଧ ନ ଥିବାରୁ ଗ୍ରାମବାସୀଙ୍କ ପାଇଁ ସାତସପନ ସାଜିଛି। ରାଇରଙ୍ଗପୁର ମୁଖ୍ୟାଳୟକୁ କୌଣସି ବସ୍ ସେବା ନ ଥିବାରୁ ଲୋକଙ୍କୁ ମାଇଲ ମାଇଲ ବାଟ ଚାଲିକି କିମ୍ବା ବାଇକରେ ଆସିବାକୁ ପଡୁଛି। ନିର୍ବାଚନ ସମୟରେ ଭୋଟ ନେବାକୁ ନେତାମାନେ ଉକ୍ତ ଦୁର୍ଗମ ଅଞ୍ଚଳକୁ ଆସିଥିବାବେଳେ ନିର୍ବାଚନ ଜିତିବା ପରେ ଦୁର୍ଗମ ଅଞ୍ଚଳର ସମସ୍ୟା ବାବଦରେ ସାଂସଦ ଓ ବିଧାୟକ ଭୁଲିଗଲେ।

### ଯାତାୟାତ ପାଇଁ ଲୋକେ ଭୋଗୁଛନ୍ତି ନାନାଦି ସମସ୍ୟା

ପୂର୍ବ ସରକାରର ଲକ୍ଷ୍ମୀ ବସ ସେବା ଏକ ଯୁଗାନ୍ତକାରୀ ପଦକ୍ଷେପ ଥିବାବେଳେ ଉପାନ୍ତ ଅଞ୍ଚଳର ଗ୍ରାମ ପାଇଁ ବରଦାନ ସାଜିଥିଲା। ଲୋକେ ସ୍ୱଳ୍ପ ଖର୍ଚ୍ଚରେ ଗ୍ରାମରୁ ସହରକୁ ଯାତାୟାତ କରିବା ସହ ଲାଭବାନ ହେଉଥିଲେ। କିନ୍ତୁ ବିଜତଳା ବ୍ଲକର ଉକ୍ତ ଉପାନ୍ତ ଗ୍ରାମରେ ଲକ୍ଷ୍ମୀ ବସ ସେବା ପାଇଁ ସରକାର ମନୋନିବେଶ କରୁନାହାଁନ୍ତି। ଗ୍ରାମର ସର୍ବାଙ୍ଗିନ ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଛନ୍ତି। ଏଥିପାଇଁ କୋଟି କୋଟି ଟଙ୍କା ବିନିଯୋଗ କରୁଥିବା ଡିଣ୍ଡିମ ପିଟୁଛନ୍ତି। ଚଢେଇପାହାଡି ଗ୍ରାମକୁ ବିକାଶ ଅପହଞ୍ଚ ହୋଇ ରହିଛି। ଯାତାୟାତ ଭଳି ମୌଳିକ ସୁବିଧା ଯୋଗାଇବାରେ ରାଜ୍ୟର ବିଜେପି ସରକାର ବିଫଳ ହୋଇଛନ୍ତି। ଏ ନେଇ ବାମନଘାଟି ଉପଖଣ୍ଡସ୍ତରୀୟ ଯୁଗ୍ମ ଶୁଣାଣିରେ ଚଢେଇପାହାଡି ସମିତି ସଭ୍ୟା କୁନି ସର୍ଦ୍ଦାର ଓ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମ ରାସ୍ତାରେ ଲକ୍ଷ୍ମୀ ବସ୍ ଡୁମୁରିକୁଦର, ଭୀମଖନ୍ଦା, ପଣ୍ଡୁପାଣି, ଜାମପାଣି, ବଳରାମପୁର, କଙ୍କଡାବେଡା, ଗୋବିନ୍ଦପୁର ଦେଇ ଯାତାୟାତ କରିବାକୁ ଦାବି କରିଛନ୍ତି। ସ୍ଥାନୀୟ ଲୋକଙ୍କ ସୁଗମ ଗମନାଗମନ ପାଇଁ ଲକ୍ଷ୍ମୀ ବସ ଆରମ୍ଭ ନେଇ ଜିଲ୍ଲା ପ୍ରଶାସନକୁ ନିବେଦନ କରିଛନ୍ତି। ଲୋକେ ୫ ଟଙ୍କା ଦେଇ ଗ୍ରାମାଞ୍ଚଳରୁ ବଜାରକୁ ଗମନାଗମନ ସ୍ୱପ୍ନ କେବେ ପୂରଣ ହେଉଛି, ତାହା ଦେଖିବା ବାକି ରହିଛି।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



**ବଡ଼ସାହି, ୧୩।୧୨(ସମିସ):** ସ୍ଥାନୀୟ ବିବେକାନନ୍ଦ ବିହାରଠାରେ ଚାଲିଥିବା ୪୬ତମ ବାଣୀପୀଠ ମହୋତ୍ସବର ଦ୍ୱିତୀୟ ଦିବସରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମା' ନିଶାମଣି ରାଉତ ଯୋଗଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦର ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗଦାନ କରି ରାଷ୍ଟ୍ରଭକ୍ତ ନିର୍ମାଣରେ ଗୁରୁଜୀ ଗୁରୁମାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସୋନପୁରର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ ପ୍ରଧାନ, ସ୍ୱତନ୍ତ୍ର ଅତିଥି ଭାବେ ଅପରାହ୍ନର ସମ୍ପାଦକ ବଂଶୀଧର ଜେନା, ସ୍ୱତନ୍ତ୍ର ବକ୍ତା ଭାବେ ପ୍ରତିଶ୍ରୁତିର ସମ୍ପାଦକ ପ୍ରବଚକ ଭାଗବତ ପଣ୍ଡା, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ, ସମ୍ମାନିତ ଅତିଥି ଭାବେ ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା କବି ଶରତ ନାୟକ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ମହାନ୍ତି, ଭାନୁମତୀ ସିଂହ, ଜାହ୍ନବୀରାଣୀ ସାହୁ, ସଂଯୁକ୍ତା ଦାସ ଓ ଜଳିଲାଲ ସିଂ ଯୋଗଦେଇ ପରିଶ୍ରମର ଫଳ ମିଠା ବୋଲି କହିଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ଥିଲା। ପ୍ରଧାନଆଚାର୍ଯ୍ୟା ସୂର୍ଯ୍ୟକାନ୍ତି ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁରୁଜୀ ଅତୁଲ୍ୟ ସୁନ୍ଦର ଭଞ୍ଜବାବୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟକ୍ଷ ଡକ୍ଟର କୁମାର ବାବୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ବାରିପଦା କଲେଜର ବାର୍ଷିକ ଉତ୍ସବ



**ବାରିପଦା, ୧୩।୧୨(ସମିସ):** ଭଞ୍ଜପୁରସ୍ଥ ବାରିପଦା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ୪୫ତମ ବାର୍ଷିକ ଉତ୍ସବ ଶିଶିର-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରାଜେଶ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଜାତୀୟ ସ୍ମାରକୀ ପ୍ରାଧିକରଣର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡ କିଶୋର କୁମାର ବସା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ନିଜ ଭବିଷ୍ୟତର ଲକ୍ଷ୍ୟ ନିର୍ଦ୍ଧାରଣ କରିବା ଦରକାର ଓ ଏଆଇ ଯୁଗରେ ବିଚଳିତ ନ ହୋଇ ନିଷ୍ଠାପର ଭାବେ ନିଜର ଶିକ୍ଷକ ଓ ପୁସ୍ତକ ପ୍ରତି ଗୁରୁତ୍ୱ ଦେବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକ, ଉତ୍କଳ ସମ୍ମିଳନୀ ମୟୂରଭଞ୍ଜ ଚାପ୍ଟର ଉପସଭାପତି ତଥା ଶ୍ରୀମା ମହିଳା ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଡ. ଶ୍ୟାମସୁନ୍ଦର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଯୁବପିଢିର ସମାଜ ଗଠନରେ ଗୁରୁଦାୟିତ୍ୱ ଓ ଶିକ୍ଷା କ୍ଷେତ୍ରରେ ସୁସ୍ଥ ବାତାବରଣ ସୃଷ୍ଟି କରିବାକୁ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବାରିପଦା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ପ୍ରବୋଧ କୁମାର ଦେ ଯୋଗଦେଇଥିଲେ। ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ ସୁବ୍ରତ ପାତ୍ର ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ଅଧ୍ୟକ୍ଷ ରାଜେଶ ଷଡଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଂସ୍କୃତିକ ପରିଷଦର ସଭାପତି ସ୍ମିତା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ସାଂସ୍କୃତିକ ପରିଷଦର ଉପସଭାପତି ଡକ୍ଟର ଅଞ୍ଜଳୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ୨୦୨୪-୨୫ ଶିକ୍ଷା ବର୍ଷରେ +୨ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ବିଜ୍ଞାନ ବିଭାଗର ମଣିକାନ୍ତ ପାଶ୍ୱାନ ଓ କଳା ବିଭାଗର କୃପାମୟୀ ବଦ୍ରାଙ୍କୁ ସମ୍ମାନିତ କରାଯାଇଥିଲା। ଲିଟେରାରୀ ଚାମ୍ପିଅନ ଭାବେ ପୂଜା ଟୁଡୁଙ୍କୁ ସମ୍ମାନିତ କରାଯାଇଥିଲା। ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ସ୍ୱୟଂପ୍ରକାଶ ସାହୁ, ହିମାନୀ ପାତ୍ର ଓ ଯୁବ ରେଡକ୍ରସ୍ ଓ ରେଡରିବନ୍ କ୍ଲବର ରେଣ୍ଟୋ ହେମ୍ବ୍ରମଙ୍କୁ ଓ ପାନମଣୀ ସୋରେନଙ୍କୁ ସମାଜ ସେବା କ୍ଷେତ୍ରରେ ଅବଦାନ ପାଇଁ ପୁରସ୍କୃତ କରାଯାଇଥିଲା।

## ବୈଷୟିକ ଶିକ୍ଷାରେ ଧୁରନ୍ଧର ହେବେ ଆଦିବାସୀ ପିଲା

**ବାରିପଦା, ୧୩।୧୨(ସମିସ):** ବୈଷୟିକ ଜ୍ଞାନ କୌଶଳରେ ନିପୁଣ ହେବେ ଆଦିବାସୀ ଛାତ୍ରଛାତ୍ରୀ। ସରକାରୀ କ୍ଷେତ୍ର ସହିତ ଦେଶ ବିଦେଶର ପ୍ରତିଷ୍ଠିତ କମ୍ପାନୀରେ ନିଯୁକ୍ତି ପାଇବେ। ଏଥିପାଇଁ ଜିଲ୍ଲାର ମେଧାବୀ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସଙ୍କଟ ରୋକି ପାରିବନାହିଁ। ସେମାନଙ୍କୁ ମାଗଣା କୋଚିଂ ପ୍ରଦାନ କରାଯିବ। ଏଥିପାଇଁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ପକ୍ଷରୁ 'ଆକାଂକ୍ଷା' ଯୋଜନା ପ୍ରସ୍ତୁତ କରାଯାଇଛି। ଜିଲ୍ଲାର ମେଧାବୀ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ବୈଷୟିକ ଶିକ୍ଷାରେ ପାରଙ୍ଗମ କରିବା ପାଇଁ ମାଗଣା କୋଚିଂ ପ୍ରଦାନ କରାଯିବ। ଜାଭା, ପାଇଥନ୍, ପିଏଚପି ମାଇଁ ଏସକ୍ୟୁଏଲ୍ ଭଳି କମ୍ପ୍ୟୁଟର ଭାଷା ଶିକ୍ଷାରେ ଅଭିଜ୍ଞ କରାଯିବ। ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଭାବେ ବିଟେକ୍, ଏମଟେକ୍, ବିସିଏ,

### ମାଗଣା କୋଚିଂ ପାଇଁ ଜିଲ୍ଲା ପ୍ରଶାସନର ପଦକ୍ଷେପ
### ପ୍ରତିଷ୍ଠିତ କମ୍ପାନୀରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ

ଏମସିଏ ଓ ଡିପ୍ଲୋମା ଉତ୍ତୀର୍ଣ୍ଣ ବା ଶେଷବର୍ଷରେ ପଢୁଥିବା ଛାତ୍ରଛାତ୍ରୀ ଆବେଦନ କରିପାରିବେ। ଆଗ୍ରହୀ ପ୍ରାର୍ଥୀ ବାରିପଦାସ୍ଥ ଆଇଟିଡିଏ କାର୍ଯ୍ୟାଳୟକୁ ଆସି ଆବେଦନ କରିପାରିବେ। ଅବିଳମ୍ବେ ଆବେଦନ କରିବା ପାଇଁ ଆଶାୟୀ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଛି। ଚୟନ ହେଉଥିବା ଛାତ୍ରଛାତ୍ରୀଙ୍କୁ ଅକାଂକ୍ଷା ଆଇଟି ହବ୍‌ରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ବୁଝିବା ପାଇଁ ସହଜ ହେଉଥିବା ପଦ୍ଧତିରେ ପ୍ରସ୍ତୁତ ପାଠ୍ୟପୁସ୍ତକ ମଧ୍ୟ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯିବ। ଅଧିକ ସୂଚନା ପାଇଁ ଆଇଟିଡିଏ କାର୍ଯ୍ୟାଳୟ ସହ ୯୮୭୧୩ ୪୩୩୨୯ ଓ ୯୮୫୩୩ ୦୦୦୪୧ମୋବାଇଲ ନମ୍ବରରେ ଯୋଗାଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ପ୍ରଶିକ୍ଷଣ ପାଇଥିବା ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ମଧ୍ୟ ପ୍ରଦାନ କରାଯିବ। ଏଥିପାଇଁ ଏକାଧିକ କମ୍ପାନୀ ସହିତ ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଝାମଣା ହୋଇଛି।

## ତମାଖୁ ମୁକ୍ତ ଅଭିଯାନର ଜିଲ୍ଲାସ୍ତରୀୟ କର୍ମଶାଳା




**ବାରିପଦା, ୧୩।୧୨(ସମିସ):** ସ୍ୱାସ୍ଥ୍ୟ ଉପରେ ତମାଖୁର କୁପ୍ରଭାବ ସମଗ୍ର ବିଶ୍ୱରେ ଚିନ୍ତାର କାରଣ ହୋଇଛି। ଏ ନେଇ ଜିଲ୍ଲା ପୁଲିସ ମୁଖ୍ୟ କାର୍ଯ୍ୟାଳୟରେ ପୁଲିସ, ଅବକାରୀ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଡ୍ରଗ୍ ଇନ୍ସପେକ୍ଟରଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲା ଅତିରିକ୍ତ ଏସପି ଦୀପକ ଗୋଛାୟତ ଓ ସବିତା ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁବାସ ନାୟକ ତମାଖୁର କୁପ୍ରଭାବ ଦ୍ୱାରା ସ୍ୱାସ୍ଥ୍ୟଜନିତ ସମସ୍ୟା ଉପରେ ଆଲୋଚନା କରିଥିଲେ। ରାଜ୍ୟ ଯୁଗ୍ମନିର୍ଦ୍ଦେଶକ ବିନୟ ଦାସମହାପାତ୍ର ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଦାୟିତ୍ୱ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଅଣସଂକ୍ରାମକ ରୋଗ ପରାମର୍ଶଦାତା ଡାକ୍ତର ଗିରିଜା ଶଙ୍କର ମିଶ୍ର କଟପା ଆକ୍ଟ ୨୦୦୩ ଓ ଅନ୍ୟାନ୍ୟ ତମାଖୁ ନିୟନ୍ତ୍ରଣ ଆଇନ ବିଷୟରେ ସମସ୍ତ ଅଧିକାରୀଙ୍କ ଦାୟିତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଥାନାର ଅଧିକାରୀ, ସବଇନ୍ସପେକ୍ଟର, ଅବକାରୀ ବିଭାଗ ଅଧିକାରୀ, ଡ୍ରଗ୍ ଇନ୍ସପେକ୍ଟର, ଖାଦ୍ୟ ସୁରକ୍ଷା ଅଧିକାରୀ ଓ ଶିକ୍ଷା ବିଭାଗରୁ ଜ୍ଞାନେନ୍ଦ୍ର ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟ ବିଭାଗ ତରଫରୁ କହ୍ନେଇ ନାୟକ, ନିହାର ରଞ୍ଜନ ପୃଷ୍ଟି, ଶୁଭପ୍ରସନ୍ନ ପାତ୍ର ଓ ଅମିତ ମହଲା ପରିଚାଳନା କରିଥିଲେ।

## ସର୍ବଭାରତୀୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# କୋଲକାତା ଓ ରାଉରକେଲା ଫାଇନାଲକୁ ଉନ୍ନୀତ



**ବାରିପଦା, ୧୩।୧୨(ସମିସ):** ସ୍ଥାନୀୟ ପ୍ରଫୁଲ୍ଲନଗରସ୍ଥ ଲେଟ କଟ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ସର୍ବଭାରତୀୟ ଟି -୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସର ପ୍ରଥମ ସେମିଫାଇନାଲ ମ୍ୟାଚରେ କୋଲକାତାର ଏଲଆରଏସ ଟିମ ୫ ୱିକେଟରେ ଭୁବନେଶ୍ୱରର ଟିସିସିକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱରର ଟିସିସି ଟିମ ୨୦ ଓଭରରେ ୯ ୱିକେଟ ହରାଇ ୧୬୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିନୟ ପାଇକରାୟ ୮୦ ଓ ରାମଚନ୍ଦ୍ର ବେହେରା ୨୯ ରନ ସଂଗ୍ରହ କରିଥିବାବେଳେ ବିପକ୍ଷ ଦଳର ଆକାଶ ଘାତକ, ଅର୍କ ସରକାର, ରିଶବ ଚୌଧୁରୀ ଓ ଅଖିଳେଶ ଯାଦବ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଜବାବରେ ଏଲଆରଏସ ଟିମ ୧୫.୪ ଓଭରରେ ୫ ୱିକେଟ ହରାଇ ୧୬୪ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ରୋହନ ରାଠୀ ୫୨, ଅଶ୍ୱନୀ ଖଟେଲ ୩୮ ଓ ରିଶବ ଚୌଧୁରୀ ୨୪ ରନ କରିଥିଲେ। ରିଶବ ଚୌଧୁରୀ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ୨୫ନଂ ୱାର୍ଡ କାଉନସିଲର ଦେବାଶିଷ ପାତ୍ର, ଶ୍ରୀକାନ୍ତ ବେହେରା, ଦିପ୍ତେଶ ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ଏହି ମ୍ୟାଚକୁ ଉଦଘାଟନ କରିଥିଲେ। କମିଟିର ସଭାପତି ଗିରିଶ ଦାସ, କାର୍ଯ୍ୟକାରୀ ସଭାପତି ଲଲାଟେନ୍ଦୁ ବେହେରା, ଉପସଭାପତି ଦାମୋଦର କରଣ, ସମ୍ପାଦକ ଦୀପକ ଦାଶ, ସହସମ୍ପାଦକ ଲକ୍ଷ୍ମୀଧର ନାୟକ, ସମରଜିତ ଗୋସ୍ୱାମୀ, ଅଜୟ ସିଂ ଉପସ୍ଥିତ ଥିଲେ।

ଦ୍ୱିତୀୟ ସେମିଫାଇନାଲରେ ମ୍ୟାଚରେ ରାଉରକେଲା ୭ ରନରେ ସମ୍ବଲପୁରକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ରାଉରକେଲା ୨୦ ଓଭରରେ ୮ ୱିକେଟ ହରାଇ ୧୫୬ ରନ ସଂଗ୍ରହ କରିଥିଲା। ଜବାବରେ ସମ୍ବଲପୁର ୧୭.୫ ଓଭରରେ ସମସ୍ତ ୱିକେଟ ହରାଇ ୧୪୯ ରନ କରି ପରାସ୍ତ ହୋଇଥିଲା। ଦୀପକ ମହାତ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତିଥି ଭାବେ ଯୁବ ସମାଜସେବୀ କାଶୀନାଥ ରଣା ଓ ନରୋତ୍ତମ ମହାନ୍ତ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମରପ୍ରୀତ ପ୍ରଧାନ, ବିଶ୍ୱମ୍ବର ମହାକୁଡ଼ ଓ ଇନ୍ଦ୍ରଜିତ ପ୍ରସାଦ ଖେଳ ପରିଚାଳନା କରିଥିବାବେଳେ ସୌରଜିତ ସାହୁ ସ୍କୋରର ଓ ସୁରେଶ ସାଣ୍ଡିଲ, ବୁବୁ ସିନ୍ହା ଓ ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ। ଆସନ୍ତାକାଲି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।

## ଲୁଇପା ଡିଗ୍ରୀ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



**ଉଦଳା, ୧୩।୧୨(ସମିସ):** ଲୁଇପା ଡିଗ୍ରୀ ମହାବିଦ୍ୟାଳୟରେ ୩୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଗୌରାଙ୍ଗ ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା କମିଟିର ଉପସଭାପତି ଲେଫ୍ଟନାଣ୍ଟ କୁମାର ଖୁଣ୍ଟିଆ, ସମୀର କୁମାର ନାୟକ, ସୁବାସ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷକ ସୌମ୍ୟକ ସୌରଭ ଗାହାଣ ପରିଚାଳନା କରିଥିଲେ। ବିଭିନ୍ନ ବର୍ଗରେ ୪୦୦ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଦୌଡ଼, କୁସ୍ତି, ପ୍ରବନ୍ଧ, ତର୍କ, ସାଧାରଣଜ୍ଞାନ ପ୍ରତିଯୋଗିତା ହୋଇଥିଲା। ଅଧ୍ୟାପକ କାର୍ତ୍ତିକ କୁମାର ଆଚାର୍ଯ୍ୟ, ଦୀପ୍ତିମାନ ଦେ, ବଳରାମ ପୃଷ୍ଟି, ଅଧ୍ୟାପିକା ଭାରତୀ ଗିଡ଼ି, ସୁଚେତା ମହାପାତ୍ର, ସୁଚିତ୍ରା ମହାପାତ୍ର, ଶୁଭଶ୍ରୀ ବେହେରା ଓ ଗ୍ରନ୍ଥାଗାରିକ ପଙ୍କଜ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

## ତାଲୁକ ଆଇନ ସେବା ସମିତି ପକ୍ଷରୁ ଜାତୀୟ ଲୋକ ଅଦାଲତ

**କରଞ୍ଜିଆ, ୧୩।୧୨(ସମିସ):** ଆଜି କରଞ୍ଜିଆ ବିଚାର ବିଭାଗ ପରିସରରେ ତାଲୁକ ଆଇନ ସେବା ସମିତି ପକ୍ଷରୁ ଚତୁର୍ଥ ଲୋକ ଅଦାଲତ ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ଆଶିଷ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଉକ୍ତ ଲୋକ ଅଦାଲତରେ କରଞ୍ଜିଆର ସମସ୍ତ ଅଦାଲତ ସହିତ ଯୋଶିପୁର ଓ ଠାକୁରମୁଣ୍ଡା ଅଦାଲତ ସାମିଲ ହୋଇଥିଲେ। ଅଦାଲତ ପରିଚାଳନାରେ କରଞ୍ଜିଆର ବରିଷ୍ଠ ଦେୱାନୀ ଜଜ ଅମିତ ସ୍ୱରୂପ ସେଠୀ, ଏସଡିଜେଏମ ପ୍ରଭାତ ସାମଲ ସାମିଲ ହୋଇଥିଲେ। ମୋଟ ୩୬୮ଟି ମାମଲା ଆଗତ ହୋଇଥିବାବେଳେ ସେଥିମଧ୍ୟରୁ ୧୭୦ଟିର ବିଚାର କରାଯାଇ ଜରିମାନା ଓ ଆପୋଷ ସମାଧାନ ମାଧ୍ୟମରେ ୭, ୮୦, ୦୦୦ ଟଙ୍କା ଆଦାୟ ହୋଇଥିଲା। ଫୌଜଦାରୀ (ଆପୋଷ ସମାଧାନ), ଚେକ୍ ବାଉନ୍ସ ମାମଲା, ଅର୍ଥ ଆଦାୟ, ମଟର ଗାଡି ଦୁର୍ଘଟଣା କ୍ଷତିପୂରଣ, ବୈବାହିକ, ଦେୱାନୀ ଓ ଫୌଜଦାରୀ ମାମଲାର ବିଚାର କରାଯାଇଥିଲା। ଲୋକ ଅଦାଲତକୁ ଅର୍ଚ୍ଚନା ସାହୁ, ନାରାୟଣ ସାହୁ, ବିଭୁ ପ୍ରକାଶ ମହାନ୍ତି, ଜନ୍ମେଜୟ ଦାସ, ଦେବବ୍ରତ ଦାସ, ସୁଚିତ୍ରା ନାୟକ, ନରେଶ ଗିରି, ଚିତ୍ତରଞ୍ଜନ ପଟନାୟକ, ସିନ୍ଧୁଜିତ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରହ୍ଲାଦ ପୂର୍ତ୍ତି ଆଦିବାସୀ କଂଗ୍ରେସ ଆସାମ ସଂଯୋଜକ ନିଯୁକ୍ତ

**ରାଇରଙ୍ଗପୁର, ୧୩।୧୨(ସମିସ):** ଜାତୀୟ ଆଦିବାସୀ କଂଗ୍ରେସର ଆସାମ ରାଜ୍ୟର ସଂଯୋଜକ ଭାବେ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ନିଯୁକ୍ତ ହୋଇଛନ୍ତି। ରାଷ୍ଟ୍ରୀୟ ଅଧ୍ୟକ୍ଷ ଡା ବିକ୍ରାନ୍ତ ଭୁରିଆ ମନୋନୀତ କରି ନାମ ଘୋଷଣା କରିଛନ୍ତି। ରାଷ୍ଟ୍ରୀୟ ସଂଯୋଜକଙ୍କ ବିଭିନ୍ନ ରାଜ୍ୟର ସାଙ୍ଗଠନିକ ଦାୟିତ୍ୱ ପ୍ରଦାନ କରିଛନ୍ତି। ଜାତୀୟ କଂଗ୍ରେସ କମିଟି ଆଦିବାସୀ ବିଭାଗ ଦ୍ୱାରା ଗତ ନଭେମ୍ବର ୮ରେ ନୂଆଦିଲ୍ଲୀରେ ଆଦିବାସୀ ନେତୃତ୍ୱଙ୍କ ବୈଠକ ହୋଇ ୨୬ ଜଣ ସଦସ୍ୟଙ୍କୁ ମନୋନୀତ କରାଯାଇଛି। ଯେଉଁଥିରେ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତିଙ୍କ ନାମ ଘୋଷଣା ହୋଇଛି। ଏ ନେଇ ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ପ୍ରଦାନ କରାଯାଇଛି। ନିଯୁକ୍ତି ନେଇ କଂଗ୍ରେସ ସଭାପତି ମଲିକାର୍ଜୁନ ଖାଡ଼ଗେ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପୂର୍ବତନ ଅଧ୍ୟକ୍ଷ ସୋନିଆ ଗାନ୍ଧୀ, ଜାତୀୟ କଂଗ୍ରେସ ସଂଗଠନ ସାଧାରଣ ସମ୍ପାଦକ କେସି ବେନୁଗୋପାଲ, ବରିଷ୍ଠ ନେତା କେ ରାଜୁ, ଜାତୀୟ ଆଦିବାସୀ କଂଗ୍ରେସ ସଭାପତି ଡା ବିକ୍ରାନ୍ତ ଭୁରିଆ, ଓଡ଼ିଶା କଂଗ୍ରେସ ସଭାପତି ଭକ୍ତଚରଣ ଦାସ, ଓଡ଼ିଶା ଆଦିବାସୀ କଂଗ୍ରେସ ସଭାପତି ଯଶୱନ୍ତ ନାରାୟଣ ସିଂ ଲାଗୁରୀ ଓ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ଭୁବନ ବିହାରୀ ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି।



## ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

# ୪୦୫୩ ମାମଲା ଫଇସଲା; ୩ କୋଟି ୭୦ ଲକ୍ଷ ଜରିମାନା ଆଦାୟ

ବାରିପଦା, ୧୩।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଓ ଦୌରାଜଜଙ୍କ କାର୍ଯ୍ୟାଳୟରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲୋକ ଅଦାଲତରେ ୧୨ ହଜାର ୩୦୫ଟି ମାମଲା ମଧ୍ୟରୁ ୪୦୫୩ଟି ମାମଲାର ଅପୋଷ ବିଚାର ହୋଇ ୩ କୋଟି ୭୦ ଲକ୍ଷ ୯୫ ହଜାର ୯୨୩ ଟଙ୍କା ଆଦାୟ ହୋଇଛି।

ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ସୁଦୀପ୍ତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରାକ୍ ମକଦ୍ଦମା ସମ୍ପର୍କିତ ୭ ହଜାର ୭୮୪ଟି ମାମଲା ମଧ୍ୟରୁ ୯୭୬ଟି ମାମଲା ଅପୋଷ ବିଚାର ହୋଇ ୧ କୋଟି ୧୫ ଲକ୍ଷ ୪୫ ହଜାର ୯୭୨ ଟଙ୍କା ଜରିମାନା ଆଦାୟ ହୋଇଥିଲା। ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀଭୁକ୍ତ ୪ ହଜାର ୫୨୧ ମାମଲା ମଧ୍ୟରୁ ସାଲିସଯୋଗ୍ୟ ଫୌଜଦାରୀ ମାମଲା ୬୪ଟି ମଧ୍ୟରୁ ୬ଟି, ଏନଆଇ ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୧୧୮ଟି ମାମଲା ମଧ୍ୟରୁ ୩୯ଟି, ବ୍ୟାଙ୍କ ଋଣ ଆଦାୟ ସମ୍ବନ୍ଧିତ ୧୧୬ଟିରୁ ୭ଟି, ମୋଟର ଯାନ ଦୁର୍ଘଟଣା ମାମଲା ୧୪୭ଟିରୁ ୧୬ଟି, ବୈବାହିକ (ଛାଡପତ୍ର ବ୍ୟତୀତ) ସମ୍ବନ୍ଧୀୟ ୮୮ଟି ମାମଲା ମଧ୍ୟରୁ ୫୮ଟି,




ରାଜସ୍ୱ ମାମଲା ୨୭୩୯ଟି ମଧ୍ୟରୁ ୧୮୫୪ଟି, ଅନ୍ୟାନ୍ୟ ଦେୱାନୀ ମାମଲା ୧୬୩ଟି ମଧ୍ୟରୁ ୭୦ଟି, ଖାଉଟି ମାମଲା ସମ୍ବନ୍ଧୀୟ ୮ଟି ମଧ୍ୟରୁ ୧ଟି ଓ ଅନ୍ୟାନ୍ୟ ଫୌଜଦାରୀ ମାମଲା ୧୦୭୮ଟି ମଧ୍ୟରୁ ୧୦୨୬ଟି ମିଶାଇ ୩୦୭୭ଟି ମାମଲାର ଫଇସଲା କରାଯାଇ ସମୁଦାୟ ୨ କୋଟି ୫୫ ଲକ୍ଷ ୪୯ ହଜାର ୯୫୧ ଟଙ୍କା ଆଦାୟ ହୋଇଥିବା ଜଣାଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପରିବାର ଅଦାଲତ ଜଜ ପ୍ରଜ୍ୟୋତି ରାଉତ, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ସୁମନ କୁମାର ମିଶ୍ର, ସିନିୟର ସିଭିଲ ଜଜ (ଏଲଆର ଓ ଏଲଟିଭି ) ସୁଦାମ ଚରଣ ଦାଶ, ସିନିୟର ସିଭିଲ୍ ଜଜ ସତରୂପା ଶତପଥୀ, ଅତିରିକ୍ତ ସିନିୟର ସିଭିଲ ଜଜ ସୂର୍ଯ୍ୟ ଦାସ, ଦ୍ୱିତୀୟ ଅତିରିକ୍ତ ସିନିୟର ସିଭିଲ ଜଜ ଡା. ନିଶାକର ସାହୁ, ଏସଡିଜେଏମ ଜୁୱେଲ ପଟ୍ଟନାୟକ, ଜେଏମଏଫସି-୧ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଜେଏମଏଫସି କୁମାରୀ ମଧୁଶ୍ରବା ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ ମାମଲା ସମାଧାନ ନିମନ୍ତେ ଗଠନ ହୋଇଥିବା ବିଭିନ୍ନ ବେଞ୍ଚରେ ନିଯୁକ୍ତ ଥିବା ସଦସ୍ୟ ତଥା ସରକାରୀ ଓକିଲ ହିମାଂଶୁ କୁମାର ପାଣିଗ୍ରାହୀ, ଆଇନଜୀବୀ ସତ୍ୟନାରାୟଣ ବେହେରା, କମଳ କୁଆଁରବାବୁ, ଧିରେନ୍ଦ୍ର ମହାପାତ୍ର, ଜିଜିଜି ସୁଶାନ୍ତ କୁମାର ବାରିକ ଓ ବାରିପଦା ଓକିଲ ସଂଘର ଅନ୍ୟ ଆଇନଜୀବୀ ତଥା ରାଜସ୍ୱ ବିଭାଗ, ବିଭିନ୍ନ ରାଷ୍ଟ୍ରାୟତ୍ତ/ଘରୋଇ ବ୍ୟାଙ୍କ ଅଧିକାରୀ, ଟେଲିଫୋନ ବିଭାଗ, ବିଦ୍ୟୁତ ବିଭାଗ ଓ ପ୍ରାଧିକରଣର ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ଗାଲୁସାହି ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା

**ଖୁଣ୍ଟି, ୧୩।୧୨(ସମିସ):** ଶୁକୃଳି ଗୋଷ୍ଠୀ କାର୍ଯ୍ୟାଳୟ ଅଧୀନସ୍ଥ ଗାଲୁସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ଦାଶରଥି ଗିରିଙ୍କ ଅଧ୍ୟକ୍ଷତାରେ ସରକାରଙ୍କ ଯୋଜନା 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କ୍ଲଷ୍ଟର ଅନ୍ତର୍ଗତ ବହୁ ବୁଦ୍ଧିଜୀବୀ, ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଶିରିଶ ଗିରି, ପ୍ରଦ୍ୟୁମ୍ନ ଗିରି, ଅଙ୍କୁର ନାଏକ, କନକଲତା ସାହୁ, ଜୀବନ ନାଏକ, ଚିତ୍ତରଞ୍ଜନ ବେହେରା, କୁନା ଗିରି, ଶୁକଦେବ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ମହତ ଲକ୍ଷ୍ୟ ହାସଲ ପାଇଁ ସମ୍ମିଳିତ ଉଦ୍ୟମ ଜାରି ରଖିବା ସହିତ ବିଦ୍ୟାଳୟକୁ ଆଦୌ ଆସୁ ନ ଥିବା ଓ ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରାଇ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବାକୁ ସଂକଳ୍ପବଦ୍ଧ ହେବା ସହିତ ସମାଜରେ ଏକ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ପାଇଁ ସଭାରେ ମତ ପ୍ରକାଶ ପାଇଥିଲା।


# ସୃଜନିକା

ସକାଳ
THE SAKALA
www.sakalaepaper.com

# ଆଚରଣ



ପଦ୍ମାଳୟା ସାମଲ



ରୋହନ ସ୍କୁଲରୁ ଫୋନ୍ ଆସିଲା ବିବେକବାବୁଙ୍କ ପାଖକୁ । ଯେମିତି ହେଲେ ଆଜି ଅପରାହ୍ଣ ପାଞ୍ଚଟା ସୁଦ୍ଧା ସ୍କୁଲରେ ପହଞ୍ଚି ପ୍ରିନ୍ସିପାଲଙ୍କୁ ଭେଟିବାକୁ କହିଲେ । ପିଲାଟା ପୁଣି ବଦମାସୀ କଲାକି କ'ଣ! ନହେଲେ ଗତ ସପ୍ତାହରେ ତ ତା'ର ପରୀକ୍ଷା ପରର ମିଟିଂ ହୋଇଥିଲା । ସୁନନ୍ଦା ଯାଇଥିଲା । ପୁଣି କାହିଁକି ଡକେଇ ପଠେଇଲେ ସ୍କୁଲବାଲା ତାଙ୍କୁ? ସ୍କୁଲ ଫିଂ' ତ ତିନି ମାସ ପାଇଁ ଦେଇ ଦେଇଛନ୍ତି ସେ । ସାଙ୍ଗସାଥୀଙ୍କ ସହ ଗଣ୍ଡଗୋଳ କି ମାରପିଟ୍ କରିନି ତ ରୋହନ? ସ୍କୁଲରେ ପଡ଼ିଗଲା କି ଦେହ ଖରାପ ହେଲା କି ଆଉ? ଏମିତି ଅଫିସ୍‌ରେ ବସି ନାନା ଭାବନାରେ ଘାରି ହେଉଥିଲେ ବିବେକ ।

ଅପରାହ୍ଣ ଚାରିଟା ବେଳକୁ ଅଫିସ୍‌ରୁ ଗାଡ଼ି ଷ୍ଟାର୍ଟ କଲେ ବିବେକ । ରୋହନର ସ୍କୁଲ ଅଭିମୁଖେ ସେ । ରୋହନ ଜନ୍ମବେଳେ ଅନେକ ସ୍ୱପ୍ନ ଦେଖିଥିଲେ ବାପା ହିସାବରେ । ପୁଅକୁ ପାଠ ପଢ଼େଇବେ, ଭଲ ସଂସ୍କାର ଶିଖେଇବେ । ହେଲେ ତା'ର ସ୍ୱଭାବ ଯାହା କୋଉଟା ବି ଠିକ୍ ଭାବରେ ହେଉନି । ପିଲାଟା ଏତେ ଦୁଷ୍ଟ ହେଉଛି ଯେ, ପାଖରେ ତ ବସୁ ନାହିଁ କିଛି ଶିଖେଇବା ତ ଦୂରର କଥା । ଘରର କୌଣସି ଜିନିଷ ଆଉ ଅଭଙ୍ଗା ନାହିଁ । ଅବଶ୍ୟ ଟିକେ ବଡ଼ ହେଲାରୁ ଆଉ ଭଙ୍ଗାରୁଜା କରୁନାହିଁ । ସ୍କୁଲ ଗଲା ପରେ ପ୍ରାୟ ଦିନ ସ୍କୁଲରୁ ଫୋନ୍‌ରେ ତା' ନାଁରେ ଅଭିଯୋଗ ଆସେ, ଆଜି ରୋହନ କାହାକୁ ପେଲି ଗୋଡ଼ ହାତ ଭାଙ୍ଗି ଦେଇଛି ନଚେତ୍ କାହାକୁ ମାରି ନାକ ଫଟେଇ ଦେଇଛି । ପିଟିଏମ୍‌କୁ ଗଲେ ପିଲାଙ୍କ ସମ୍ପର୍କରେ ଭଲ କଥା ଶୁଣିକି ଆସନ୍ତି ବାପା ମାଆ । ହେଲେ ରୋହନ ବାବଦରେ ସମସ୍ତଙ୍କ ସାମ୍ନାରେ କ୍ଲାସ୍ ଟିଚର୍‌ଙ୍କୁ କିଛି ପଚାରିବାକୁ ଖରାପ ଲାଗେ ବିବେକଙ୍କୁ । କାରଣ ପୂର୍ବରୁ ଅନେକ ଥର ନେଗେଟିଭ୍ ରିମାର୍କ ଶୁଣିବାକୁ ପଡ଼ିଛି ତାଙ୍କୁ । ତେଣୁ ସମସ୍ତେ ପଳେଇ ଯିବା ପରେ ଏକାନ୍ତରେ ଦି ପଦ କ୍ଲାସ୍ ଟିଚର୍‌ଙ୍କ ସହିତ କଥା ହେବେ ବୋଲି ଅପେକ୍ଷା କରନ୍ତି ସେ ଆଉ ସୁନନ୍ଦା ।

"ଆଗକୁ ହଇରାଣ ହେବେ । ତାକୁ ଟିକିଏ ଜଗନ୍ତୁ ଏବେଠାରୁ", କୁହନ୍ତି କ୍ଲାସ୍ ଟିଚର୍ । ପାଠ ତ ଯାହା ପଢୁଛି । ସାଙ୍ଗସାଥୀମାନଙ୍କ ସହିତ ସବୁବେଳେ ଝଗଡ଼ା ମାରପିଟ୍ । ଏପରିକି ଟିଚର୍‌ଙ୍କ ସହିତ କେମିତି କଥା ହେବାକୁ ହୁଏ ଜାଣୁନି ରୋହନ । ପ୍ରିନ୍ସପାଲଙ୍କୁ ବି ଡର ଭୟ ନାହିଁ ତା'ର । ତାଙ୍କ ସାମ୍ନାରେ ବି ଅନ୍ୟ ପିଲାଙ୍କୁ ଭାଷା ଖରାପ କରି କହୁଛି । କ୍ଲାସ୍ ଟିଚର୍ ହିସାବରେ ମତେ ଶୁଣିବାକୁ ପଡୁଛି ତା' ପାଇଁ" କୁହନ୍ତି ସୋନାଲି ମିସ୍ ।

ଯେତେଥର ପିଟିଏମ୍ ଗଲେ ବି ରୋହନ ବାବଦରେ ଖରାପ ମନ୍ତବ୍ୟ ଶୁଣିବାକୁ ପଡ଼ିଲା ବିବେକଙ୍କୁ । ଆସିକି ଘରେ ପୁଅ ଉପରେ ବିରକ୍ତ ହୁଅନ୍ତି ସେ । ସେହି କଥାକୁ ନେଇ ସୁନନ୍ଦା ସହ ଝଗଡ଼ା ହୁଏ । ମୁହଁ ଫୁଲାଫୁଲି, କଥାବାର୍ତ୍ତା ବନ୍ଦ ହୁଏ ସପ୍ତାହେ ଯାଏଁ । ତେଣୁ ପ୍ରାୟ ପାଞ୍ଚ ମାସ ହେବ ବିବେକ ଆଉ ଯାଉ ନଥିଲେ ପିଟିଏମ୍‌କୁ । ସୁନନ୍ଦା ପାଇଁ ସ୍କୁଟି କିଣି ଦେବା ପରେ ଏକା ସେ ଯାଉଛନ୍ତି ।

ମୋବାଇଲ୍‌ରେ ଖେଳିବା ଛଡ଼ା ଅନ୍ୟ କୋଉଥିରେ ଆଗ୍ରହ ନ ଥାଏ ରୋହନର । ଟିକିଏ ସମୟ ପାଇଲେ ମୋବାଇଲ୍ ଧରି ବସେ । ସେଥିରେ ଏମିତି ବୁଡ଼ିଯାଏ ଯେ କେହି ଡାକିଲେ ବି ଶୁଣିପାରେନି ସେ । କ'ଣ ସବୁ ଦେଖିକି ହସି ହସି ଗଡ଼ିଯାଏ । ମୁହଁ ଉଠାଏନି ମୋବାଇଲ୍‌ରୁ । ବିବେକ ଏସବୁ ଦେଖି ବିରକ୍ତ ହୁଅନ୍ତି । ବାବା ବିରକ୍ତ ହେବାର ଦେଖିଲେ ମୋବାଇଲ୍ ଥୋଇଦିଏ ରୋହନ । ପୁଣି କିଛି ସମୟ ପରେ ଯାହାକୁ ସେଇଆ ।

ଆସନ୍ତା ସପ୍ତାହରେ ପରୀକ୍ଷା । ଷଷ୍ଠ ଶ୍ରେଣୀରେ ପଢୁଥିବା ରୋହନ ବହି ଧରୁ ନଥାଏ ଜମା । କେତେବେଳେ ସାଇକେଲ ଧରି କୁଆଡ଼େ ପଳାଏ ତ ଆଉ କେତେବେଳେ ମୋବାଇଲ୍ ଧରି ଗେମ୍ ଖେଳେ । ପୁଅକୁ ଦେଖି ବ୍ୟସ୍ତ ହୋଇପଡ଼ନ୍ତି ବିବେକ । ହେଲେ ସୁନନ୍ଦା କୁହନ୍ତି,"ଏ ବୟସରେ ବୁଝେଇ ଶୁଝେଇ କହିଲେ ଭଲ । ତା' ଉପରେ ଚିଡ଼ିଚିଡ଼ି ହେଲେ କିଛି ଲାଭ ନାହିଁ । ବଡ଼ ହେଲେ ଆପେ ବୁଝିଯିବ ସେ । ଆଜିକାଲି ଯୁଗରେ ମୋବାଇଲ୍ ଦେଖନା ବୋଲି ଆଉ କହିଲେ ହବ କି? କରୋନା ସମୟରୁ ଅନଲାଇନ୍ କ୍ଲାସ୍ ତ ସବୁ ପିଲାଙ୍କୁ ମୋବାଇଲ୍ ଧରିବା ଅଭ୍ୟାସରେ ପକାଇଦେଲା ।" ତେଣୁ ପୁଅର ମୋବାଇଲ ଦେଖା ସପକ୍ଷରେ ସବୁବେଳେ ଯୁକ୍ତି ବାଢ଼ନ୍ତି ସୁନନ୍ଦା ।

ଅନେକ ଭାବନା ଭିତରେ ରୋହନ ସ୍କୁଲର ପ୍ରିନ୍ସିପାଲ୍ ବସୁଥିବା କୋଠରି ଭିତରେ ଆସି ପହଞ୍ଚିଯାଇଥିଲେ ବିବେକ । ପ୍ରିନ୍ସିପାଲ୍ ରୋହିତ ଶେଖର କହିଲେ,"ବୁଝିଲେ ବିବେକବାବୁ ସବୁ ପିଲାଙ୍କର ପାଠ ହୁଏନି । ମୁଁ ବି ରୋହନର ପାଠପଢ଼ା ବାବଦରେ କହିବାକୁ ଡକେଇନି ଆପଣଙ୍କୁ । ଆପଣ ଶୁଣି ଆଶ୍ଚର୍ଯ୍ୟ ହେବେ ଯେ, ଆମ ସ୍କୁଲର ବାର୍ଷିକ ଉତ୍ସବରେ ରୋହନକୁ ଆମ ସ୍କୁଲ ପରିସରରେ ସମ୍ବର୍ଦ୍ଧିତ କରାଯିବ । ସେଦିନ ରୋହନକୁ ସମ୍ବର୍ଦ୍ଧିତ କରୁଥିବା ବ୍ୟକ୍ତି ଜଣକ ଆମ ସ୍କୁଲର ମୁଖ୍ୟ ଅତିଥି ଏବଂ ସେହି ବ୍ୟକ୍ତିଜଣଙ୍କୁ ନିଜର ଉପସ୍ଥିତ ବୁଦ୍ଧି ପାଇଁ ମରଣ ମୁହଁରୁ ବଞ୍ଚେଇ ଦେଇଛି ରୋହନ । ସେଥିପାଇଁ ଆମେ ସମସ୍ତେ ଆଜି ଗର୍ବିତ । ତାକୁ ପଚରା ଯିବାରୁ ସେ କ'ଣ କହିଲା ଜାଣନ୍ତି?" ସେ କହିଲା,"ମୋ ପୁରସ୍କାରର ଶ୍ରେୟ ମୋ ବାବାଙ୍କୁ ଦେବି । ସେ ଦିନେ ମତେ ସ୍କୁଲରୁ ଘରକୁ ନେବା ବାଟରେ ନିଜର ଗାଡ଼ି ଅଟକାଇ ଜଣେ ଅନ୍ଧଲୋକକୁ ରାସ୍ତା ପାର କରାଇ ତା'ର ଜୀବନ ରକ୍ଷା କରିଥିଲେ ।" ସେଦିନର ସେହି ଘଟଣା ତା'ର କଅଁଳ ମନରେ ପ୍ରଭାବ ପକାଇଥିଲା ।

ସେଦିନର ଘଟଣା ସମ୍ପର୍କରେ ସେ କ'ଣ କହିଲା ଶୁଣନ୍ତୁ - "ଦୁଇମାସ ତଳେ ଦିନେ ରୋହନ ସ୍କୁଲ ଆସିବା ରାସ୍ତାରେ ଦେଖିଲା ତା' ସାମ୍ନାରେ ଜଣେ ମୋଟର ସାଇକେଲ ଆରୋହୀଙ୍କୁ କାର୍‌ଟିଏ ଧକ୍କା ଦେଇ ଦ୍ରୁତ ବେଗରେ ପଳେଇଗଲା । ଟିକିଏ ଅଟକିଲା ନାହିଁ ଲୋକଟି ବଞ୍ଚିଲା ନା ମଲା ଦେଖିବାକୁ । ଛଟପଟ ହେଉଥାଏ ସେ ବ୍ୟକ୍ତିଜଣକ । ରୋହନ ଦେଖିଲା ଲୋକଟିର ମୁଣ୍ଡ ଫାଟି ରକ୍ତ ବାହାରୁଛି। ସେ ଚେତାଶୂନ୍ୟ ପ୍ରାୟ ହୋଇ ଯାଇଛି । ପାଖଦେଇ ଯାଉଥିବା ଲୋକେ କେହି ସାହାଯ୍ୟ ନ କରି ନିଜ ନିଜ ରାସ୍ତାରେ ଚାଲି ଯାଉଥାଆନ୍ତି । ସାଇକେଲରୁ ଓହ୍ଲେଇ ବ୍ୟାଗରୁ ପାଣି ବୋତଲ ବାହାର କରି ରୋହନ ତାଙ୍କ ମୁହଁରେ କିଛି ପାଣି ଛାଟିଦେଲା ଆଉ କେଇବୁନ୍ଦା ପାଣି ତାଙ୍କ ପାଟିରେ ଦେଲା । ତାଙ୍କ ଚେତା ଫେରିଆସିବାରୁ ରାସ୍ତାରେ ଯାଉଥିବା ଟେମ୍ପୋକୁ ଅଟକାଇ ତାଙ୍କୁ ଡାକ୍ତରଖାନା ନେଲା । ଡାକ୍ତରଙ୍କୁ ଅନୁରୋଧ କରିବାରୁ ସେ ଚିକିତ୍ସା ଆରମ୍ଭ କଲେ । ଯାହା ଫଳରେ ସେ ବଞ୍ଚିଗଲେ । ଠିକଣା ସମୟରେ ତାଙ୍କୁ ହସ୍ପିଟାଲରେ ପହଞ୍ଚାଇ ଥିବାରୁ ରୋହନକୁ ଡାକ୍ତର ସାବାସୀ ଦେଲେ ଏବଂ କହିଲେ ଆଉ କିଛି ସମୟ ବିଳମ୍ବ ହୋଇଥଲେ ହୁଏତ ସେ ବଞ୍ଚି ନଥାନ୍ତେ । ପରେ ଜଣାପଡ଼ିଲା ସେ ବ୍ୟକ୍ତି ଜଣକ କଟକର ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଏବଂ ସମାଜସେବୀ । ରୋହନ ତାଙ୍କର ଜୀବନ ବଞ୍ଚେଇ ଥିବାରୁ ତାଙ୍କ ଅନୁଷ୍ଠାନ ତରଫରୁ ସେ ଆମ ସ୍କୁଲର ବାର୍ଷିକ ଉତ୍ସବରେ ତାକୁ ପୁରସ୍କୃତ କରିବେ । ଆସନ୍ତା ବାର୍ଷିକ ଉତ୍ସବରେ ରୋହନର ମାମାଙ୍କୁ ଧରି ଆପଣ ଆମ ସ୍କୁଲର ସେହି ବିଶେଷ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଆମ ଖୁସିରେ ସାମିଲ ହେବାକୁ ଅନୁରୋଧ ।"


ସେତେବେଳକୁ ବିବେକବାବୁଙ୍କ ଆଖିରେ ଜକେଇ ଆସିଥିଲା ଖୁସିର ଲୁହ । ସେ ଅନୁଭବ କରୁଥିଲେ, ଉଚ୍ଚାରଣରେ ନୁହେଁ ବରଂ ଆଚରଣରେ ପିଲାମାନେ ଅଧିକ ପ୍ରଭାବିତ ହୁଅନ୍ତି । ■

ଭୁବନେଶ୍ୱର
ମୋ: ୭୦୦୮୩୪୮୧୭୨

## ପୁସ୍ତକ ପରିଚୟ

### ଅମନ ମନ୍ଦିରେ ବାସ

**କ୍ଷୀରୋଦ ପରିଡ଼ା**




ପକ୍ଷୀଘର
୩୨, ମଧୁସୂଦନ ନଗର
ଭୁବନେଶ୍ୱର-୦୧
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୩୫୦ ଟଙ୍କା

ଓଡ଼ିଆ କାବ୍ୟ ସାହିତ୍ୟର ଯୁଗଜନ୍ମା କବି ଭୀମ ଭୋଇ । ଏହି ମହାନ୍ କବିଙ୍କ ଜୀବନକୁ ଆଧାର କରି ରଚିତ କ୍ଷୀରୋଦ ପରିଡ଼ାଙ୍କ 'ଅମନ ମନ୍ଦିରେ ବାସ' ଚରିତ ଉପନ୍ୟାସ ପ୍ରକାଶ ପାଇଛି । ସନ୍ଥ କବି ଭୀମ ଭୋଇଙ୍କ ଜୀବନ ଜିଜ୍ଞାସାର ଅନୁପମ ପରିଚିତି ଏହି ଉପନ୍ୟାସରେ ପ୍ରତିଫଳିତ ହୋଇଛି । ଏହି ଉପନ୍ୟାସର ନାୟକ ଖୁବ୍ ଶକ୍ତିମାନ । "ସେ ଗୁଣ ନୁହେଁ ନିର୍ଗୁଣର ନୀରାଜନା କରିବେ, ବେଦ ନୁହେଁ ନିର୍ବେଦର ସାଧନା କରିବେ । ଆଭିଜାତ୍ୟ ନୁହେଁ ସରଳ ଲୋକଭାଷାରେ କହିବେ, ସଂଖ୍ୟା ଗରିଷ୍ଠ ଲୋକମାନଙ୍କ ପାଇଁ । ସେ ହେବେ ଲୋକକବି ।" (ପୃଷ୍ଠା: ୯୫) ଏହି ଉକ୍ତିରୁ ଉପନ୍ୟାସର ନାୟକଙ୍କ ଜୀବନ ଦର୍ଶନ ଓ ମହତ୍ ଚିନ୍ତାଧାରା ବେଶ୍ ସ୍ପଷ୍ଟ ଭାବେ ପ୍ରସ୍ଫୁଟିତ । ଭୀମ ଭୋଇଙ୍କ କାବ୍ୟିକ ଦୃଷ୍ଟିଭଙ୍ଗୀ, ଚିନ୍ତା, ଚେତନା, ବିଚାର, ବିବେକର ସ୍ୱର ପ୍ରକାଶ ପାଇଛି ଏହି ଚରିତ ଉପନ୍ୟାସରେ । ଉପନ୍ୟାସର ଚରିତ୍ର ଚିତ୍ରଣ, ଉପସ୍ଥାପନା ଶୈଳୀ, ଭାବ, ଭାଷା ପ୍ରୟୋଗ ଓ କାବ୍ୟିକ ପ୍ରତିବେଦନ ଅତି ଚମତ୍କାର ଭାବେ ଫୁଟି ଉଠିଛି । ସନ୍ଥକବି ଭୀମ ଭୋଇଙ୍କ ଜୀବନ ଚରିତ ଉପନ୍ୟାସରେ କବିଙ୍କ ରଚିତ କାବ୍ୟ, କବିତାର ପଦପଂକ୍ତିର ସଂଯୋଜନା ଏହାର କାବ୍ୟିକ ଆବେଦନକୁ ଅଧିକ ମର୍ମସ୍ପର୍ଶୀ କରିଛି । ଜୀବନ ଦର୍ଶନ ଓ ଜୀବନବୋଧ ଆଧାରରେ ରଚିତ ଏହି ଉପନ୍ୟାସଟି ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ମୋ ମାଆ ମୋ ପ୍ରେରଣା

**ଅଚ୍ୟୁତ ସାମନ୍ତ**




ବିଦ୍ୟାପୁରୀ
ବାଲୁବଜାର, କଟକ-୭୫୩୦୦୨
ପ୍ରଥମ ପ୍ରକାଶ: ୨୦୨୫
ମୂଲ୍ୟ: ୩୫୦ ଟଙ୍କା

ମା' ମମତାମୟୀ, ପ୍ରେରଣାଦାୟିନୀ, ଶକ୍ତିପ୍ରଦାୟିନୀ । ଜୀବନରେ ମା'ର ବିକଳ୍ପ ନାହିଁ । ଜଣେ ମା'ର ସଂଘର୍ଷମୟ ଜୀବନ ଓ ଆକର୍ଷଣୀୟ ବ୍ୟକ୍ତିତ୍ୱକୁ ଅତି ମାର୍ମିକ ଭାବେ ବର୍ଣ୍ଣନା କରାଯାଇଛି ଅଚ୍ୟୁତ ସାମନ୍ତଙ୍କ 'ମୋ ମାଆ ମୋ ପ୍ରେରଣା' ପୁସ୍ତକରେ । ଲେଖକ ଶ୍ରୀଯୁକ୍ତ ସାମନ୍ତ ନିଜ ମା' ନୀଳିମାରାଣୀଙ୍କ ସଂଘର୍ଷମୟ ଜୀବନର କଥାକୁ ଅତି ନିରାଡ଼ମ୍ବର ଓ ସାବଲୀଳ ଭାଷାରେ ଲିପିବଦ୍ଧ କରିଛନ୍ତି ଏହି ପୁସ୍ତକରେ । ଜୀବନର ସବୁ ଝଡ଼ଝଞ୍ଜା, ନାନା ଅଭାବଅସୁବିଧା ସତ୍ତ୍ୱେ ପରିବାର, ସମାଜ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ନୀଳିମାରାଣୀଙ୍କ ମହନୀୟ ବ୍ୟକ୍ତିତ୍ୱର ଆଭା ଏହି ପୁସ୍ତକରେ ପ୍ରସ୍ଫୁଟିତ ହୋଇଉଠିଛି । 'କଲରାବାଙ୍କର ଶେଫାଳି', 'ଅନ୍ଧାରି ମୁଲକର କଥା', 'କପାଳ ଲିଖନ କେ କରିବ ଆନ', 'ଅନାଦି ଓ ନୀଳିମାରାଣୀ', 'ଅଳପ ଧନ ବିକଳ ମନ', 'ସଂଗ୍ରାମ ସରି ନାହିଁ', 'ଶେଷହୀନ ଆଶ୍ଚର୍ଯ୍ୟ', 'ମାନବୀୟ ଚେତନାର ଚିତ୍ରଖାତା' ଆଦି ପରିଚ୍ଛେଦଗୁଡ଼ିକରେ ତାଙ୍କ ଆଦର୍ଶ ବ୍ୟକ୍ତିତ୍ୱ, ଜୀବନର ମହନୀୟ ଆଭିମୁଖ୍ୟ, ପ୍ରତିଟି ସମସ୍ୟାକୁ ସାମ୍ନା କରିବାର ସତ୍ ସାହସକୁ ଲେଖକ ଅତି ହୃଦୟସ୍ପର୍ଶୀଭାବେ ବର୍ଣ୍ଣନା କରିଛନ୍ତି । ଜଣେ ମା'ର ସଂଘର୍ଷ, ତ୍ୟାଗ, ତିତିକ୍ଷା, କରୁଣ କାହାଣୀକୁ ପାଠକମାନେ ଅନୁଭବ କରିପାରିବେ ଏହି ପୁସ୍ତକରେ । 'ମୋ ମାଆ ମୋ ପ୍ରେରଣା' ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

## ପ୍ରତିବିମ୍ବ

ଚକ୍ରପାଣି ପରିଚ୍ଛା





ଅଚାନକ ସାମ୍ନାରେ ଆସି ଠିଆ
ପ୍ରତିବିମ୍ବ,
ନିଜର

ବୁଝିପାରେନା
ଆଇନା ଭିତରୁ ଉଠିଆସିଲା କେମିତି,
କେଉଁ ଅର୍ଗଳି ପାର୍ ହେଇ

କହେ
କେତେ ଆକର୍ଷଣୀୟ ତମ ଚେହେରା

ଆହା
କି ମଧୁର କଟାକ୍ଷ
ସ୍ନାୟୁର ଜଙ୍ଗଲରେ ନିଆଁ ଚରିଯାଏ

ଗୋଟେ ମଳିନ
ଗୋଟେ ଅପରିଚ୍ଛନ୍ନ ଚେହେରାର
ଅସଜଡ଼ା ମଣିଷ ପାଇଁ
କେତେ ଦରଦ

କହେ ବି
ଜାଣେ, ତମ ଚେହେରା ଭିତରର

ସବୁତକ ଗୁମର
ପାପପୁଣ୍ୟର ଖେଳ

ମୁଁ ଯେ ଗୋଟେ ମାତାଲ ପତଙ୍ଗ
ଝାସ ଦେଇପାରେ
ଡହଡହ ନିଆଁର ହ୍ରଦରେ,
ପାପର

ଜଳିବାକୁ ଭଲପାଏ ବୋଲି
ଜଳେ ବାରମ୍ବାର
ଏବଂ ଉଠିଆସେ ଫିନିକ୍ସ ପକ୍ଷୀ ପରି

ପ୍ରତିବିମ୍ବ
ଜୀବନର ସର୍ବଶ୍ରେଷ୍ଠ ବିସ୍ମୟ
ନିଜ ପାଇଁ... । ■

ମୋ: ୯୧୭୮୬୪୭୧୩୭

## ଶବ୍ଦସ୍ନାନ

ପ୍ରତିଭା ପରିଡ଼ା



ଏମିତି କ'ଣ
ଶବ୍ଦମୟ ହୋଇ ଯାଉଛ ଯେ !
ମୁଁ ଢୋକି ପାରୁନି ସେ ସବୁ...
କାହିଁ କେତେ ଜନ୍ମରୁ
ମୁଁ ଶବ୍ଦଟିଏ ଶୁଣିନି,
ଚାରିପାଖରେ ମୋର ସ୍ୱରମୟ ମାଟି...
ଅଥଚ କେଉଁ କାଳରୁ
ମୁଁ ନୀରବ ହୋଇ ଯାଇଛି...

ମୁଁ ସ୍ଥିରା ପୃଥ୍ୱୀଟେ,
ଏମିତି ମହିମମୟ ଆବେଗରେ
ସାରା ସଂସାରକୁ ଢାଙ୍କି ରଖିଛ ଯେ,
ତୁମ ଆପ୍ଳୁତ ଆଶିଷର ଧାରାରେ
ମୋ ଛାତିର ଶବ୍ଦ ସବୁ
ଜୁଡୁବୁଡୁ ହୋଇ ପଡୁଛି...
ମୁଁ ତ କେଉଁ କାଳରୁ
ପ୍ରାର୍ଥନାର ନୈବେଦ୍ୟ ପାଲଟି ସାରିଛି...

ମହୁଆ ଆକାଶରୁ
ଗୋଟି ଗୋଟି ତାରା ତୋଳି ଦେବା ଭଳି,
କେଉଁଠୁ ଏତେ ଶବ୍ଦର ସମ୍ଭାର ଆଣି
ଭରି ଦେଉଛ ମୋ ଆତ୍ମାରେ !
ଟଳମଟଳ ଦେହ ମୋର
ଅଜଣା ଏକ ମହାମନ୍ତ୍ରର ଭାରାରେ
ପୁଲକିତ ହୋଇ ପଡୁଛି
ଶବ୍ଦସବୁକୁ ଶୋଷି ନେବାର ତପସ୍ୟା କରୁଛି...
ଦେଖ !
ତୁମ ସାରା ବିଶ୍ୱାସର ବିଭୂତିକୁ,
ମୋ ଆୟୁଷର ବର୍ଣ୍ଣମାଳାରେ
ମୁଁ କେମିତି ସଜେଇ ଦେଉଛି... ■

ପାର୍କ ପାରାଡାଇଜ୍ କଲୋନୀ
ରଘୁନାଥପୁର, ନନ୍ଦନକାନନ ରୋଡ୍
କିଟ୍ ଛକ, ଭୁବନେଶ୍ୱର-୭୫୧୦୨୪
ମୋ: ୮୯୧୭୭୦୩୪୪୨

# ଓଡ଼ିଆ ଲୋକଗୀତରେ ପଲ୍ଲୀପ୍ରକୃତି

ଡ. ସଂଘମିତ୍ରା ମହାପାତ୍ର



ଯେଉଁ ସାହିତ୍ୟ ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ ସୃଷ୍ଟି ହୋଇଛି, ତାହା ଲୋକସାହିତ୍ୟ ପଦବାଚ୍ୟ । ମନୁଷ୍ୟର ମୌଳିକ ଆବଶ୍ୟକତା ପରିପୂରଣ ହେଲାପରେ ଚିତ୍ତ ବିନୋଦନର ପ୍ରଥମ ମାଧ୍ୟମ ପାଲଟିଥିଲା ଲୋକସାହିତ୍ୟ । ଏହାକୁ ପଲ୍ଲୀ ସାହିତ୍ୟ, ଲଘୁ ସାହିତ୍ୟ, ଗାଉଁଲି ସାହିତ୍ୟ, ଲୋକବେଦ ଓ ମୌଖିକ ସାହିତ୍ୟ ମଧ୍ୟ କୁହାଯାଏ । ବିଶିଷ୍ଟ ସମାଲୋଚକ ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ ଲୋକସାହିତ୍ୟ ସଂପର୍କରେ କୁହନ୍ତି- "ମୌଖିକ ସାହିତ୍ୟ ପଲ୍ଲୀ ଜୀବନର ଏକ ସ୍ୱତଃସ୍ଫୂର୍ତ୍ତ ଝରଣା । ଯେକୌଣସି ଲୋକସମାଜର ଏହା ହିଁ ଆଦିମ ସଙ୍ଗୀତ, ତେଣୁ ଅଲିଖିତ, ନିତ୍ୟ ନୂତନ, ସହଜ, ସରଳ, ସମ୍ଭ୍ରାନ୍ତ ଓ ସ୍ୱାଭାବିକ । ପଲ୍ଲୀଜୀବନର ହସକାନ୍ଦ, ସୁଖଦୁଃଖ ସହିତ ଓତଃପ୍ରୋତ ଭାବରେ ଜଡ଼ିତ ଥିବା ହେତୁ ଏହା ପ୍ରାଣସ୍ପର୍ଶୀ ଓ ଲୋକପ୍ରିୟ । ଏହା ଲୌକିକ ଭାଷା ଓ ଲୋକମାନସର ପ୍ରକୃଷ୍ଟ ବାର୍ତ୍ତା ବହନ କରିଥାଏ ।"

ଲୋକସାହିତ୍ୟର ଏକ ହୃଦୟସ୍ପର୍ଶୀ ବିଭବ ହେଉଛି ଲୋକଗୀତ । ଲୋକଗୀତର ପରଂପରା ଖୁବ୍ ପ୍ରାଚୀନ । ଲୋକଗୀତର ସୁସଜ୍ଜିତ ମାଳରେ ହଳିଆଗୀତ, ଶଗଡ଼ିଆଗୀତ, ମଇଁଷିଆଳ ଗୀତ, ନାଉରିଆ ଗୀତ, ସୁଆରିଡାକଗୀତ, ଭାଲୁକୁଣୀ ଗୀତ, ଦୋଳି ଗୀତ, କାନ୍ଦଣା ଗୀତ, ପୁଚି ଖେଳ ଗୀତ, ଶିଶୁ ଗୀତ ଆଦି ଗୁନ୍ଥି ଦେଇଛି ଲୋକକବି । ଲୋକଗୀତର ବିବିଧ ବର୍ଣ୍ଣାଳୀ ଭିତରେ ସେ ଆଙ୍କିଛି ତା'ର ଆଖ ପାଖର ଚିତ୍ର ଚରିତ୍ର, ପଲ୍ଲୀ ପ୍ରକୃତି ଏବଂ ପରିବେଶ । ପୁରପଲ୍ଲୀର ମଣିଷ ପଲ୍ଲୀପ୍ରକୃତି ସହିତ ଘନିଷ୍ଠ ଭାବେ ଜଡ଼ିତ । ପ୍ରକୃତି ତା'ର ଜୀବନ ଓ ଜୀବିକା । ସେଇ ପ୍ରକୃତିର ଗଛଲତା, ନଦୀଝରଣା, ପାହାଡ଼ପର୍ବତ, ପଶୁପକ୍ଷୀ, ବିଲବଣ, ଋତୁ ବର୍ଣ୍ଣନା, ସକାଳସନ୍ଧ୍ୟା ପ୍ରଭୃତିକୁ ନେଇ ମନଲୋଭା ଗୀତ ଗାଇଛି, ପୁଣି ଏଇ ଗୀତ ତା'ର କର୍ମ କ୍ଳାନ୍ତକୁ ପାଶୋରି ଦେଇ ମନରେ ଆନନ୍ଦର ପ୍ଲାବନ ଭରି ଦେଇଛି ।

ଲୋକଗୀତ ସମ୍ପର୍କରେ ଲୋକସାହିତ୍ୟର ସଂଗ୍ରାହକ ଚକ୍ରଧର ମହାପାତ୍ର କୁହନ୍ତି- "ଯେଉଁ କବିତାମାନ ଏବେ ମୁଖେ ମୁଖେ ରହିଆସିଛି, କେବେ ହେଲେ ଗ୍ରନ୍ଥ ଭାବରେ ପରିଚିତ ହେବାର ସୁଯୋଗ ଲାଭ କରି ନାହିଁ ବା କୌଣସି ବ୍ୟକ୍ତି ଦ୍ୱାରା କେଉଁ ଅଜ୍ଞାତକୋଣରେ ସୃଷ୍ଟି ଲାଭ କରି ତା'ର ବିଚକ୍ଷଣ ମହକରେ ସେ ଜନମାନସର କୋଣେ କୋଣେ ପ୍ରଚାରିତ ହୋଇ ସାର୍ବଜନୀନ ହୋଇପାରିଛି, ସେହିମାନଙ୍କୁ ହିଁ ଗ୍ରାମ୍ୟଗୀତି ବୋଲି ଅଭିହିତ କରିବା ସମୀଚୀନ ।"

କୃଷି ହେଉଛି ଆମର ଜୀବନ ଜୀବିକା । କୃଷକଟିଏ ଖରା ବା ବର୍ଷା ସମୟରେ ନିଜ କ୍ଷେତରେ ଚାଷ କଲା ବେଳେ, ଶଗଡ଼ ବାହିଲା ବେଳେ କଠିନ ଶ୍ରମର ବେଦନା ଓ ନିଃସଙ୍ଗତାକୁ ପରିହାର କରି ସେ ଦୃଶ୍ୟମାନ ପଲ୍ଲୀପ୍ରକୃତିକୁ ତା'ର ସ୍ୱରରେ ବାନ୍ଧି ରଖି ଗାଉଥାଏ:-

"ଗୋଠକୁ ସୁନ୍ଦର ଗାଈ
ଗାଆଁକୁ ସୁନ୍ଦର ନଡ଼ିଆ ଗଛ ଛାଇ
ଝିଅକୁ ସୁନ୍ଦର ଜୋଇଁ
ତିରିଶ ସୁନ୍ଦର ପିତଳ ଖଡୁବାହୀ ।"

ପୁନଶ୍ଚ ଯାତ୍ରୀମାନଙ୍କ ଯାତ୍ରା କାଳରେ ଶଗଡ଼ିଆ ମନୋରଞ୍ଜନ କରିବା ଉଦ୍ଦେଶ୍ୟରେ ଗାଇଛି:-

"ଏ...ଦୂରକୁ ସୁନ୍ଦର ତ ପରବତ ମାଳ
ଗାଆଁକୁ ସୁନ୍ଦର ତ ନଡ଼ିଆ ଗୁଆ ତାଳ ।
ବନ୍ଧୁକୁ ସୁନ୍ଦର ତ ଦିଶଇ ଦୂର ହାଟ
ସିନ୍ଧୁକୁ ସୁନ୍ଦର ତ ଲହଡ଼ା ଭଙ୍ଗା ଘାଟ ।
ସଭାକୁ ସୁନ୍ଦର ତ ପ୍ରଧାନ ସାନ ଭାଇ
ଗୋଠକୁ ସୁନ୍ଦର ତ ଦୁହାଁଳିଆ ଗାଈ ।
ଘରକୁ ସୁନ୍ଦର ଯେବେ ଲୋ ଘରଣୀ
ନ ଯିବୁ ବାପଘର ଲୋ ।"

(ଉତ୍କଳ ଗାଉଁଲି ଗୀତ, ପୃଷ୍ଠା-୪୨୫)

ଏହି ଗୀତରେ ଗାଁର ସୌନ୍ଦର୍ଯ୍ୟ, ବନ୍ଧୁ ଓ ପରିବାରର ସୁନ୍ଦରତା ପ୍ରାଧାନ୍ୟ ଲାଭ କରିଛି । ବିଲରେ ଚାଷ କଲାବେଳେ, ଧାନରୁଆ, ବଛା ଖେଲୁଆ, ଧାନକଟା ସମୟରେ ଚାଷୀଟିଏ ଉଦାତ୍ତ କଣ୍ଠରେ ଗାଇଥାଏ ମନମତାଣିଆ ଲୋକଗୀତ । ଏଇ ଗୀତଗୁଡ଼ିକରେ କୃଷକର ଅଭାବୀ ଦୁନିଆର ବ୍ୟଥା ବେଦନାଭରା କଥା ପ୍ରକାଶ ପାଇଥାଏ । କୃଷକଟିଏ ପାହାନ୍ତା ପ୍ରହରରୁ ଆସି ବିଲରେ ହାଡ଼ଭଙ୍ଗା ପରିଶ୍ରମ କରେ, ପେଟରେ ତା'ର ଦାନା ପଡ଼ି ନଥାଏ । ତେଣୁ ଶ୍ରମଜନିତ ବୁଭୁକ୍ଷୁରୁ ଆଶ୍ୱସ୍ତି ଅନୁଭବ ଲାଗି ସେ ଲୋକଗୀତର ଆଶ୍ରିତ ହୋଇପଡ଼ିଥାଏ ।

ଓଡ଼ିଶାର ଗଣପର୍ବ ହେଉଛି 'ରଜ' । ରଜର ପୂର୍ବଦିନ ସଜବାଜ, ପହିଲି ରଜ, ରଜ ସଂକ୍ରାନ୍ତି ଓ ଶେଷ ରଜ ଉତ୍ସବରେ ଓଡ଼ିଶାର ଘରେ ଘରେ ପିଠା ପଣା, ପାନ, ଦୋଳିଖେଳ ଆଦି ବହୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଆବାଳବୃଦ୍ଧବନିତା ଏହି ଲୋକପର୍ବରେ ସାମିଲ ହୁଅନ୍ତି । ବିଶେଷ କରି ଝିଅବୋହୂମାନେ ଦୋଳି ଖେଳିବା ସମୟରେ ମହାଆନନ୍ଦରେ ରଜଦୋଳି ଗୀତ ଏକ ସ୍ୱରରେ ଗାଆନ୍ତି-

"ବନସ୍ତେ ଡାକିଲା ଗଜ
ବରଷକେ ଥରେ ଆସିଚି ରଜ
ଆସିଚି ରଜ ଲୋ ଘେନି ନୂଆ ସଜବାଜ ।"

ସେହିପରି କୁମାର ପୂର୍ଣ୍ଣମୀ, ଖୁଦୁରୁକୁଣୀ ଓଷା, ରଜ ଓ ବିଭିନ୍ନ ପର୍ବପର୍ବାଣିରେ ତରୁଣୀମାନେ ପୁଚି ଖେଳ ଖେଳନ୍ତି । ଏହି ଖେଳ ଶରୀରକୁ ସୁସ୍ଥ ରଖିବା ସହ ମନରେ ପ୍ରଶାନ୍ତି ଆଣେ । ପୁଚି ଖେଳ ସାଧାରଣତଃ ଦୁଇପ୍ରକାରର, ଯଥା ଠିଆ ପୁଚି ଓ ବସା ପୁଚି । ପୁଚି ଖେଳିବା ସମୟରେ ଝିଅମାନେ ଗାଁ, ପରିବାର ପରିମଣ୍ଡଳର କଥାକୁ ଗୀତରେ ରୂପାୟିତ କରି ଗାଇଥାନ୍ତି ।

କୁଆଁରୀ କନ୍ୟାମାନେ କୁମାର ପୂର୍ଣ୍ଣମୀ ଦିନ "କୁଆଁର ପୁନେଇଁ ଜହ୍ନ ଗୋ...ଫୁଲ ବଉଳ ବେଣୀ" ପରି ଲାଳିତ୍ୟପୂର୍ଣ୍ଣ ଗୀତ ଗାନ କରନ୍ତି । ସେହିପରି ପରିବାରର ଅଲିଅଳ କନ୍ୟାଟିଏ ବାହାଘରର ବିଦାୟ ଲଗ୍ନରେ ଶାଶୁଘରର ପରିବେଶ ଓ ଚଳନଣିକୁ ଠଉରେଇ ଭୋ' ଭୋ' ହୋଇ ଅନ୍ତରର ବେଦନାକୁ କାନ୍ଦଣା ଗୀତ ମାଧ୍ୟମରେ ପରିପ୍ରକାଶ କରେ । ସେ ମା, ବାପା, ଭାଇ, ଭାଉଜ, ଖୁଡ଼ୀ, ସାଙ୍ଗସାଥୀମାନଙ୍କୁ ଝୁରି ହୋଇ ବାହୁନି ବାହୁନି କାନ୍ଦିଥାଏ ।

ମା', ଗୋସେଇଁ ମା' ଓ ଆଇ ମା' ଛୋଟି ପିଲାମାନଙ୍କୁ ଖୁଆଇବା, ଶୁଆଇବା, ଅଝଟ ଶିଶୁକୁ ବୁଝାଇବା ସମୟରେ ଶିଶୁ ଗୀତ ଗାନ କରି ଶୁଣାଇ ଥାଆନ୍ତି । ପ୍ରଭାତ ସମୟରେ ପ୍ରକୃତିର ଚିତ୍ର ବର୍ଣ୍ଣନା କରି ଲୋକକବି ଶିଶୁକୁ ଚିଆଁଇବା ବେଳେ ଗୀତ ଗାଇଛି :- "ପହିଲା ଶର୍ବରୀରେ ବଂଶୀଧାରୀ ଉଠ ଉଠ/ କାକ କୁକ୍‌କୁଟ କୋକିଳ ଧ୍ୱନି କଲେ କୋଳାହଳ/ ପୂର୍ବ ଦିଗେ/ ଉଦେ ଗଗନ ବିହାରୀରେ/ ପାହିଲା ରଜନୀରେ ରଘୁମଣି ଉଠ ଉଠ ।" ସେହିପରି ପିଲାକୁ ବୁଝାଇବା ସମୟରେ ବୁଢ଼ୀ ମା' ଗାନ କରେ- "ବାଇ ଚଢ଼େଇରେ ବାଇ ଚଢ଼େଇ/ ତୋ ମା' ଯାଇଚି ଗାଈ ଚରେଇ ।" ବାଇଚଢ଼େଇ ଏବଂ ଗାଈ ଚରାଇବା ଦୁଇଟି ଯାକ କଥା ତତ୍କାଳୀନ ଗ୍ରାମୀଣ ଜୀବନକୁ ବେଶ୍ ପ୍ରଭାବିତ କରୁଥିଲା ।

ଶିଶୁ ବଡ଼ ହେଲା ପରେ ସାଙ୍ଗସାଥୀ ମେଳରେ ନିଜେ ଗୀତ ଗାଇ ଖୁସି ଅନୁଭବ କରିଥାଏ । ଆଉ ଆତ୍ମ ବିଭୋର ହୋଇ ଗାଇଉଠେ : - "ମେଘ ବରଷିଲା ଟୁପୁରୁ ଟୁପୁରୁ/ କେଶୁର ମାଇଲା ଗଜା ।" ଦିନେ ଦିନେ ଝୁରୁଝୁରୁ ବର୍ଷା ହେଉଥାଏ, ପୁଣି ଖରା ବି ପଡ଼ିଥାଏ । ଋତୁଚକ୍ରରେ ପ୍ରକୃତିର ପରିବର୍ତ୍ତନକୁ ଅନୁଭବ କରି ଲୋକଗୀତ ସ୍ରଷ୍ଟା ଗାନ କରିଛି- "ଖରା ହେଉଛି ବର୍ଷା ହେଉଛି, ବିଲୁଆ ନନା ବାହା ହେଉଛି ।"

ଲୋକଗୀତର ଲାଳିତ୍ୟ ଓ ସରଳ ବୋଧଗମ୍ୟତା ହିଁ ଲୋକପ୍ରିୟତାର ପ୍ରଧାନ କାରଣ । ଲୋକଗୀତ କେବେ କେବେ ନିରର୍ଥକ ହେଲେ ମଧ୍ୟ ଅନେକ ସମୟରେ ସାର୍ଥକ ଅର୍ଥ ବହନ କରି ଚମତ୍କାର ବାର୍ତ୍ତା ପ୍ରେରଣ କରିଛି । ଲୋକକବି ପ୍ରାକୃତିକ ସୌନ୍ଦର୍ଯ୍ୟରେ ମନ୍ତ୍ରମୁଗ୍ଧ ହୋଇ ଗୀତ ପରେ ଗୀତ ଗାଇଛି, ଏ ଗୀତ ଗାଇବାର ଶେଷ ନାହିଁ । ■

ଶ୍ରୀଜୟଦେବ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ
ଭୁବନେଶ୍ୱର
ମୋ: ୮୩୨୮୯୫୩୭୬୬

## ହାଇୱା-କାର୍ ଧକ୍କା; ୨ ଗୁରୁତର

ଢେଙ୍କାନାଳ,୧୩।୧୨(ସମିସ): ୫୫ନଂ ଜାତୀୟ ରାଜପଥର ଢେଙ୍କାନାଳ ସଦର ଥାନା ଗେଙ୍ଗୁଟିଆ ଗ୍ରାମ ନିକଟରେ ହାଇୱା ଧକ୍କାରେ କାରରେ ଯାତ୍ରା କରୁଥିବା ୨ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ 'ସକାଳ'ର ରାଉରକେଲା ବ୍ୟୁରୋ ମୁଖ୍ୟ ଦେବବ୍ରତ ପଟ୍ଟନାୟକ ଓ ତାଙ୍କ ସ୍ତ୍ରୀ ଇତିଶ୍ରୀ ପଟ୍ଟନାୟକ। ଦେବବ୍ରତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଇତିଶ୍ରୀଙ୍କ ଗୋଡ଼ ଭାଙ୍ଗିଯାଇଛି। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ କାରରେ ଥିବା ଦେବବ୍ରତଙ୍କ ଝିଅ ସୁରକ୍ଷିତ ଅଛନ୍ତି। ଅନ୍ୟପଟେ ଦୁର୍ଘଟଣା ପରେ ହାଇୱା ଚାଳକ ଫେରାର ହୋଇଯାଇଛନ୍ତି। ପୁଲିସ ହାଇୱା ଜବତ କରି ତଦନ୍ତ ଆରମ୍ଭ କରିଛି। ଦେବବ୍ରତ ତାଙ୍କ ସ୍ତ୍ରୀ ଓ ଝିଅଙ୍କ ସହ କାର୍ ଯୋଗେ ରାଉରକେଲାରୁ ଭୁବନେଶ୍ୱର ଯାଉଥିଲେ। ଗେଙ୍ଗୁଟିଆ ଗ୍ରାମ ନିକଟରେ ଦ୍ରୁତଗତିରେ ଆସୁଥିବା ହାଇୱା ଓଆର୦୬-ପି୯ ୯୨୧ ତାଙ୍କ କାରକୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ।

## ଗୟଳ ଆକ୍ରମଣରେ ଜଣେ ମୃତ

ନୀଳଗିରି, ୧୩।୧୨ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ କେଶିପୁର ପଞ୍ଚାୟତ କଇମହୁଡି ଗ୍ରାମରେ ଗୟଳ ଆକ୍ରମଣରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଗୋରୁ ହଜିଯାଇଥିବାରୁ ଶନିବାର ସକାଳେ ନୀଳଗିରି ବ୍ଲକ ଅଧୀନ କୁଲଡିହା ପାଦଦେଶକୁ ଲାଗି ରହିଥିବା କଇମହୁଡି ଗ୍ରାମର ମକରା ସରେନ (୫୫) ଓ ଦୁର୍ଗା କାର୍ଜି (୨୭) କଇମହୁଡି ବିଟ୍ ନିକଟ କାଶିଆଡାହିକୁ ଯାଇଥିଲେ। ସେଠାରେ ଅଭୟାରଣ୍ୟର ଏକ ଗୟଳ ଜନବସତିକୁ ଅଞ୍ଚଳକୁ ପଳାଇ ଆସିଥିବା ବେଳେ ଏହି ଦୁଇଜଣଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଆକ୍ରମଣରେ ମକରା ଗୁରୁତର ହୋଇଥିବା ବେଳେ ଦୁର୍ଗା ସାମାନ୍ୟ ଆହାତ ହୋଇଥିଲେ। ମକରା ସେଠାରୁ ଜୀବନ ବିକଳରେ ପଳାଇ ଆସି ଗାଁରେ ଖବର ଦେଇଥିଲା। ଗ୍ରାମବାସୀ ଓ ପରିବାରଲୋକେ ଗୁରୁତର ମକରାଙ୍କୁ ଉଦ୍ଧାର କରି ଉଦଳା ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଗାଙ୍କୁ ବରହମପୁର ମେଡିକାଲରେ ଭର୍ତ୍ତି କରାଯାଇଛି।

## ସ୍କୁଲରେ ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ

ବାଲେଶ୍ୱର, ୧୩।୧୨(ସମିସ): ଟାଉନ ଥାନା ଅଞ୍ଚଳରେ ଥିବା ଏକ ବିଦ୍ୟାଳୟର ୭ମ ଶ୍ରେଣୀ ଛାତ୍ରୀଙ୍କୁ ଜଣେ ଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଗତ ବୁଧବାର ବିଦ୍ୟାଳୟର ଗଣିତ ଶିକ୍ଷକ ସେକ ରିହାନ ସମ୍ପୃକ୍ତା ଛାତ୍ରୀଙ୍କୁ ବିଦ୍ୟାଳୟ ଛାତ ଉପରକୁ ନେଇ ଅସଦାଚରଣ ଉଦ୍ୟମ କରିବା ବେଳେ ପୀଡ଼ିତାଜଣକ ଚିତ୍କାର କରିଥିଲେ। ଫଳରେ ଶିକ୍ଷକଜଣକ ସେଠାରୁ ପଳାଇ ଯାଇଥିଲେ। ଛାତ୍ରୀଜଣଙ୍କ ଏ ସଂପର୍କରେ ମା'ଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଆଜି ପରିବାର ଓ ଗାଁ ଲୋକେ ବିଦ୍ୟାଳୟକୁ ଆସି ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ସେଠାରେ ପରିସ୍ଥିତି ଉତ୍ତେଜନାମୂଳକ ହେବା ଦେଖି ଶିକ୍ଷକଜଣକ ସ୍କୁଲ ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ଖବର ପାଇ ଟାଉନ ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ଘଟଣାକୁ ନେଇ ଛାତ୍ରୀଙ୍କ ମା' ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ପ୍ରେମ ପ୍ରତାରଣା
## ପ୍ରେମିକକୁ ଖୋଜିଖୋଜି ଭୁବନେଶ୍ୱରରୁ ମୟୂରଭଞ୍ଜ



ବାରିପଦା,୧୩।୧୨(ସମିସ): ଫେସ୍‌ବୁକ୍‌ରୁ ଚିହ୍ନା ପରିଚୟ ଏବଂ କଥାବାର୍ତ୍ତାରୁ ପ୍ରେମ ସଂପର୍କ ଗଢ଼ି ଉଠିଥିଲା। ବିବାହ କରିବାକୁ ନିଷ୍ପତ୍ତି ନେଇ ଦୁହେଁ ଘରଛାଡ଼ି ଭୁବନେଶ୍ୱର ଚାଲି ଆସିଥିଲେ। ବିବାହ ପୂର୍ବରୁ କିଛି ଦିନ ଏକାଠି ରହି ପରସ୍ପରକୁ ଜାଣିବା ପାଇଁ ଲିଭ୍-ଇନ୍-ରିଲେସନସିପ୍‌ରେ ଥିଲେ। କିନ୍ତୁ, ଏଥିରେ ବାଧକ ସାଜିଲା ଘରଭଡ଼ା। ବିବାହ କରି ନଥିବାରୁ ସହରଟା ସାରା ଦୁହିଁଙ୍କୁ ଘରଭଡ଼ା ଦେବାକୁ କେହି ରାଜି ହେଲେନି। ତେଣୁ ଭୁବନେଶ୍ୱର ରେଲଷ୍ଟେସନ୍‌ରେ ୫ ମାସ କାଟିଦେଲେ। ଗୁଜୁରାଣ ମେଣ୍ଟାଇବା ପାଇଁ ଟ୍ରାଭେଲ ଏଜେନ୍ସିରେ କାମ କଲେ। କିନ୍ତୁ ବିବାହ ପାଇଁ କଥା ଉଠାଇବାରୁ ପ୍ରେମିକାଠାରୁ ୧୫ ହଜାର ଟଙ୍କା ନେଇ ଏକୁଟିଆ ଛାଡ଼ି ଫେରାର୍ ହୋଇଗଲା ପ୍ରେମିକ। ସେପଟେ ପ୍ରେମିକକୁ ଖୋଜିଖୋଜି ଯୁବତୀଜଣଙ୍କ ସୋନପୁର ଓ ଏବେ ମୟୂରଭଞ୍ଜରେ ପହଞ୍ଚିଛନ୍ତି। ଏପରି ଏକ ଘଟଣା ଏଠାରେ ଚର୍ଚ୍ଚାରେ ବିଷୟ ହୋଇଛି। ଫେରାର୍ ପ୍ରେମିକ ହେଲା, ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ଅଞ୍ଚଳର ସଣ୍ଟୁ ମାଲ। ଝାରପୋଖରିଆ ପୁଲିସ ପିଣ୍ଟୁ ବିରୋଧରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ପ୍ରଭୁକଲ୍ୟାଣ ଆଚାର୍ଯ୍ୟ କହିଛନ୍ତି। ଆଜି ପୁଲିସ ପ୍ରତାରକ ସଣ୍ଟୁର ଘରେ ଚଢ଼ଉ କରିଥିଲା। ସେହିପରି, ପ୍ରେମିକାର ଡାକ୍ତରୀମାଇନା ପରେ ତାକୁ ପୁଲିସ ବାରିପଦା ୱାନ ଷ୍ଟପ୍ ସେଣ୍ଟର୍‌ରେ ଛାଡ଼ିଥିଲ। ଆଜି ପୁଲିସ ତାଙ୍କୁ ବସ୍‌ରେ ନିଜ ଘର ସୋନପୁରକୁ ପଠାଇ ଦେଇଛି।

### ଶିମିଳିପାଳରେ ଶିକାରୀ ଗ୍ୟାଙ୍ଗ ଧରାପଡ଼ିବା ଘଟଣା
## ଦୁଇ ଜଣକୁ ରିମାଣ୍ଡରେ ନେଲା ବନ ବିଭାଗ



ବାରିପଦା, ୧୩।୧୨(ସମିସ): ଶିମିଳିପାଳ ଦକ୍ଷିଣ ବନଖଣ୍ଡ ପକ୍ଷରୁ ଜେନାବିଲ ରେଞ୍ଜରୁ ଧରାପଡ଼ିଥିବା ୫ଜଣିଆ ଶିକାରୀ ଗ୍ୟାଙ୍ଗର ଦୁଇଜଣ ସଦସ୍ୟଙ୍କୁ ବନ ବିଭାଗ ରିମାଣ୍ଡରେ ନେଇଛି। ଅଭିଯୁକ୍ତଦ୍ୱୟ ହେଲେ, ଖୁଣ୍ଟା ଥାନା ଅନ୍ତର୍ଗତ ଡେଙ୍ଗାମ ଅଞ୍ଚଳର ଜଡ଼ିଦା ଗ୍ରାମର ଛଲେ ହୋ (୨୩) ଓ ଶୁକ୍ରା ହୋ(୩୨)। ଉଭୟଙ୍କୁ

### ପୁଣି ୨ଟି ଦେଶୀ ବନ୍ଧୁକ ଜବତ

ରିମାଣ୍ଡରେ ନେବାକୁ ବନ ବିଭାଗ ପକ୍ଷରୁ କୋର୍ଟରେ ଆବେଦନ କରାଯାଇଥିଲା। କୋର୍ଟ ଆଜି ଅନୁମତି ଦେଇଛନ୍ତି। ପଚରାଉଚରା ବେଳେ ଛଲେ ହୋ'ର ସୂଚନା ଆଧାରରେ ପୁଲିସ ତା' ପାଖରୁ ଆଉ ୨ଟି ଦେଶୀ ବନ୍ଧୁକ ଜବତ କରିଛି। ଶିକାରୀଗ୍ୟାଙ୍ଗ ଶିମିଳିପାଳ ଅଭୟାରଣ୍ୟକୁ ଶିକାର ନିମନ୍ତେ ପ୍ରବେଶ କରିଥିବା ବେଳେ ଏଆଇ କ୍ୟାମେରା ଓ ଟ୍ରାପ୍ କ୍ୟାମେରା ଜରିଆରେ ଧରାପଡ଼ିଥିଲେ। ଏହି ଗୁଇନ୍ଦା କ୍ୟାମେରାର ସୂଚନା ଓ ଗୁଇନ୍ଦା ତଥ୍ୟ ଆଧାରରେ ଜଡ଼ିଦା ଗ୍ରାମସ୍ଥ ଘରୁ ୫ ଜଣ ଶିକାରୀଙ୍କୁ କିଛିଦିନ ପୂର୍ବେ ଗିରଫ କରାଯାଇଥିଲା। ତାଙ୍କ ପାଖରୁ ପୂର୍ବରୁ ଦେଶୀ ବନ୍ଧୁକ, ୭ଟି ଫାଶ, ୨ଟି ଟର୍ଚ୍ଚ, ୫୩୫ ଗ୍ରାମ ଶୁଖିଲା ବଣୁଆ ମାଂସ, ବାରୁଦ ଗୁଣ୍ଡ ତିଆରି ପାଇଁ ବ୍ୟବହୃତ ପଲିଥିନ ସିଟ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଥିଲା। ଗିରଫ ହୋଇଥିବା ଶିକାରୀ ହେଲେ ବିରସିଂ ହୋ (୩୩), ଚରଣ ହୋ (୪୩), ଛଲେ ହୋ (୨୩), ସାଗର ହୋ (୨୯) ଓ ସୁକ୍ରା ହୋ (୩୨)। ପଚରାଉଚରା ପରେ ବନ୍ୟଜନ୍ତୁ ସୁରକ୍ଷା ଆଇନ ଧାରାରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ।

### ମଣ୍ଡି ଖୋଲୁଛି; ଧାନ ଉଠୁନି
## ଜିଲ୍ଲାପାଳଙ୍କ ଗୋଡ଼ ତଳେ ପଡ଼ିଲେ ଚାଷୀ



**ପଦ୍ମପୁର, ୧୩।୧୨ (ସମିସ):** ଧାନବସ୍ତା ପକାଇ ଜିଲ୍ଲାପାଳଙ୍କ ଗୋଡ଼ ତଳେ ପଡ଼ିଲେ; ରାସ୍ତା ଉପରେ ଆଣ୍ଠେଇ ଦୁଇ ହାତଯୋଡ଼ି ମୁଣ୍ଡିଆ ବି ମାରିଲେ। ଖାଲି ଗୋଟିଏ ଦାବି ପୂରଣ କର, ଆମ ଧାନ କିଣିନିଅ। ଓଡ଼ିଶାର ଭାତହାଣ୍ଡି ଭାବେ ପରିଚିତ ବରଗଡ଼ ଜିଲ୍ଲାରୁ ଆସିଥିବା ଏଭଳି ଏକ ଚିତ୍ର ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ବରଗଡ଼ରୁ ଆରମ୍ଭ କରି ସମ୍ବଲପୁର ପର୍ଯ୍ୟନ୍ତ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ସରକାର-ମିଲର୍‌ଙ୍କ ମଧ୍ୟରେ ଟଣାଓଟରା ଏବଂ ଧାନକିଣା ପ୍ରକ୍ରିୟାରେ ବ୍ୟାପକ ସରକାରୀ ଅବ୍ୟବସ୍ଥାର ଫଳ ଚାଷୀଙ୍କୁ ଭୋଗିବାକୁ ପଡୁଛି। ଫଳରେ, ପାଖାପାଖି ମାସେ ତଳୁ ଅମଳ କରିଥିବା ଧାନ ଏବେ ଖଳାରେ ଶୀତ କାକର ଖାଉଛି। ଧାନମଣ୍ଡି ଖୋଲୁଥିଲେ ହେଁ ଚାଷୀଙ୍କ ଧାନ ଉଠୁନାହିଁ। ପଦ୍ମପୁର ଉପଖଣ୍ଡ ରାଜବୋଡ଼ାସମ୍ବରରେ ଏହାକୁ ନେଇ ଆଜି ଚାଷୀମାନେ ନିଆରା ଢଙ୍ଗରେ ପ୍ରତିବାଦ ଜଣାଇଥିଲେ। ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଧିଆ ପଡ଼ି ଧାନ ଉଠାଇବା ପାଇଁ ଗୁହାରି କରିଥିଲେ।

ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ନେତୃତ୍ୱରେ ବହୁ ସଂଖ୍ୟାରେ ଚାଷୀ ପଦ୍ମପୁର ଉପଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଏକାଠି ହୋଇଥିଲେ। ପରେ ସେମାନେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଗୋଡ଼ ତଳେ ଧାନ ବସ୍ତା ପକାଇ ମୁଣ୍ଡିଆ ମାରି ସମସ୍ତ ଧାନ ତୁରନ୍ତ କିଣିବାକୁ ଅନୁରୋଧ କରିଥିଲେ।

ଗତ ଖରିଫ ଋତୁରେ ପଦ୍ମପୁର ଆର୍‌ଏମ୍‌ସିଠାରୁ ୩୦ ଲକ୍ଷ କ୍ୱିଣ୍ଟାଲ ଧାନ କିଣା ଯାଇଥିଲା। ଚଳିତ ବର୍ଷ ୯୨ଟି ଧାନ କ୍ରୟ କେନ୍ଦ୍ର ଖୋଲା ଯାଇଛି। ହେଲେ ସେଥିରୁ ୪୨ଟି ସେଣ୍ଟରରେ ଧାନ କିଣା ଆରମ୍ଭ ହୋଇନାହିଁ। ବିଭିନ୍ନ ମଣ୍ଡିରେ ୩ ଲକ୍ଷ ପ୍ୟାକେଟ୍ ଧାନ ପଡ଼ି ରହିଛି। ମାତ୍ର ୪୦ ହଜାର ପ୍ୟାକେଟ ଧାନ କିଣା ହୋଇଛି। ସେହିପରି, ପାଖାପାଖି ୭୦% ଚାଷୀଙ୍କ ଟୋକନ ଏଯାଏଁ ଆସିନାହିଁ। ଅନେକ ଚାଷୀଙ୍କ ଟୋକନ୍ ଜମି ତୁଳନାରେ ବହୁତ କମ ଆସିଛି। କିଛି ଟୋକନରେ ଜାନୁଆରୀ ମାସରେ ଧାନ ବିକ୍ରି କରିବାର ଧାର୍ଯ୍ୟ ତାରିଖ ଅଛି। ଅଣ-ଜଳସେଚିତ ଅଞ୍ଚଳ ପାଇଁ ଏକର ପ୍ରତି ୧୩ କ୍ୱିଣ୍ଟାଲ ଧାନ ବିକ୍ରି ଅନୁମତି ଅଛି। ହେଲେ

### ଶୀଘ୍ର ଧାନ କିଣା ନ ହେଲେ ଆତ୍ମହତ୍ୟା ଚେତାବନୀ

### ପଦ୍ମପୁର ଉପଖଣ୍ଡରେ ଧାନ ବିକ୍ରି ସମସ୍ୟା ଉତ୍କଟ

ବଳକା ଧାନ କ'ଣ କରାଯିବ, ସେ ସଂପର୍କରେ ସରକାର ଏଯାଏଁ କିଛି ନିଷ୍ପତ୍ତି ନେଇ ନାହାନ୍ତି। ଏହି ସବୁ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଥିବା ବେଳେ ଚାଷୀର ଦୁଃଖ ବଢ଼ି ଚାଲିଛି। ବର୍ଷଯାକର ପରିଶ୍ରମ ଆଖି ଆଗରେ ଖରା-ତରାରେ ନଷ୍ଟ ହେଉଥିବା ଦେଖି ଚାଷୀର କୋହ ସମ୍ଭାଳ ପଡୁନି। ତେବେ ତୁରନ୍ତ ଧାନ କିଣାନଗଲେ, ଆସନ୍ତା ସୋମବାର ବଡ଼ଧରଣର ଆନ୍ଦୋଳନ କରିବା ସହ ଚାଷୀମାନେ ଆତ୍ମହତ୍ୟା କରିବେ ବୋଲି ସଙ୍ଗଠନ ଚେତାବନୀ ଦେଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସମର୍ଥକଙ୍କ ଭଙ୍ଗାରୁଜା...

ଆୟୋଜକମାନେ କାର୍ଯ୍ୟକ୍ରମକୁ ନିୟନ୍ତ୍ରଣ କରି ପାରି ନ ଥିଲେ। ଦର୍ଶକମାନେ କ୍ଷୁବ୍ଧ ହୋଇ ଷ୍ଟାଡିୟମ୍‌ରେ ଭଙ୍ଗାରୁଜା କରିଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣଳ କରିବା ଲାଗି ସେଠାରେ ଦଙ୍ଗା-ବିରୋଧୀ ସୁରକ୍ଷା ଯବାନଙ୍କୁ ମୁତୟନ କରିବାକୁ ପଡ଼ିଥିଲା।

ଏହି ଗଣ୍ଡଗୋଳିଆ ସ୍ଥିତି ଯୋଗୁଁ ସରକାର ଓ ପ୍ରଶାସନକୁ ସମାଲୋଚିତ ହେବାକୁ ପଡ଼ିଛି। ଏହି ଘଟଣାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କ୍ଷମା ମାଗିଛନ୍ତି। ମୁଖ୍ୟ ଆୟୋଜକ ଶତ୍ରୁଦା ଦତ୍ତାଙ୍କୁ ପୁଲିସ୍ ଅଟକ ରଖିଛି ଓ ଦର୍ଶକଙ୍କ ସମସ୍ତ ଅର୍ଥ ଫେରସ୍ତ ଦିଆଯିବ ବୋଲି ଡିଜିପି ରାଜୀବ କୁମାର ଘୋଷଣା କରିଛନ୍ତି। ଆୟୋଜକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଘୋଷଣା କରିଛନ୍ତି। ଘଟଣାର ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀ ବିଚାର ବିଭାଗୀୟ ତଦନ୍ତ କରିବାକୁ ଘୋଷଣା କରିଛନ୍ତି। ଏହାପରେ ମେସି ହାଇଦରାବାଦ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ସମର୍ଥକ ଓ ଦର୍ଶକଙ୍କୁ ଆମୋଦିତ କରିଛନ୍ତି।

### ନାଗରିକତା ଛାଡୁଛନ୍ତି...

କାରଣରୁ ଏହି ନାଗରିକଙ୍କୁ ସେଠାରୁ ବିଦା କରାଯାଇଥିଲା। ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି ଯେ, ଇସ୍ରାଏଲରୁ ଅପରେସନ ଅଜୟ, ଇରାନ- ଇସ୍ରାଏଲର ଅପରେସନ ସିନ୍ଧୁ ମାଧ୍ୟମରେ ଭାରତୀୟଙ୍କୁ ବିଦେଶରୁ ଅଣାଯାଇଛି। ପୁଣି କୁଏତ ଅଗ୍ନିକାଣ୍ଡରେ ମୃତ୍ୟୁବରଣ କରିଥିବା ୪୫ ଜଣ ଭାରତୀୟ ମୃତଦେହଗୁଡିକୁ ମଧ୍ୟ ଭାରତ ଅଣାଯାଇଛି।

### ବର୍ଦ୍ଧିତ ଦରମା...

ବିଧାନସଭାରେ ନିକଟରେ ପାରିତ ହୋଇଥିବା ବିରୋଧୀ ଦଳ ନେତାଙ୍କ ବର୍ଦ୍ଧିତ ଦରମା ଓ ଭତ୍ତାକୁ ମଧ୍ୟ ମୁଁ ତ୍ୟାଗ କରିବାକୁ ଚାହୁଁଛି। ତେଣୁ ମୁଁ ଆପଣଙ୍କୁ ଅନୁରୋଧ କରିବାକୁ ଚାହେଁ ଯେ ଏହି ଅର୍ଥକୁ ଆମ ରାଜ୍ୟର ଗରିବ ଲୋକଙ୍କ କଲ୍ୟାଣ ପାଇଁ ବ୍ୟବହାର କରିବାକୁ ନବୀନ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଏହି ପତ୍ରକୁ ନବୀନ ବାଚସ୍ପତି ସୁରମା ପାଢ଼ୀ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ମଧ୍ୟ ଗୋଟିଏ ଲେଖାଏ କପି ପ୍ରେରଣ କରିଛନ୍ତି।

ପୂର୍ବରୁ ମଧ୍ୟ ନବୀନଙ୍କର ଏଭଳି ଅନେକ ନିଷ୍ପତ୍ତି ରାଜ୍ୟବାସୀଙ୍କ ମନ ଜିଣିଛି। ୨୦୧୯ ଫନୀ ବାତ୍ୟା ବେଳେ ଓଡ଼ିଶା ବ୍ୟାପକ କ୍ଷୟକ୍ଷତିର ସମ୍ମୁଖିନ ହୋଇଥିବା ବେଳେ ସେ ମୁଖ୍ୟମନ୍ତ୍ରୀ ଭାବେ ନିଜର ୬ ମାସର ଦରମା ଦାନ କରିବା ସହ ନିଜ ଦଳର ନେତା ଓ ଅନ୍ୟମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଅର୍ଥ ଦାନ ପାଇଁ ପ୍ରେରଣା ଦେଇଥିଲେ। ୨୫ ବର୍ଷ ଧରି ନିରଙ୍କୁଶ କ୍ଷମତାରେ ଥାଇ ମଧ୍ୟ କୌଣସି ବିଳାସବ୍ୟସନ ତାଙ୍କୁ ସ୍ପର୍ଶ କରି ପାରି ନ ଥିଲା। ପୋଷାକପତ୍ର କହିଲେ ଧଳା କୁର୍ତ୍ତା ପାଇଜାମା, ହାୱାଇ କିମ୍ବା କୋହ୍ଲାପୁର ଚପଲରେ ନବୀନଙ୍କ ରାଜନୈତିକ ଜୀବନ ଆରମ୍ଭ ହୋଇ ଅଦ୍ୟାବଧି ଅପରିବର୍ତ୍ତିତ ରହିଛି। ରାଜନୀତିରେ ନୀତି ଓ ନୈତିକତାକୁ ସେ ସର୍ବାଗ୍ରେ ପ୍ରାଧାନ୍ୟ ଦେଇଛନ୍ତି।

### ଆହୁରି ୩୬ ଘଣ୍ଟା...

ରିଲିଫ ପାଣ୍ଠିରୁ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି। କ୍ଷୟକ୍ଷତିର ଭରଣା ପାଇଁ ଏକ ଆକଳନ କରାଯାଇ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଛି। ଏମ୍‌ଭି-୨୬ ଗ୍ରାମରେ ନଷ୍ଟ ହୋଇଥିବା ଘର, ଦୋକାନ ଗୃହ ଏବଂ ଅନ୍ୟାନ୍ୟ ସମ୍ପତ୍ତିର କ୍ଷୟକ୍ଷତି ପ୍ରାୟ ୪୦ ଲକ୍ଷ ଟଙ୍କା ଆକଳନ କରାଯାଇଛି। ସମସ୍ତ ଗୃହକୁ ବିଦ୍ୟୁତ୍ ସଂଯୋଗୀକରଣ ପୁନଃ ସ୍ଥାପିତ କରାଯାଇଛି। ପୀଡିତଙ୍କୁ ଦିନକୁ ଦୁଇ ଥର ଗରମ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। କମ୍ବଳ, ବିଛଣା, ଟାରପଲିନ, ଶାଢ଼ୀ, ଲୁଙ୍ଗି, ଗାମୁଛା, ମଗ୍, ଜାରକିନ୍, ପୋଷାକ ଇତ୍ୟାଦି ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ସେହିପରି ପାନୀୟ ଜଳ ବ୍ୟବସ୍ଥା ମଧ୍ୟ ଠିକ୍ କରି ଦିଆଯାଇଛି। ସ୍କୁଲ୍ ପିଲାଙ୍କ ପାଇଁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଛି। ଗର୍ଭବତୀ ମହିଳା ଓ ଶିଶୁଙ୍କ ନିମନ୍ତେ ଟେକ୍ ହୋମ୍ ବ୍ୟବସ୍ଥା କରାଯାଇଛି। ଖୁବ୍‌ଶୀଘ୍ର ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ଖୋଲିବ। ପିଲାଙ୍କ ପାଇଁ ୟୁନିଫର୍ମ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଅନ୍ୟପଟରେ

ଏହି ସାମ୍ବାଦିକ ସମ୍ମିଳନୀରେ ମାଲକାନଗିରି ଏସ୍‌ପି ଶ୍ରୀ ପାଟିଲ ଏମ୍‌ଭି-୨୬ ଗ୍ରାମରେ ଶାନ୍ତି ପ୍ରତିଷ୍ଠା ପାଇଁ ପୁଲିସ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହ ଗ୍ରାମରେ ବିଗତ ଦିନରେ ହୋଇଥିବା ପୋଡାଜଳା ଘଟଣାରେ ୬ ଜଣଙ୍କୁ ପୁଲିସ ଗିରଫ କରିଥିବା ସୂଚାଇଛନ୍ତି।

### ରକ୍ତମୁଖା ବାଲି ମାଫିଆ...

ପାଞ୍ଚ ଜଣ ଯୁବକ ଫେରାର ହୋଇଥିବା ବେଳେ ଦୁଇଟି କାର ଯାଇ ପାରିନଥିଲା। ତେବେ କାର ଭିତରେ ଥିବା ଚାରି ଜଣ ଯୁବକକୁ ଗ୍ରାମବାସୀ ଅଟକ କରି ଥାନା କୁ ହସ୍ତାନ୍ତର କରିଥିଲେ। ସିଂଲା ପୁଲିସ ଓ ଜଳେଶ୍ୱର ଏସଡିପିଓ ସୁବ୍ରତ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଗ୍ରାମରେ ଶାନ୍ତି ଫେରାଇ ଆଣିବା ପାଇଁ ପୁଲିସ, ଜନପ୍ରତିନିଧି ଓ ଗ୍ରାମବାସୀଙ୍କୁ ନେଇ ଏକ ଶାନ୍ତି କମିଟି ହୋଇଥିବା ଜଣା ପଡିଛି।

### ୪୫ ବର୍ଷ ପରେ...

ହୋଇଛି। ପୂର୍ବରୁ ୨୦୨୦ ନିର୍ବାଚନରେ ଏଲ୍‌ଡିଏଫ୍ ୫୧ଟି ୱାର୍ଡରେ ବିଜୟୀ ହୋଇଥିଲା ଓ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏକୁ ୩୫ଟି ୱାର୍ଡରେ ବିଜୟ ମିଳିଥିଲା। ସେହିପରି ୟୁଡିଏଫ୍ ୧୦ଟିରେ ବିଜୟ ହାସଲ କରିଥିଲା। ତିରୁବନନ୍ତପୁରମକୁ ବରିଷ୍ଠ କଂଗ୍ରେସ ନେତା ଶଶି ଥରୁରଙ୍କ ଗଡ଼ ବୋଲି ବିବେଚନା କରାଯାଏ। ସେ ୨୦୦୯ରୁ ଏହି ଲୋକସଭା ଆସନରୁ ବିଜୟୀ ହୋଇ ଆସୁଛନ୍ତି। ଏନଡିଏର ବିଜୟ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୋଟର ଏବଂ ଦଳୀୟ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିଜେପିର ଏହି ଐତିହାସିକ ବିଜୟରେ ଶଶି ଥରୁର ଅଭିନନ୍ଦନ ଜଣାଇଛନ୍ତି। ଜନାଦେଶକୁ ସମ୍ମାନ ଦିଆଯିବା ଆବଶ୍ୟକ ବୋଲି ସେ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି।

ସୂଚନାଯୋଗ୍ୟ ଯେ ସ୍ଥାନୀୟ ପୌର/ପଞ୍ଚାୟତ ନିର୍ବାଚନରେ ୬ଟି ପୌର ନିଗମ ମଧ୍ୟରୁ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ୪ଟିରେ ବିଜୟୀ ହୋଇଥିବା ବେଳେ ବାମ ସାମ୍ମୁଖ୍ୟ ଓ ଏନଡିଏ ଗୋଟିଏ ଲେଖାଏଁ ନିଗମରେ ବିଜୟୀ ହୋଇଛନ୍ତି। ସେହିଭଳି ଜିଲ୍ଲା ପଞ୍ଚାୟତ ନିର୍ବାଚନରେ ୟୁଡିଏଫ ସର୍ବାଧିକ ୫୯ଟିରେ ବିଜୟୀ ହୋଇଥିବା ବେଳେ ୩୦ରେ ଏଲଡିଏଫ୍ ଏବଂ ଦୁଇଟିରେ ଏନଡିଏ ବିଜୟୀ ହୋଇଛି।


**AFFIDAVIT**
By virtue of an affidavit no-257 before the Executive magistrate, Jatni on dt 26/11/25 , I Birendra Maharana, At- Timeipur, Po-Garhsanaput, Ps-Kanas, Dist-Puri, Pin-752060, I have changed my minor daughter's name from Senahanjali Maharana to Snehanjali Maharana. Henceforth she will be known as **Snehanjali Maharana** for all purposes.
**Birendra Maharana**

**AFFIDAVIT**
I, Chhatiani Raut M/o Kishor Chandra Rout, Resident of At- Govindapur, Po-Gadadhar Prasad, Ps-Itamati, Dist- Nayagarh, Odisha, Pin-752068, declare by this affidavit No.15AA 192677 dtd 29.10.2025 that now onwards I shall be known as **CHHATIANI ROUT** for all future purposes.

**AFFIDAVIT**
I, Kishor Chandra Raut S/o Chhatiani Rout, Resident of At-Govindapur, Po-Gadadhar Prasad, Ps-Itamati, Dist- Nayagarh, Odisha, Pin- 752068, declare by this affidavit No.15AA 192677 dtd 29.10.2025 that now onwards I shall be known as **KISHOR CHANDRA ROUT** for all future purposes.

**AFFIDAVIT**
I, Sekh Abaas Alli, S/o-Sekh Hado, At-Mirzapur, Po- Balaramgadi, Ps-Marine, Dist-Balasore, Odisha declare by this Affidavit No-10714 dtd. 10.10.2025 that now onwards I Shall be known as **SEKH ABAAS ALI** For all future purposes.

**AFFIDAVIT**
I, Sanjay Jain, aged about 51 years, S/o-Mohan Lal Jain, resident of At- Hudco Colony, Madhuban, PS-Baripada, Town, Dist-Mayurbhanj, Odisha declared by this affidavit No. 2506, dtd-13/12/2025 that now onwards I shall be known as **SANJAY KUMAR JAIN** for all future purposes.

**AFFIDAVIT**
I, Samta Jain, aged about 47 years, W/o-Sanjay Kumar Jain, resident of At-Madhuban, Ward No. 9, PS- Baripada, Town, Dist- Mayurbhanj, Odisha declared by this affidavit No. 2507, dtd-13/12/2025 that now onwards I shall be known as **SAMATA JAIN** for all future purposes.

**PUBLIC NOTICE**
This Notice is hereby given that my client Mrs. Archana Agarwal, D/O Imantaram Agrawalla has lost Original ROR bearing Khata No-2414/3800 & 2414/5965 in favour of Ramotar Agarwal and ROR bearing Khata No-2414/5964 in favour of Pawan Kumar Agarwal, Mouza-Bargarh, Tahsil-Bargarh, Dist-Bargarh, State-Odisha and a FIR (Complaint No-2486701 0072500050) for the same has beed lodged at Sahidnagar Police Station on 12-12-2025. All person/ persons are hereby informed to put their claims or interest of objection about the said above referred documents and/or about the said property or any part thereof, within a period of 15days along with the sufficient evidence from appearance of this notice. If RORs are not found within 15 days, then the certified copy of the document obtained from the registry office will be considered as the original document.
**Samir Kumar Paikaray**
**(Advocate) Bhubaneswar Court**
**Ph: 7008005419**

**AFFIDAVIT**
I, N. Pratyusha, aged about 31 years, D/o- Late Nangira Rambabu, resident of House No. 125/4409, Sitaram Chhak, PO/PS- Jatni, Dist- Khordha, PIN-752050, Odisha declared by this affidavit No. 289, dtd- 09/12/2025 that now onwards I shall be known as **NANGIRA PRATYUSHA** for all future purposes.

**AFFIDAVIT**
I, N.Sarada, aged about 54 years, W/o- Late Nangira Rambabu, resident of House No. 125/4409, Sitaram Chhak, PO/PS- Jatni, Dist- Khordha, PIN-752050, Odisha declared by this affidavit No. 290, dtd- 09/12/2025 that now onwards I shall be known as **NANGIRA SARADA** for all future purposes.

**AFFIDAVIT**
By virtue of an affidavit sworn before the Executive Magistrate, Baripada, vide No. 81 dated 02/09/2025, henceforth I shall be known as Caran Patnaik for all purpose instead of Caran A Patnaik.

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

**AFFIDAVIT**
By virtue of an affidavit before the Notary Public, Titilagarh, on dated: 11/12/2025. I, **Samarath Nag** (applicant name), S/o- Anakar Nag, permanent resident of AT-Pipilibandha, PO- Siker, PS-Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my minor daughter's name from **July Nag** (old name) to **Jolly Nag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Jolly Nag** (new name) for all future purposes.
**Samarath Nag**

**AFFIDAVIT**
By virtue of an affidavit (CF No. 02, dtd- 12/12/2025) sworn before the Executive Magistrate, Padampur. I, **Kaushalya Bhoi,** W/o-Bhojaraj Budek, permanent resident of AT- Buromunda, PO- Gaisilat, Dist- Bargarh, PIN- 768037, Odisha declare that I have changed my name from **Kaushalya Budek to Kaushalya Bhoi.** Henceforth, I shall be known as **Kaushalya Bhoi** (new name) for all purposes.
**Kaushalya Bhoi**

**OFFICE OF THE PRINCIPAL / SECRETARY**
**GOPINATHPUR SANSKRIT COLLEGE**
**GOPINATHPUR SHASAN, JADUPUR, MARSHAGHAI, KENDRAPARA-754213**
E-Mail: gopinathpursanskritcollege@gmail.com
MOB: 9938848073 / 9938884525
**ADVERTISEMENT**
Online applications through the HIMS Portal are invited from the willing retired persons, whose maximum age is 69 years as on **31.10.2025** for the guest faculty Contractual post of Lect. in Vyakarana, Darshan & Clerk, each one post, through the college mail directly. **Remuneration: Contractual payment fixed by HE Dept., Govt. of Odisha.**
**Sd/- Principal**

**AFFIDAVIT**
By virtue of an affidavit (CF No. 06, dtd- 12/12/2025) sworn before the Executive Magistrate, Padampur. I, **Jharana Bhoi,** W/o- Seklal Bhoi, permanent & current resident of AT- Kandadangar, PO- Bijadhol, Dist- Bargarh, PIN- 768042, Odisha declare that I have changed my minor daughter's name from **Jyosna Bhoi to Jyotshna Bhoi.** Henceforth, she shall be known as **Jyotshna Bhoi** (new name) for all purposes.
**Jharana Bhoi**

**AFFIDAVIT**
By virtue of an affidavit sworn before The Executive Magistrate, Sambalpur on dated- 10/12/2025. I, **Kunal Panigrahi,** S/o- Muralidhar Panigrahi, resident of AT: Madhupur, PO: Tileimal, PS: Laikera, Dist: Jharsuguda, Odisha, PIN- 768221 declare that I have changed my name from **Likun Panigrahi to Kunal Panigrahi.** Henceforth, I shall be known as **Kunal Panigrahi** (new name), S/o Muralidhar Panigrahi for all purposes.
**Kunal Panigrahi**

## ବିଶୁଦ୍ଧ ପାନୀୟଜଳରୁ ବଞ୍ଚିତ ଗ୍ରାମବାସୀ

# ଦୂଷିତ ପାଣି ପିଇ ହଇଜା ବ୍ୟାପିବା ସମ୍ଭାବନା

ରାଇରଙ୍ଗପୁର, ୧୩।୧୨(ସମିସ): ଆଦିବାସୀ ବହୁଳ ବାମନଘାଟି ଉପଖଣ୍ଡର ଗ୍ରାମବାସୀ ପାନୀୟଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହୋଇରହିଛନ୍ତି। ଗ୍ରାମାଞ୍ଚଳର ବିକାଶ ନେଇ ସରକାର ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ନେଇ ଘୋଷଣା କରୁଥିବାବେଳେ କିନ୍ତୁ ଗ୍ରାଉଣ୍ଡରେ ବିକାଶର ନଗ୍ନଚିତ୍ର ଦେଖିବାକୁ ମିଳିଛି।

■ ଅଭିଯୋଗ ସତ୍ତ୍ୱେ ହେଉନି ସମାଧାନ
■ ୧୦ ଦିନ ଧରି ପାଣି ପାଇଁ ଲୋକେ ହନ୍ତସନ୍ତ



ବିଶୁଦ୍ଧ ପାନୀୟଜଳ ନ ପାଇ ଗ୍ରାମବାସୀ ଦୂଷିତ ପାଣି ପିଉଛନ୍ତି। ଫଳରେ ଲୋକେ ହଇଜା ରୋଗରେ ଆକ୍ରାନ୍ତ ହେବା ସହ ହଇଜା ବ୍ୟାପିବାର ସମ୍ଭାବନା ରହିଛି। ବିଜାତଳା ବ୍ଲକ ଅନ୍ତର୍ଗତ ମଡେଇକଚା ପଞ୍ଚାୟତର ଖେଜୁରୀ ଗ୍ରାମରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ଦୀର୍ଘ ୧୦ ଦିନରୁ ଊର୍ଦ୍ଧ୍ୱ ହେବ ପାନୀୟଜଳ ନ ପାଇ ଲୋକେ ହନ୍ତସନ୍ତ ହେଉଛନ୍ତି।

ସରକାରୀ ଦୃଷ୍ଟି ଆଢୁଆଳରେ ଥିବା ଉକ୍ତ ଗ୍ରାମର ୫୫ ଜଣ ପରିବାର ବସବାସ କରୁଛନ୍ତି। ଚାଷୀ ଓ ଦିନମଜୁରିଆ ଶ୍ରେଣୀର ଲୋକେ ଥିବାବେଳେ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନୁହେଁ। ଲୋକଙ୍କ ପାଇଁ ଗ୍ରାମରେ ୨ଟି ନଳକୂଅ ରହିଛି। କିନ୍ତୁ ସେଥିରୁ ଗୋଳିଆ ପାଣି ନିର୍ଗତ ହେଉଛି। ଗ୍ରାମ୍ୟ ପରିମଳ ଓ ଜଳଯୋଗାଣ ବିଭାଗ ପକ୍ଷରୁ ବସୁଧା ଯୋଜନାରେ ପାଣି ଟାଙ୍କି ରହିଛି। କିନ୍ତୁ ୧୦ ଦିନରୁ ଊର୍ଦ୍ଧ୍ୱ ହେବ ମୋଟର ଅଚଳ ପାଇଁ ଲୋକେ ପାଣି ଟୋପାଏ ପାଇଁ ହନ୍ତସନ୍ତ ହେଉଛନ୍ତି। ଶୀତଦିନ ବୋଲି ଲୋକେ ବର୍ତ୍ତିଯାଉଥିବାବେଳେ ଗ୍ରୀଷ୍ମଦିନ ହେଲେ ଅବସ୍ଥା ଆହୁରି ଜଟିଳ ହୋଇଥା'ନ୍ତା। ଗ୍ରାମବାସୀ ପାଣି ପାଇଁ ଗାଁ ମୁଣ୍ଡରେ ଥିବା କୂଅ ଉପରେ ନିର୍ଭରଶୀଳ ଥିବାବେଳେ ସେଥିରୁ ମଧ୍ୟ ଦୂଷିତ ପାଣି ବାହାରୁଛି। ଯାହାକି ବ୍ୟବହାର ଅନୁପଯୋଗୀ ଅଟେ। ଲୋକେ ବାଧ୍ୟ ହୋଇ ତାହାକୁ ବ୍ୟବହାର କରୁଥିବାବେଳେ ରୋଗଗ୍ରସ୍ତ ହେବା ସମ୍ଭାବନା ରହିଛି। ଏ ନେଇ ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ବିଧାୟକ ଓ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବି କୋଣସି ସୁଫଳ ମିଳିନାହିଁ। ସମସ୍ୟାର ସମାଧାନ ହେଉ ନ ଥିବାରୁ ଲୋକେ ପାଣି ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର ଛୋଟ ଛୋଟ ପିଲା ସମେତ ବୃଦ୍ଧବୃଦ୍ଧା ଦୂଷିତ ପାଣି ପିଇବା ଦ୍ୱାରା ହାଇଜ ଭଳି ମାରାତ୍ମକ ରୋଗଗ୍ରସ୍ତ ହେବା ସମ୍ଭାବନା ରହିଛି। ପୂର୍ବରୁ ପ୍ରଶାସନ ପଦକ୍ଷେପ ଗ୍ରହଣ କରି ସମସ୍ୟାର ସମାଧାନ କରିବାର ନିହାତି ଆବଶ୍ୟକ ଅଟେ। ନଚେତ ଆଗକୁ ସମସ୍ୟା ଜଟିଳ ହେବାର ସମ୍ଭାବନା ରହିଛି।

● ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା

## ତିନୋଟି ବିଭାଗରେ ୧୮୭ ପ୍ରତିଯୋଗୀ ସାମିଲ




ମୋରଡା, ୧୩।୧୨(ସମିସ): ମୋରଡା ବ୍ଲକ ଅଧୀନ ଚିତ୍ରଡା ଜବହାର ସରକାରୀ ଉଚ୍ଚବିଦ୍ୟାଳୟରେ ଶୁକ୍ରବାର ମଣ୍ଡଳସ୍ତରୀୟ ଆବିଷ୍କାର ଅଭିଯାନ ପରିପ୍ରେକ୍ଷୀରେ ବ୍ଲକସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୋରଡା ବିଇଓ ବିଜୟ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ସବଜୁନିୟରରେ ୭୫ ଜଣ, ଜୁନିୟରରେ ୪୮ ଜଣ ଓ ସିନିୟର ବିଭାଗରେ ୬୪ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। କୁଇଜ ପ୍ରତିଯୋଗିତାର ଖାତା ଦେଖିବା ନିମନ୍ତେ ୧୫ ଜଣ ନିଯୁକ୍ତ ହୋଇଥିବାବେଳେ ମୁଖ୍ୟ ନିରୀକ୍ଷକ ଭାବେ ରତିକାନ୍ତ ସାହୁ ଦାୟିତ୍ୱରେ ଥିଲେ। ସବଜୁନିୟର ବିଭାଗରେ ରଶ୍ମିରଞ୍ଜନ ନନ୍ଦୀ, ଜୁନିୟର ବିଭାଗରେ ଲକ୍ଷ୍ମୀପ୍ରିୟା ପାତ୍ର, ସିନିୟର ବିଭାଗରେ ମାଧବୀ ମହାନ୍ତ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସମସ୍ତ ବିଭାଗର ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସିଆରସିସି, ଶିକ୍ଷୟିତ୍ରୀ, ଶିକ୍ଷକ ଓ ବିଇଓ କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।

## ଜିଲ୍ଲା ସାମ୍ବାଦିକ ସଂଘ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ବେତନଟୀ, ୧୩।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ପ୍ରତିଷ୍ଠାତା ତଥା ଦିବଂଗତ ବରିଷ୍ଠ ସାମ୍ବାଦିକ ବାବୁଲାଲ ଅଗ୍ରୱାଲାଙ୍କ ୨୮ ତମ ଶ୍ରାଦ୍ଧବାର୍ଷିକୀ ବେତନଟୀ ବଣିକ ସଂଘ ପରିସରରେ ବେତନଟୀର ବରିଷ୍ଠ ସାମ୍ବାଦିକ ହରିଶ ନନ୍ଦଗୋସ୍ୱାମୀଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ବେତନଟୀ ପ୍ରେସ କ୍ଲବ୍, ବେତନଟୀ ସିଭିଲ ସୋସାଇଟି, ବେତନଟୀ ସିଟିଜେନ ଫୋରମ, ବେତନଟୀ ବ୍ଲକ ମାନବଧିକାର ମିଶନ ସମେତ ମୟୂର ସାହିତ୍ୟ ସଂସଦ ବେତନଟୀ ଅବସରପ୍ରାପ୍ତ କର୍ମଚାରୀ ସଂଘର ସୌଜନ୍ୟରେ ଏହା ପାଳିତ ହେବା ସହିତ ବହୁ ବରିଷ୍ଠ ବ୍ୟକ୍ତିବିଶେଷ ଯୋଗଦେଇ ସ୍ୱର୍ଗତ ଅଗ୍ରୱାଲାଙ୍କ ସ୍ମୃତିଚାରଣ କରିଥିଲେ। ତାଙ୍କର ସମାଜ ସେବା ପ୍ରତି ଥିବା ଅବଦାନ ଅନନ୍ୟ ଥିଲା ବୋଲି ଆଲୋକପାତ କରିଥିଲେ। ଏହି ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତିଚାରଣ ସଭାରେ ସିଭିଲ ସୋସାଇଟିର ସାଧାରଣ ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି, କବି ସଙ୍ଗମର ଅଧ୍ୟକ୍ଷ ବାସୁଦେବ ନାପିତ, ମୟୂର ସାହିତ୍ୟ ସଂସଦର ସଭାପତି ଯତୀନ୍ଦ୍ର ସାହୁ, ଜିଲ୍ଲାର ବିଶିଷ୍ଟ ପରିବେଶବିତ ଡକ୍ଟର ରମାକାନ୍ତ ମହାନ୍ତ, ବେତନଟୀ ବଣିକ ସଂଘର ସମ୍ପାଦକ ସୁନୀଲ ଖଣ୍ଡେଲୱାଲ, ବେତନଟୀ ମାରୱାଡି ମଞ୍ଚର ଦିନେଶ ଓଝା, ସିଭିଲ ସୋସାଇଟିର କୋଷାଧ୍ୟକ୍ଷ ହରେନ୍ଦ୍ର ବାରିକ, ସଦସ୍ୟ ରାମଚନ୍ଦ୍ର ପଣ୍ଡା, ସହଦେବ ଗିରି, ରବୀନ୍ଦ୍ର ଖଟୁଆ, ସାମ୍ବାଦିକ ସଂଘ ସଭାପତି ରାଜେଶ ଖଣ୍ଡେଲୱାଲ ପ୍ରମୁଖ ଯୋଗଦେବା ସହ ରବୀନ୍ଦ୍ର ନାଥ ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## କେଶଡିହା ଆଶ୍ରମ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ମହୁଲଡିହା, ୧୩।୧୨(ସମିସ): ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପରିଚାଳିତ କେଶଡିହା ସରକାରୀ ଉଚ୍ଚବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଲୋକ ମାଝୀ, ଠାକୁରମୁଣ୍ଡା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାଜେଶ ଦାସ, ନୋଡାଲ ଖେଳ ଶିକ୍ଷକ ମହେଶ୍ୱର ମହାନ୍ତ, ପ୍ରଧାନଶିକ୍ଷକ ଶିବ ସ୍ୱରୁପ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ଶିବ ସ୍ୱରୁପ ଦଳେଇ ସଭାପତିତ୍ୱ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବଣିଆବସା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଦିବ୍ୟରଞ୍ଜନ ସିଂ ଯୋଗଦେଇ ସୁସ୍ଥ ମାନସିକତା ଓ ସୁସ୍ଥ ରହିବାକୁ ହେଲେ ଖେଳର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, ଭଲିବଲ, ଫୁଟବଲ, ଖୋଖୋ ଆଦି ଖେଳରେ ଛାତ୍ରଛାତ୍ରୀ ଭାଗ ନେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ଜାମଦା ଥାନା ନୂଆ ଅଧିକାରୀଙ୍କ ଯୋଗଦାନ

ରାଇରଙ୍ଗପୁର, ୧୩।୧୨(ସମିସ): ରାଜେଶ କୁମାର ସେଠୀ ଜାମଦା ଥାନାର ନୂତନ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ସେଠୀ ପୂର୍ବରୁ ଝାରପୋଖରିଆ ଥାନାରେ କାର୍ଯ୍ୟରତ ଥିଲେ। ଆଦିବାସୀ ବହୁଳ ଜାମଦା ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତିକୁ ବଜାୟ ରଖିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ସେ ପୂର୍ବରୁ ଦାୟିତ୍ୱରେ ଥିବା ଅଧିକାରୀଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଥାନା ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ରୋକିବାକୁ ଗୁରୁତ୍ୱ ଦେବାକୁ କର୍ମଚାରୀଙ୍କୁ କହିଛନ୍ତି।

## ଭୀମକୁଣ୍ଡରେ ମାନବ ଅଧିକାର ଦିବସ

ମହୁଲଡିହା, ୧୩।୧୨(ସମିସ): ଜାତୀୟ ମାନବ ଅଧିକାର ସାମ୍ମୁଖ୍ୟ ସଂଗଠନ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅଞ୍ଚଳର ମନଲୋଭାପୂର୍ଣ୍ଣ ସବୁଜ ବଳୟର ଜଙ୍ଗଲ ପରିବେଶ ମଧ୍ୟରେ ଥିବା ପର୍ଯ୍ୟଟନ ସ୍ଥଳୀ ଭୀମକୁଣ୍ଡରେ ବିଶ୍ୱ ମାନବ ଅଧିକାର ଦିବସ ପାଳନ ଓ ବଣଭୋଜି ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଠାକୁରମୁଣ୍ଡା ବନ ବିଭାଗର ଫରେଷ୍ଟର ପ୍ରଦୀପ ହାଇବ୍ରୁ, ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ, ଯୋଗଗୁରୁ ସ୍ୱାମୀ ଚିଦାନନ୍ଦ ଜୀ ମହାରାଜ, ସଂଗଠନର ଅଧ୍ୟକ୍ଷ ରମେଶ ଭାରତୀ, ରାଷ୍ଟ୍ରୀୟ ଉପସଭାପତି ତପନ ପତି, ସୋନପୁର ଜିଲ୍ଲା କଳାପଥର ସତ୍ୟବାଦୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଡଃ ସରସ୍ୱତୀ ଦାସ, କରଞ୍ଜିଆର ବରିଷ୍ଠ ଆଇନଜୀବୀ ସୁବ୍ରତ ମହାନ୍ତି, ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟକାରୀ ସଭାପତିଙ୍କ ପ୍ରଦୀପ ମହାନ୍ତ, ସୋନପୁର ଜିଲ୍ଲା ସଭାପତି ଦୁଖିରାମ ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ୧୯୪୮ ଡିସେମ୍ବର ୧୦ ତାରିଖ ଦିନ ମିଳିତ ଜାତିସଂଘର ସାଧାରଣ ସଭାରେ ଗ୍ରହଣ କରାଯାଇଥିବା ଆନ୍ତର୍ଜାତିକ ଘୋଷଣାନାମା ଅନୁସାରେ ମାନବ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଓ ଏହାର ପ୍ରଚାର ପ୍ରସାର ପାଇଁ ପ୍ରତ୍ୟେକ ବର୍ଷ ଡିସେମ୍ବର ୧୦ ତାରିଖକୁ ବିଶ୍ୱ ମାନବଅଧିକାର ଦିବସ ରୂପେ ପାଳନ କରାଯାଏ। ଏ ଅବସରରେ ଆମ ସଂଗଠନ ପକ୍ଷରୁ ମଧ୍ୟ ବହୁ କର୍ମୀଙ୍କ ଉପସ୍ଥିତିରେ ଏହା ପାଳିତ ହୋଇଥିଲା। ଯାଜପୁର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତୁ ବେହେରା ମଞ୍ଚ ସଞ୍ଚାଳନ କରିଥିବାବେଳେ ବୌଦ୍ଧ ଜିଲ୍ଲା ସଭାପତି ପ୍ରଶାନ୍ତ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। ଶୁକ୍ଳିର ସମାଜସେବୀ ତଥା ରାଜ୍ୟ ସଂଯୋଜକ ଦୀନକୃଷ୍ଣ ସାହୁ ଓ ଠାକୁରମୁଣ୍ଡା ବ୍ଲକ ସଭାପତି ତଥା ଅବସରପ୍ରାପ୍ତ ସୈନିକ ପଦ୍ମଲୋଚନ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



## ନୂଆସାହି ଡିଗ୍ରୀ କଲେଜରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

କପ୍ତିପଦା, ୧୩।୧୨(ସମିସ): ନୂଆସାହି ଡିଗ୍ରୀ କଲେଜରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ବିବିଧ ପ୍ରତିଭା ନିମନ୍ତେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଧ୍ୟକ୍ଷା ଡଃ ଲିପିକା ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦିନ ୧ଟାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ୩ଟା ପର୍ଯ୍ୟନ୍ତ ନିୟମିତ ଚାଲିଥିଲା। ଛାତ୍ରଛାତ୍ରୀ ପ୍ରବନ୍ଧ ଲିଖନ (ଇଂରାଜୀ ଓ ଓଡ଼ିଆ), ନୃତ୍ୟ, ଗୀତ, ଏକକ ଅଭିନୟ, ତର୍କ ପ୍ରତିଯୋଗିତା, କୁଇଜ, ଦଳଗତ ଆଲୋଚନା, କବିତାଆବୃତ୍ତି, ଝୋଟି ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏହି କାର୍ଯ୍ୟକ୍ରମ ପରିଚଳାନାରେ ସହଯୋଗ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପିକା ରଞ୍ଜିତା ବିଶ୍ୱାଳ, ଓଡ଼ିଆ ବିଭାଗ ଅଧ୍ୟାପକ ଚନ୍ଦ୍ର ମୋହନ ପରିଡ଼ା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ।



## ପିସିପୁର କ୍ଲଷ୍ଟରସ୍ତରୀୟ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ

ବାରିପଦା, ୧୩।୧୨(ସମିସ): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ନଂ ୱାର୍ଡସ୍ଥ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଧନଞ୍ଜୟ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କାଉନସିଲର ନିରୁପମା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷକ ସୌମ୍ୟ ଦାଶ, ବରିଷ୍ଠ ଶିକ୍ଷକ ସୋମନାଥ ସିଂହ, କ୍ଲଷ୍ଟରର ଶିକ୍ଷକଶିକ୍ଷୟିତ୍ରୀ, ପରିଚାଳନା କମିଟିର ସଭ୍ୟସଭ୍ୟା, ଅଭିଭାବକ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ଉପରେ ସିଆରସିସି ଗୁରୁତ୍ୱାରୋପ କରିଥିଲେ। ନିକଟ ଅତୀତରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପକ୍ଷରୁ କରାଯାଇଥିବା ସର୍ଭେ ଅନୁସାରେ ପିସିପୁର କ୍ଲଷ୍ଟର ଅନ୍ତର୍ଗତ ବିଦ୍ୟାଳୟ ବାହାରେ ଥିବା ୧୩ ଜଣଙ୍କ ମଧ୍ୟରୁ ୯ ଜଣଙ୍କ ନାମଲେଖା ସରିଛି ଓ ବାକି ୪ ଜଣଙ୍କୁ ବିଦ୍ୟାଳୟରେ ନାମ ଲେଖାଇବାକୁ ସିଆରସିସି ଶ୍ରୀ ସାହୁ ପରାମର୍ଶ ଦେଇଥିଲେ।



## ଭୋଟ ଚୋର ଗାଦି ଛୋଡ୍ କାର୍ଯ୍ୟକ୍ରମରେ ଯୋଗଦେବାକୁ କଂଗ୍ରେସ କର୍ମୀଙ୍କ ଦିଲ୍ଲୀ ଗସ୍ତ



ବାରିପଦା, ୧୩।୧୨(ସମିସ): ଆସନ୍ତା ୧୪ ତାରିଖରେ ରାମଲୀଳା ପଡ଼ିଆରେ ଅଖିଳ ଭାରତ ଜାତୀୟ କଂଗ୍ରେସ ପକ୍ଷରୁ ଭୋଟ ଚୋର ଗାଦି ଛୋଡ କାର୍ଯ୍ୟକ୍ରମ ସହିତ ବିଶାଳ ଜନସଭା ଅନୁଷ୍ଠିତ ହେବାକୁ ଯାଉଛି। ଏହି ବିଶାଳ ରାଲି ଓ ଜନସଭାରେ ଯୋଗ ଦେବାକୁ ଦେଶର ପ୍ରତି କୋଣ ଅନୁକୋଣରୁ ଦିଲ୍ଲୀ ଗସ୍ତ କରୁଛନ୍ତି କଂଗ୍ରେସ ନେତା ଓ କର୍ମୀ। ଏ ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି(ପୂର୍ବ ସାଙ୍ଗଠନିକ ଜିଲ୍ଲା) ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ନେତା ଓ କର୍ମୀ ଯୋଗ ଦେବା ପାଇଁ ଦିଲ୍ଲୀ ଗସ୍ତ କରିଛନ୍ତି। ଏହି ଦିଲ୍ଲୀ ଗସ୍ତ ନେଇ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ପ୍ରକାଶ କରିଛନ୍ତି ଯେ ଦିଲ୍ଲୀରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଓ ସଂସଦ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହେଉଥିବା ଜନସଭାରେ ଯୋଗ ଦେବାକୁ ପିସିସି ସଭାପତି ଭକ୍ତ ଦାସଙ୍କ ନିର୍ଦ୍ଦେଶରେ ଜିଲ୍ଲାରୁ ଶତାଧିକ କଂଗ୍ରେସ କର୍ମୀ ଓ ନେତା ଦିଲ୍ଲୀ ଗସ୍ତ କରିଛନ୍ତି।

## ଚାନ୍ଦୁଆ ସରସ୍ୱତୀ ବିଦ୍ୟାଳୟରେ ବଣଭୋଜି



କୁଳିଅଣା, ୧୩।୧୨(ସମିସ): କୁଳିଅଣା ବ୍ଲକ ଚାନ୍ଦୁଆସ୍ଥ ସରସ୍ୱତୀ ଶିଶୁମନ୍ଦିରର ଛାତ୍ରଛାତ୍ରୀଙ୍କ ବଣ ଭୋଜି ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଗୁରୁଜୀ ଅଭିରାମ ସିଂଙ୍କ ନେତୃତ୍ୱରେ ବିରିଡିହି ଜଙ୍ଗଲ ପଡ଼ିଆରେ ବଣଭୋଜି ଆୟୋଜିତ ହୋଇଥିଲା। ଏଥିରେ ଗୁରୁଜୀଗୁରୁମା ବାସନ୍ତୀ ପାଲ, ଶାନ୍ତିଲତା ମୁର୍ମୁ, ପ୍ରତିମା ମହାନ୍ତି, ରାଖାଲ ସିଂ, ଅମରେନ୍ଦ୍ର ନାୟକ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉପସ୍ଥିତ ଥିଲେ।

## ରବିଚାଷ ପାଇଁ ସୁନେଇ ପ୍ରକଳ୍ପ କମିଟିର ବୈଠକ



ଉଦଳା, ୧୩।୧୨(ସମିସ): ୨୦୨୫-୨୬ ରବିଚାଷ ନିମନ୍ତେ ଆଜି ସୁନେଇ ଉପବିଭାଜନ ଅଫିସ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ବର୍ଷ ରବିଚାଷ ପୂର୍ବରୁ ଏହି ବୈଠକ ଅନୁଷ୍ଠିତ ହୋଇଥିବାବେଳେ ସୁନେଇ କେନାଲ ମାଧ୍ୟମରେ ଜଳର ସୁବଣ୍ଟନ ଓ ରବିଚାଷର ଖସଡ଼ା ପ୍ରସ୍ତୁତି କରିବାରେ ସୁଚିନ୍ତିତ ମତାମତ ଦେଇ ଚାଷୀଙ୍କ ବିକାଶ ଦିଗରେ ବୈଠକରେ ଆଲୋକପାତ ହୋଇଥିଲା। ରବିଚାଷ ନିମନ୍ତେ ଚାଷୀ କେମିତି ତା'ର ସୁଫଳ ପାଇବା ସଙ୍ଗେ ସଙ୍ଗେ କୃଷି ବିଭାଗ, ଉଦ୍ୟାନ ବିଭାଗ ଓ ଲ୍ୟାମ୍ପ ଦ୍ୱାରା ସରକାରୀ ସହାୟତା ପାଇଁ ଏହି ବୈଠକରେ ଆଲୋଚନା ହୋଇଥିଲା। ସୁନେଇ ପ୍ରକଳ୍ପ କମିଟି ସଭାପତି ହେମନ୍ତ ବେହେରା ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢେଇ ଯୋଗଦେଇ କାର୍ଯ୍ୟକ୍ରମରେ ସାମିଲ ସମସ୍ତ ପାଣିପଞ୍ଚାୟତର ମେମ୍ବରଙ୍କୁ ଧନ୍ୟବାଦ ଦେବା ସହ ଆଗାମୀ ଦିନରେ ଚାଷୀଙ୍କ ବିକାଶ ଦିଗରେ ପାଣି ପଞ୍ଚାୟତ ଓ ସୁନେଇ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ସଫଳ ରୂପେ ସମ୍ପାଦନ କରିବ ବୋଲି କହିଥିଲେ। ସୁନେଇ ଜଳସେଚନ ପ୍ରକଳ୍ପର ନିର୍ବାହୀ ଯନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିବାବେଳେ ପ୍ରକଳ୍ପ କମିଟି ସମ୍ପାଦକ ବିରଞ୍ଚି ନାରାୟଣ ପାତ୍ର ଧନ୍ୟବାଦ ଦେଇଥିଲେ।

## ସିଭିଲ ସର୍ଭିସ ଆଶାୟୀଙ୍କ ପାଇଁ କୋଚିଂ

ବାରିପଦା, ୧୩।୧୨(ସମିସ): ଖୁବ୍‌ଶୀଘ୍ର ପୂରଣ ହେବାକୁ ଯାଉଛି ଆଦିବାସୀ ପିଲାଙ୍କ ଆଇଏଏସ /ଓଏଏସ ହେବାର ସ୍ୱପ୍ନ। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଅଭିନବ ପ୍ରୟାସ ଆସ୍ୱାୟର ଯୋଜନା ମାଧ୍ୟମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ବାରିପଦା ପକ୍ଷରୁ ମାଗଣା କୋଚିଂ ପାଠ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଏଠାରେ ପଞ୍ଜିକୃତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଭାରତୀୟ ପ୍ରଶାସନିକ/ଓଡ଼ିଶା ପ୍ରଶାସନିକ ପରୀକ୍ଷାରେ ସଫଳ ହେବାକୁ ଭୁବନେଶ୍ୱରସ୍ଥ ସିଭିଲ ସର୍ଭିସ କୋଚିଂ ଅନୁଷ୍ଠାନ ଶୁଭ୍ରାରଞ୍ଜନ ଆଇଏଏସ ଇନଷ୍ଟିଚ୍ୟୁଟ ଦ୍ୱାରା ଶିକ୍ଷାଦାନ କରାଯିବ। ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଡିଗ୍ରୀ ହାସଲ କରିଥିବା ଆଶାୟୀ ଛାତ୍ରଛାତ୍ରୀ ଏଥିରେ ଭାଗ ନେଇପାରିବେ। ସମସ୍ତ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତମ ରୂପେ ପ୍ରଶିକ୍ଷଣ ଦିଆଯାଇ ଆବଶ୍ୟକ ପାଠ୍ୟପୁସ୍ତକ ପ୍ରଦାନ କରାଯିବ। ଏଥିପାଇଁ ଇଚ୍ଛୁକ ଛାତ୍ରଛାତ୍ରୀଙ୍କୁ ଆଇଟିଡିଏ ବାରିପଦା କାର୍ଯ୍ୟାଳୟକୁ ଆସି ଫର୍ମ ଦାଖଲ କରିପାରିବେ। ଏ ସମ୍ବନ୍ଧୀୟ ଅଧିକ ସୂଚନା ପାଇଁ ୯୮୬୧୧ ୬୦୫୦୧, ୯୯୩୭୦ ୬୫୫୯୬, ୯୮୫୩୩ ୦୦୦୪୧, ୬୩୭୦୪ ୯୧୮୫୯, ୭୮୭୮୭ ୭୨୩୩୬ରେ ଆଇଟିଡିଏ ବାରିପଦା କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରିବେ। ସମସ୍ତ ଛାତ୍ରଛାତ୍ରୀଙ୍କୁ ଉପରୋକ୍ତ କାର୍ଯ୍ୟାଳୟକୁ ଆସି ଅବିଳମ୍ବେ ଫର୍ମ ଦାଖଲ କରିବାକୁ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ସୂଚନା ଜାରି କରାଯାଇଛି।

## ରାଇରଙ୍ଗପୁରରେ ସିସିଟିଭି ଲାଗିବା ନେଇ ଯାଞ୍ଚ ପ୍ରକ୍ରିୟା ଆରମ୍ଭ

'ସକାଳ' ପ୍ରଭାବ


ରାଇରଙ୍ଗପୁର, ୧୩।୧୨(ସମିସ): ମୟୂରଭଞ୍ଜ ଜିଲ୍ଲାର ପ୍ରମୁଖ ସହର ରାଇରଙ୍ଗପୁର ଦିନକୁ ଦିନ ସମ୍ପ୍ରସାରିତ ହେବାକୁ ଲାଗିଥିବାବେଳେ ଜନସଂଖ୍ୟା ବୃଦ୍ଧି ପାଉଛି। ସେହି ତାଳରେ ଅପରାଧିକ କାର୍ଯ୍ୟକଳାପ ମଧ୍ୟ ବଢ଼ିବାରେ ଲାଗିଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଅପରାଧୀଙ୍କ ଗତିବିଧିକୁ ଦୃଷ୍ଟିରେ ରଖିବାକୁ ରାଇରଙ୍ଗପୁରରେ ସିସି ଟିଭି ଲଗାଇବା ନିହାତି ଆବଶ୍ୟକତା ରହିଛି। ଏ ନେଇ 'ସକାଳ' ଦୈନିକ ଖବରକାଗଜରେ ଗତ ନଭେମ୍ବର ୨୩ ତାରିଖରେ ଖବର ପ୍ରକାଶ ପାଇଥିଲା। ଯାହାକୁ ନେଇ ସହରରେ ସିସିଟିଭି ଲାଗିବା ନେଇ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ଖବର ପ୍ରକାଶ ପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ରାଇରଙ୍ଗପୁର ପୌରପାଳିକାକୁ ସୂଚିତ କରାଯାଇଥିଲା। ଯାହାକୁ ନେଇ ସିସିଟିଭି ସ୍ଥାପନା ନେଇ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ବାମନଘାଟୀ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କ ଦ୍ୱାରା କମିଟି ଗଠନ କରାଯାଇ ବିଭିନ୍ନ ସ୍ଥାନରେ ସିସିଟିଭି ସ୍ଥାପନ କରିବା ନେଇ ଯାଞ୍ଚ ହେଉଛି। ଖୁବଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ସିସିଟିଭି ସ୍ଥାପନ ଦ୍ୱାରା ଅପରାଧିକ କାର୍ଯ୍ୟକଳାପ ଗତିବିଧି ଜଗିବ। ସିସିଟିଭି କଣ୍ଟ୍ରୋଲ ରୁମ ଜରିଆରେ ପୁଲିସ ସମସ୍ତ ଗତିବିଧି ଉପରେ କଡ଼ା ନଜର ଦୃଷ୍ଟି ରଖିବାରେ ବେଶ ସହାୟକ ହେବ।



ସକାଳ THE SAKALA
Mayurbhanj - 23 Nov 2025 - Page 8
ସମ୍ପ୍ରସାରିତ ହେଉଛି ରାଇରଙ୍ଗପୁର ସହର
ଅପରାଧିକ ଗତିବିଧି ପାଇଁ ସିସିଟିଭି ଜରୁରୀ
[illegible]

## ବଡ଼ଦିନ ଓ ନୂଆବର୍ଷ ପାଇଁ ଚଳଚଞ୍ଚଳ ବାହିଆ ଡ୍ୟାମ୍

# ନୀଳ ଜଳରାଶି କୂଳରେ ଜମୁଛି ଭୋଜି







ଆନନ୍ଦପୁର, ୧୩।୧୨(ସମିସ):

ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଥିବା ଜଳପ୍ରପାତ ଝରଣା ଓ ଜଳସେଚନ ବିଭାଗ ଡ୍ୟାମର ନୀଳ ଜଳରାଶି ଆଗନ୍ତୁକଙ୍କୁ ବିମୋହିତ କରିଛି। ଶୀତ ବଢ଼ିବା ସହ ପର୍ଯ୍ୟଟନସ୍ଥଳରେ ଲୋକଙ୍କ ଭିଡ଼ ଜମୁଛି। ଆନନ୍ଦପୁର ସହର ନିକଟରେ ଥିବା ବାହିଆ ଡ୍ୟାମ୍ ଏବେ ଲୋକଙ୍କ ଆକର୍ଷଣର କେନ୍ଦ୍ର ପାଲଟିଛି। ଆନନ୍ଦପୁର ବ୍ଲକ୍ ତରତରା ପଞ୍ଚାୟତ ହଦଗଡ଼ ହସ୍ତୀ ଅଭୟାରଣ୍ୟକୁ ଲାଗି ରହିଥିବା ବାହିଆ ଡ୍ୟାମ୍‌ରେ ବଣଭୋଜି କରିବାକୁ ପ୍ରବଳ ଭିଡ଼ ହେଉଛି। ଆନନ୍ଦପୁରରୁ ଭଦ୍ରକ ଆଡ଼କୁ ଗଲେ ତରତରା ଛକ ମାତ୍ର ୬କିମି ଦୂରରେ ରହିଛି। ଏଠାରୁ ଛଅ କିଲୋମିଟର ପରେ ଜଙ୍ଗଲ ମଧ୍ୟରେ ରହିଛି ବାହିଆ ଡ୍ୟାମ୍ ହାଟଡିହିରୁ ଆସିଲେ ଚୋରଗଡ଼ିଆ ଛକରୁ ଚାରିକିମି ଦୂରରେ ଏହି ସ୍ଥାନରେ ସହଜରେ ପହଞ୍ଚି ହେବ। ୧୯୮୩-୮୪ରେ ବଉଳା ପାହାଡ଼ରୁ ଝରି ଆସିଥିବା ଝରଣା ପାଣିକୁ ଅଟକାଇ ଜଳସେଚନ ଉଦ୍ଦେଶ୍ୟରେ ବାହିଆ ଜଳଭଣ୍ଡାର ନିର୍ମାଣ କରାଯାଇଥିଲା। ସେତେବେଳେ ଆନନ୍ଦପୁର କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ୨୨ଲକ୍ଷ ଟଙ୍କା ବ୍ୟୟରେ ଏହାର ନିର୍ମାଣ କରାଯାଇଥିଲା। ଏହାର ପାଣି ଦ୍ୱାରା ତରତରା ପଞ୍ଚାୟତର ତରତରା, ମାଠିଆନାଣ୍ଡି, ଖମାରନାଣ୍ଡି, ବାହିଆ-ବାରଦଣ୍ଡା, ହାଟଡିହି ବ୍ଲକ୍‌ର ଚୋରଗଡ଼ିଆ, ଭାତକରୁଆ, ଶାସଙ୍ଗ ଅଞ୍ଚଳର ଜମି ଜଳସେଚିତ ହେଉଛି। ଗତବର୍ଷ ଆନନ୍ଦପୁର କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ୧କୋଟି ଟଙ୍କା ବିନିମୟରେ ଡ୍ୟାମର ବିକାଶ କରାଯିବା ସହ ସିମେଣ୍ଟ ବେଞ୍ଚ ଓ ପିଣ୍ଡି ନିର୍ମାଣ କରାଯାଇଛି। ପର୍ଯ୍ୟଟକଙ୍କ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଆନନ୍ଦପୁର କ୍ଷୁଦ୍ର ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅଶୋକ ସେଠୀ କହିଛନ୍ତି। ଏବେ ପ୍ରାକୃତିକ ପରିବେଶରେ ବଣଭୋଜି କରିବାକୁ ପ୍ରବଳ ଜନସମାଗମ ହେଉଛି।

ଏହାର ମନଲୋଭା ପରିବେଶ, ନୀଳ ଜଳରାଶି ଆଗନ୍ତୁକଙ୍କୁ ଆକୃଷ୍ଟ କରୁଛି। ପ୍ରତିଦିନ ସ୍ଥାନୀୟ ଅଞ୍ଚଳର ଯୁବକ ଓ ୟୁଟ୍ୟୁବରଙ୍କ ଭିଡ଼ ଜମୁଛି ବୋଲି ବାହିଆ ଗ୍ରାମର ଚରଣ ହୋ କହିଛନ୍ତି। ଏଠାକାର ପରିବେଶ ଶାନ୍ତ ହୋଇଥିବାରୁ ପର୍ଯ୍ୟଟକମାନେ ପ୍ରତିବର୍ଷ ଭୋଜି କରିବାକୁ ଆସୁଛନ୍ତି। ବଡ଼ଦିନ ଓ ନୂଆବର୍ଷ ଦିନ ଏଠାରେ ପ୍ରବଳ ଜନସମାଗମ ହୋଇଥାଏ। ଏଠାରେ ଭୋଜିଭାତ କରିବାକୁ ଆବଶ୍ୟକ ପିଣ୍ଡି ନଥିବାରୁ ଲୋକମାନେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏଠାକୁ ଆସିବା ପାଇଁ ସବୁଦିନିଆ ଭଲ ରାସ୍ତା ନିର୍ମାଣର ଆବଶ୍ୟକତା ରହିଛି। ଏଠାରେ ପର୍ଯ୍ୟଟକମାନଙ୍କ ପାଇଁ ପାନୀୟଜଳ ଓ ବୋଟିଂ ବ୍ୟବସ୍ଥା କରାଗଲେ ଆକର୍ଷଣ ଆହୁରି ବୃଦ୍ଧି ପାଆନ୍ତା ବୋଲି ତରଭା ଗ୍ରାମର ତୁଷାର ପଣ୍ଡା କହିଛନ୍ତି। ଆସନ୍ତା ବଡ଼ଦିନ ଓ ନୂଆବର୍ଷରେ ଏଠାରେ ପ୍ରବଳ ସମାଗମ ହେବ ବୋଲି ସ୍ଥାନୀୟ ଲୋକ କହିଛନ୍ତି।

## ଚାରିଗଡ଼ ମହାବିଦ୍ୟାଳୟର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ତେଲକୋଇ, ୧୩।୧୨(ସମିସ): ଚାରିଗଡ ମହାବିଦ୍ୟାଳୟର ୩୮ତମ ବାର୍ଷିକ କ୍ରୀଡ଼ାଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। +୨ ବାଳକ/ବାଳିକା ଓ +୩ ବାଳକ/ବାଳିକାଙ୍କ ପାଇଁ ସର୍ବମୋଟ ୩୬ଟି ପ୍ରତିଯୋଗିତା କରାଯାଇଥିଲା। +୨ ସ୍ତରରେ ସୁଶ୍ରୀ ସୁପ୍ରିୟା ହୋ ଏବଂ +୩ ସ୍ତରରେ ରାମସିଂହ ସିଙ୍କୁ ଚାମ୍ପିଅନ ଘୋଷଣା କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ତପନ କୁମାର ପଣ୍ଡା ସଫଳ କ୍ରୀଡାବିତ୍‌ଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ବିତରଣ କରିଥିଲେ। ପରେ କ୍ରୀଡ଼ାଜ୍ୟୋତି ନିର୍ବାପନ ସହ ଆଗାମୀ ବର୍ଷରେ ଏପରି କ୍ରୀଡ଼ୋତ୍ସବର ଆୟୋଜନ ପ୍ରତିଶ୍ରୁତି ପୂର୍ବକ କ୍ରୀଡ଼ାଧ୍ୱଜର ଅବତରଣ କରାଯାଇଥିଲା। ଚଳିତ ବର୍ଷ ଦୃଷ୍ଟିଗୋଚର ହୋଇଥିବା ଅଭାବ ଅସୁବିଧା ନିରାକରଣ ନିମନ୍ତେ ଯଥାସାଧ୍ୟ ଉଦ୍ୟମ କରିବାକୁ ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଥିଲେ। କ୍ରୀଡାସଂସଦ ଅଧିକାରୀ ଅଧ୍ୟାପିକା ବବିତା ରାଉଳ, ଅଧ୍ୟାପକ ଟୁନାରାମ ମହାନ୍ତ, ଅଧ୍ୟାପକ ସଞ୍ଜୟ ଦେହୁରୀଙ୍କ ସପ୍ତାହବ୍ୟାପୀ ଅକ୍ଳାନ୍ତ ଉଦ୍ୟମ ତଥା ମଧୁପନନ୍ଦ, ଜ୍ଞାନରଞ୍ଜନ, ବର୍ଷାରାଣୀ, ଆଶିଷ ଏବଂ ଅର୍ଜୁନ ପ୍ରମୁଖ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ସହଯୋଗ ବଳରେ ଏହି କ୍ରୀଡ଼ା ନିର୍ବିଘ୍ନରେ ପରିଚାଳିତ ହୋଇଥିଲା। ଡ ନିତ୍ୟାନନ୍ଦ କର, ସନ୍ଦିପ ସିଂ, ଯୋଗେଶ ବେହେରା, ସୁରେଶ ସାହୁ ତଥା କର୍ମଚାରୀ ବିପିନ ବିହାରୀ ସାହୁ ସହଯୋଗ କରିଥିଲେ।

## ଗଜସାଥୀ ଦକ୍ଷତା ବୃଦ୍ଧି ତାଲିମ ଶିବିର



ଚମ୍ପୁଆ,୧୩।୧୨(ସମିସ): ଚମ୍ପୁଆ ବନାଞ୍ଚଳ ପକ୍ଷରୁ ଧରଣୀଧର ନଗର ଭବନଠାରେ ବନାଞ୍ଚଳସ୍ତରୀୟ ଗଜସାଥୀ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାୟକ ମୁଖ୍ୟଅତିଥି, ଅନ୍ୟତମ ଅତିଥି ଭାବେ ହାତୀ ସୁରକ୍ଷା ଆନ୍ଦୋଳନର କର୍ଣ୍ଣଧାର ରାଧାକାନ୍ତ ମହାନ୍ତ, ଏସିଏଫ୍ ଅକ୍ଷୟ ଛତ୍ରିୟା, ତହସିଲଦାର ସଜତ ମାର୍କେ, ସହକାରୀ ଜିଲ୍ଲାପାଳ ସମରେନ୍ଦ୍ର ଦାସ, ସାଂସଦ ପ୍ରତିନିଧି ସିଧାର୍ଥ ସିଂହ ପ୍ରମୁଖ ଯୋଗ ଦେଇଥିଲେ। ଶିଖିବା ଓ ଶିଖାଇବା ପରିପ୍ରେକ୍ଷୀରେ ହାତୀ ସୁରକ୍ଷା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଗଜସାଥୀ ହାତୀ ସୁରକ୍ଷାର ପ୍ରମୁଖ ମାନଦଣ୍ଡ। ସୀମିତ ପାଉଣା ଓ କିଛି ଆନୁଷଙ୍ଗିକ ସୁବିଧା ଦ୍ୱାରା ଏମାନେ ହାତୀ ଓ ମଣିଷ ମଧ୍ୟରେ ଦୂରତା ରକ୍ଷା କରି ହାତୀ ସୁରକ୍ଷାକୁ ଗୁରୁତ୍ୱ ଦେଉଛନ୍ତି ବୋଲି ଅତିଥିମାନେ ମତ ପୋଷଣ କରିଥିଲେ। ଚମ୍ପୁଆ ରେଞ୍ଜରେ ବର୍ତ୍ତମାନ ୩୩୫ ଜଣ ଗଜସାଥୀ ରହିଥିବା ବେଳେ ହାତୀ ଉପଦ୍ରବ ୬୭ଟି ଗ୍ରାମରେ ଏମାନେ ନିୟୋଜିତ ରହିଛନ୍ତି। ମାଷ୍ଟର ଟ୍ରେନର ସୁବ୍ରତ ବିଶ୍ୱାଳ ଓ ଅରବିନ୍ଦ ମାଝି ଗଜସାଥୀଙ୍କୁ ହାତୀ ସୁରକ୍ଷା ଏବଂ ତାଙ୍କ ଦାୟିତ୍ୱ ସହ କର୍ତ୍ତବ୍ୟ କିପରି ସମ୍ପାଦନ କରିବେ ସେନେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବନ ସୁରକ୍ଷା ସମିତିର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ସରପଞ୍ଚ, ସମିତିସଭ୍ୟ, ଗଜସାଥୀ, ବିଭିନ୍ନ ସେକ୍ସନରୁ ଆସିଥିବା ବନ କର୍ମଚାରୀ ଯୋଗ ଦେଇଥିଲେ। ଆମ ଜଙ୍ଗଲ ଯୋଜନାର ଟିମ୍ ଲିଡର ଉଦୟନାଥ ହୋ ଓ ଚମ୍ପୁଆ ବନପାଳ ଜ୍ୟୋତିରୂପା ପାଣି ପରିଚାଳନା କରିଥିଲେ।

## ଏସ୍‌ଆଇପିର ପଞ୍ଚମ ବାର୍ଷିକ ଉତ୍ସବ

ଆନନ୍ଦପୁର, ୧୩।୧୨ (ସମିସ): ଏସଆଇପିର ପଞ୍ଚମ ବାର୍ଷିକ ଉତ୍ସବରେ ଭଞ୍ଜ କଳା ମଣ୍ଡପଠାରେ ସମ୍ବଲପୁରୀ, ପଲ୍ଲୀ ନୃତ୍ୟରେ ଦୁଲୁକାଇଲେ ବୀଣାପାଣି କଳାନିକେତନର ନୃତ୍ୟ ଶିଳ୍ପୀ। ଅନୁଷ୍ଠାନର ମୁଖ୍ୟ ପୁରୋଧା ସୁଜାତା ଧଳ, ଦିଲ୍ଲୀପ କୁମାର ଧଳ ନୃତ୍ୟଶିଳ୍ପୀଙ୍କୁ ପ୍ରଶଂସା କରିଥିଲେ। ତିନି ଶହରୁ ଅଧିକ ଅଭିଭାବକ ଓ ଛାତ୍ରଛାତ୍ରୀ ଉପଭୋଗ କରିଥିଲେ। ଓଡ଼ିଶା ରାଜ୍ୟ ମୁଖ୍ୟ ସୁନୀଲ କୁମାର ନାୟକ, କେଭି-୨ ଅଧକ୍ଷ ଡିପି ଶର୍ମା, ଡ ଦିଲ୍ଲୀପ କୁମାର ଦାଶ ଯୋଗ ଦେଇଥିଲେ। ଢୋଲ, ନିଶାନ ତାଳେ ତାଳେ ଓ ପଲ୍ଲୀ ନୃତ୍ୟକୁ ନୃତ୍ୟଗୁରୁ ଜିତୁ ଦାଶ, ମୋନିକା ଦାଶ, ଲିଜାରାଣୀ ସାହୁ, ଦେବହୁତି ପଟ୍ଟନାୟକ, ପରିଣତି ଚକ୍ର, ସାୟନି ନାୟକ, ଆରୋସ୍ମିତା ତ୍ରିପାଠୀ, କ୍ରିଷ୍ଣା ପ୍ରିୟଦର୍ଶିନୀ ପରିବେଷଣ କରିଥିଲେ।



## ମହେଶ୍ୱର ସାହୁ ଶିଳ୍ପ ତାଲିମ୍ କେନ୍ଦ୍ରର ବାର୍ଷିକ କ୍ରୀଡ଼ା

କେନ୍ଦୁଝର,୧୨।୧୨(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ମହେଶ୍ୱର ସାହୁ ଶିଳ୍ପ ତାଲିମ୍ କେନ୍ଦ୍ରର ୩୩ତମ ଶୀତକାଳୀନ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟିତ ହୋଇଛି। ଶିଳ୍ପତାଲିମ୍ କେନ୍ଦ୍ରର ଅଧ୍ୟକ୍ଷ ଇଂ ବସନ୍ତ କୁମାର ଦାନୀ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଏହାସହ ପିଲାମାନଙ୍କୁ କ୍ରୀଡ଼ାର ମାହାତ୍ମ୍ୟ ଓ ଶାରୀରିକ ଶିକ୍ଷା ସମ୍ବନ୍ଧରେ ମାର୍ଗ ଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଅଭିଷେକ ସାହୁ



ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ଦୈତାରୀ ମହାନ୍ତ, ରବିରତ୍ନ ମହାନ୍ତ, ସାନନ୍ଦ ପୃଷ୍ଟି, ସତ୍ୟବ୍ରତ ମିଶ୍ର, ଦେବାଶିଷ ମହାନ୍ତ, ଦିଲ୍ଲୀପ କୁମାର ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ।

## ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ପକ୍ଷରୁ ନୂତନ ଶ୍ରମ କୋଡ୍ ସଚେତନତା



ଯୋଡ଼ା, ୧୩।୧୨(ସମିସ): ଜେଏସଡବ୍ଲୁ ଷ୍ଟିଲ୍ ଲିମିଟେଡ୍, ଓଡ଼ିଶା ମାଇନିଂ ଡିଭିଜନର ନାରାୟଣପୋଷୀ ଲୌହ ଓ ମାଙ୍ଗାନିଜ ଖଣିରେ ନୂତନ ଶ୍ରମ କୋଡ୍‌ଗୁଡ଼ିକ ବିଷୟରେ ଏକ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଛି। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଭାରତ ସରକାର ଦ୍ୱାରା ପ୍ରସ୍ତାବିତ ନୂତନ ଶ୍ରମ ଆଇନ ସଂଶୋଧନ ବିଷୟରେ କର୍ମଚାରୀଙ୍କ ବୁଝିବା ଶକ୍ତି ବୃଦ୍ଧି କରିବା। ରାଉରକେଲାର ଆଞ୍ଚଳିକ ଶ୍ରମ ଆୟୁକ୍ତ ଓ ଅଧିକାରୀ ୨୦୦ କର୍ମଚାରୀ, କାର୍ଯ୍ୟକର୍ତ୍ତା ଓ ସଂପୃକ୍ତ ବ୍ୟକ୍ତିଙ୍କ ପାଇଁ ମଜୁରି କୋଡ୍, ସାମାଜିକ ସୁରକ୍ଷା କୋଡ୍, ଶିଳ୍ପ ସମ୍ପର୍କ କୋଡ୍ ଓ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ପରିସ୍ଥିତି କୋଡ୍‌ର ବ୍ୟବହାରିକ ପ୍ରଭାବ ଉପରେ ଆଲୋଚନା କରିଥିଲେ। ନିଯୁକ୍ତିପତ୍ର, ପରିଚୟପତ୍ର ଜାରି କରିବା ଓ ନିଯୁକ୍ତି ରେକର୍ଡ ଠିକ୍ ଭାବେ ରଖିବା ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଲିଙ୍ଗ ସମତା, ନାରୀମାନଙ୍କୁ କାର୍ଯ୍ୟସ୍ଥଳରେ ସଶକ୍ତ କରିବା ଓ ଖଣି ଅପରେସନରେ ଇଏସଆଇସିର ଲାଗୁ ହେବା ଭଳି ଶିଳ୍ପ ନିର୍ଦ୍ଦିଷ୍ଟ ନିୟମାବଳୀ ଅନୁସରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଜେଏସଡବ୍ଲୁ ଷ୍ଟିଲ୍ ପ୍ରମୁଖ ପ୍ରତିନିଧି ଚିତ୍ତରଞ୍ଜନ ବହିନୀପତି (ଏଚଆର ମୁଖ୍ୟ, ଓଡ଼ିଶା), ତପନ କୁମାର ରଥ (ମାଇନ୍ସ ମ୍ୟାନେଜର, ନାରାୟଣପୋଷୀ) ଓ ପ୍ରକାଶ ହାତି (କଲ୍ୟାଣ ଅଧିକାରୀ) ଉପସ୍ଥିତ ଥିଲେ।

## ସାଇଁକୁଳ ପିପି କଲେଜରେ କର୍କଟ ସଚେତନତା

ଆନନ୍ଦପୁର, ୧୩।୧୨ (ସମିସ): ଓଡ଼ିଶା କ୍ୟାନସର ହେଲ୍ପିଙ୍ଗ ଉଇଙ୍ଗସ ପକ୍ଷରୁ ସାଇକୁଳ ପତିତପାବନ ମହାବିଦ୍ୟାଳୟରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ୟାନସର ହେଲ୍ପିଙ୍ଗ ଉଇଙ୍ଗସର ସଭାପତି ଶଙ୍କର୍ଷଣ ଜେନା, ସମ୍ପାଦିକା ରଶ୍ମିରେଖା ପାତ୍ର, ଅରବିନ୍ଦ ସାହୁ, ଅମର ପାତ୍ର, ପ୍ରଦୀପ ପଣ୍ଡା, ସତ୍ୟଜିତ ସାହୁ, କମଳ ଲୋଚନ ବିଶ୍ୱାଳ, ଅନନ୍ତ ଚରଣ ସାହୁ, ମନୋଜ ଦାଶ, ପତିତପାବନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅମୂଲ୍ୟ ବିଶ୍ୱାଳ, ଯୁକ୍ତ ତିନି ଅଧ୍ୟକ୍ଷ ପ୍ରଫେସର ଶରତଚନ୍ଦ୍ର ଜେନାଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। କ୍ୟାନସର ରୋଗର ନିରାକରଣ ଏବଂ ପୀଡ଼ିତଙ୍କ ମନୋବଳ ଦୃଢ଼ କରିବା ବିଷୟରେ ଏହି କାର୍ଯ୍ୟକ୍ରମରେ ଡ ଶଶିକାନ୍ତ ମାଝୀ ଆଲୋଚନା କରିଥିଲେ।



# ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ





ଚମ୍ପୁଆ/ଆନନ୍ଦପୁର, ୧୩।୧୨(ସମିସ): ଚମ୍ପୁଆ ତାଲୁକ ଆଇନ ସେବା କମିଟି ପକ୍ଷରୁ କୋର୍ଟ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ପ୍ରଣୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ସବଜଜ୍ ଜିତେନ୍ଦ୍ର ଦାସ, ଏସଡିଜେଏମ୍ ଦୀପକ କୁମାର ସାଠୁଆ, ଜେଏମ୍‌ଏଫ୍‌ସି ସୁଶ୍ରୀ ସୁସ୍ମିତା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। କୋର୍ଟରେ ବିଚାରାଧୀନ ଥିବା ଗୋଟିଏ ମଟର ଯାନ ଦୁର୍ଘଟଣା ଦାବି ଟ୍ରିବୁନାଲ କେସ ବାବଦକୁ ୯ ଲକ୍ଷ ୫୦ ହଜାର ଟଙ୍କା ପକ୍ଷଙ୍କୁ କ୍ଷତିପୂରଣ ରାଶି ବାବଦରେ ପ୍ରଦାନ କରାଯିବା ସହ ୩ଟି ଏନ୍‌ଆଇ ଆକ୍ଟ ମାମଲାରୁ ୩ ଲକ୍ଷ ୨୫ ହଜାର ଟଙ୍କା ୪ଟି ବ୍ୟାଙ୍କ ମାମଲାରୁ ୭ ଲକ୍ଷ ୯୪ ହଜାର ୫ ଶହ ୬୯ ଟଙ୍କା ୫୯ ପଇସା, ୪ ଗୋଟି ସିଏମସି କେସରୁ ୧ ଲକ୍ଷ ୧ ହଜାର ୬ ଶହ ଟଙ୍କା ଆଦାୟ କରାଯାଇଥିଲା। ସର୍ବମୋଟ ୧୦୯ଟି ମାମଲାରୁ ୧୪ଟି ମାମଲାର ଫାଇସଲା କରାଯାଇ ୩୧ ଲକ୍ଷ ୭୧ ହଜାର ୧ ଶହ ୧୬ ଟଙ୍କା ୫୯ ପଇସା ଆଦାୟ କରାଯାଇଛି। କମିଟି ସହକାରୀ ଅବଦୁଲ ସୂରଜ ଖାନ ପରିଚାଳନା କରିଥିଲେ। ସେହିପରି ଶନିବାର ଆନନ୍ଦପୁର କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଆୟୋଜିତ ହୋଇଛି। ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍‌ଙ୍କ କୋର୍ଟଠାରେ ବିଭିନ୍ନ ବୀମାଜନିତ ୧୮ଟି ମାମଲାର ଆପୋଷ ସମାଧାନ କରାଯାଇଛି। ୧୮ଟି ମାମଲାରେ ପାଖାପାଖି ୧କୋଟି ୭୫ ଲକ୍ଷ ଟଙ୍କା ବୀମା କମ୍ପାନୀ ହିତାଧିକାରୀଙ୍କୁ ପ୍ରଦାନ କରବେ। ସେହିଭଳି ଜେଏମଫସି ଓ ଏସଡିଜିଏମ୍ ଓ ସବଜଜ୍‌ଙ୍କ କୋର୍ଟରେ ବ୍ୟାଙ୍କ ଋଣ, ବକେୟା ବିଲ୍ ପୈଠ, ଫାଇନ୍ ଆଦାୟ ସମ୍ବନ୍ଧୀୟ ବିଭିନ୍ନ ମାମଲାର ସମାଧାନ ହୋଇଥିବା ସୂଚନା ମିଳିଛି।

## ୫ମ ଶ୍ରେଣୀ ନବୋଦୟ ପ୍ରବେଶିକା ପରୀକ୍ଷା

ହାଟଡ଼ିହୀ,୧୩।୧୨(ସମିସ): ନବୋଦୟ ବିଦ୍ୟାଳୟରେ ଶିକ୍ଷାଲାଭ ପାଇଁ ହାଟଡ଼ିହୀ ଓ ଶାଳଣିଆଁ ହାଇସ୍କୁଲଠାରେ ପଞ୍ଚମ ଶ୍ରେଣୀର ପିଲାଙ୍କ ମଧ୍ୟରେ ପ୍ରବେଶିକା ପରୀକ୍ଷା ହୋଇଯାଇଛି। ହାଟଡ଼ିହୀ ହାଇସ୍କୁଲରେ ୩୧୨ଜଣ ପିଲା ନାମ ପଞ୍ଜୀକରଣ କରିଥିଲା ବେଳେ ୩୦୨ଜଣ ପରୀକ୍ଷା ଦେଇଥିଲେ। ୧୦ଜଣ ପିଲା ଅନୁପସ୍ଥିତ ଥିଲେ। ଶାଳଣିଆଁ ହାଇସ୍କୁଲରେ ୨୭୨ଜଣ ପିଲା ନାମ ପଞ୍ଜୀକରଣ କରିଥିଲା ବେଳେ ୨୬୧ଜଣ ପିଲା ପରୀକ୍ଷା ଦେଇଥିଲେ। ୧୧ଜଣ ଅନୁପସ୍ଥିତ ରହିଥିଲେ। ହାଟଡ଼ିହୀ ହାଇସ୍କୁଲରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପରମାନନ୍ଦ ପରିଡ଼ା ଓ ଶାଳଣିଆଁ ହାଇସ୍କୁଲର ପ୍ରଧାନଶିକ୍ଷକ ମୁଖ୍ୟ ପରୀକ୍ଷକ ଭାବେ ଦାୟିତ୍ୱ ବହନ କରିଥିଲେ। ଶିକ୍ଷାମଣ୍ଡଳର ବିଇଓ ରାଜୀବ କୁମାର ଦଳେଇ, ଏବିଇଓ ପ୍ରମୋଦ କୁମାର ନାୟକ ଓ ପୂର୍ଣ୍ଣଚନ୍ଦ୍ର ଜେନା ଉଭୟ ସ୍କୁଲକୁ ଯାଇ ଶୃଙ୍ଖଳିତ ପରୀକ୍ଷା ବ୍ୟବସ୍ଥା ଉପରେ ଧ୍ୟାନ ଦେଇଥିଲେ।

## ନିଶାମୁକ୍ତ ଯୁବ ସମାଜ ପାଇଁ ସଚେତନତା



ଆନନ୍ଦପୁର, ୧୩।୧୨ (ସମିସ): ଆନନ୍ଦପୁର ଏକ୍ସିଲେଣ୍ଟ କୋଚିଙ୍ଗ ସେଣ୍ଟରରେ ନିଶାମୁକ୍ତ ଯୁବସମାଜ ଗଠନ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବିଶ୍ୱହିନ୍ଦୁ ପରିଷଦ ଜିଲ୍ଲା ସଭାପତି ଦୟାନିଧି ଦାସ, ଜିଲ୍ଲା ଉପସଭାପତି ସବିତା ମିଶ୍ର, କୋଲକାତା କ୍ଷେତ୍ର ସଂଯୋଜିକା ମାତୃଶକ୍ତି ଝରଣା ଜେନା, ଜିଲ୍ଲା ସହସଂଯୋଜିକା ରେଣୁବାଳା ଦାସ ନିଶା ମୁକ୍ତ ଯୁବ ସମାଜ ଓ ନିଶାମୁକ୍ତ ଭାରତ ଗଠନ ପାଇଁ ବିଭିନ୍ନ ପ୍ରସଙ୍ଗ ଅଷ୍ଟମ, ନବମ ଓ ଦଶମ ଛାତ୍ର ଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ଭବିଷ୍ୟତରେ କୁନି କୁନି ଭାଇ ଭଉଣୀମାନେ ନିଶା ସେବନରେ ନପଡ଼ିବା ପାଇଁ ଓ ସ୍ୱଦେଶୀ ଜିନିଷ ବ୍ୟବହାର କରିବା ପାଇଁ ସଂକଳ୍ପ କରିଥିଲେ।

# ତିନି ବ୍ଲକ୍‌ରେ ଶିକ୍ଷାସଭା ଓ ଶିକ୍ଷାୟତନ ସଚେତନତା





ଆନନ୍ଦପୁର/ହାଟଡିହି, ୧୩।୧୨ (ସମିସ):

ଆନନ୍ଦପୁର ଉପଖଣ୍ଡର ତିନିଟି ବ୍ଲକରେ ଶିକ୍ଷାସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ତିନିଟି ବ୍ଲକର କ୍ଲଷ୍ଟରରେ ଥିବା ସ୍କୁଲଗୁଡିକରେ ଶିକ୍ଷା ସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଶିକ୍ଷାଦାନରୁ ଯେଉଁ ଛାତ୍ରଛାତ୍ରୀମାନେ ବଞ୍ଚିତ ରହୁଛନ୍ତି, ସେମାନଙ୍କୁ ବିଦ୍ୟାଳୟରେ ଶିକ୍ଷାଦାନ ଦେବା ସହ ବିଦ୍ୟାଳୟର ଉପସ୍ଥାପନା ବଢ଼ାଇବା ଓ ଛାତ୍ରଛାତ୍ରୀଙ୍କୁ ଗଠନମୂଳକ ଶିକ୍ଷା ଦେବା ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସ ଆରମ୍ଭ ହୋଇଛି। ଗ୍ରାମାଞ୍ଚଳଗୁଡ଼ିକରେ ପିଲାମାନେ ଶିକ୍ଷାଦାନରୁ ବଞ୍ଚିତ ହୋଇ ରହିଯାଉଥିବା ବେଳେ ସରକାରଙ୍କ ପକ୍ଷରୁ ଏହି ପ୍ରୟାସ କରି ବିଦ୍ୟାଳୟକୁ ଛାତ୍ରଛାତ୍ରୀଙ୍କୁ ଅଣାଯାଉଛି। ସେହିପରି ଶୁକ୍ରବାର ହାଟଡିହି ବ୍ଲକ ସରକାରୀ ପ୍ରାଥମିକ ବିଦ୍ୟାଳୟ ଟିଳଗଡିଆ ବାଲିବରେଇଠାରେ ବିଶ୍ୱଜିତ ରାଉତଙ୍କ ସଂଯୋଜନାରେ ଶିକ୍ଷା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନଶିକ୍ଷକ ପ୍ରଦୀପ ନାୟକ, ଧର୍ମପଦ ବେହେରା, ସସ୍ମିତା ପାତ୍ର, ଚନ୍ଦ୍ରକଳା ଧାଉଦିଆ, ଅମିତା ପ୍ରଧାନ, ସୋନାଲି ମାଝୀ, ବବିତା ସାହୁ, ଭାନୁମତି ଘଡ଼େଇ, ମମତାମୟୀ ରାଉତ, ଦୀନବନ୍ଧୁ ଦାସ, ମଧୁସ୍ମିତା ମାଝୀ ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ହାଟଡ଼ିହୀ ଶିକ୍ଷାମଣ୍ଡଳ ଅଧୀନସ୍ଥ ବିଭିନ୍ନ କ୍ଲଷ୍ଟରରେ ଶିକ୍ଷାସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ଶୁକ୍ରବାର ସମଣା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ସଭାରେ ସିଆରସିସି ବିଜୟ ଜେନାଙ୍କ ସଂଯୋଜନା ଏବଂ ଭାରପ୍ରାପ୍ତ ପ୍ରଧାନଶିକ୍ଷକ କୁଳମଣି ବରାଳଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସମଣା ସରପଞ୍ଚ ଜଗବନ୍ଧୁ କାଣ୍ଡି, ସମ୍ମାନିତ ଅତିଥି ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାକର ମହାପାତ୍ର, ବାହାରିପୁର ହାଇସ୍କୁଲର ପ୍ରଧାନଶିକ୍ଷକ ଜୟନାରାୟଣ ମିଶ୍ର, ବାସୁଦେବ ପାଢ଼ୀ ଯୋଗ ଦେଇଥିଲେ। ବରାଙ୍ଗ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଗଣେଶ କୁଅଁର ମଞ୍ଚ ପରିଚାଳନା କରିଥିଲେ। ସ୍କୁଲର ଛାତ୍ରଛାତ୍ରୀ, ସ୍କୁଲ ଏସଏମସି କମିଟର ସଭାପତିଙ୍କ ସମେତ ସଦସ୍ୟସଦସ୍ୟା ଏବଂ ଆଖପାଖ ଗାଁରୁ ଅନେକ ସଂଖ୍ୟାରେ ପୁରୁଷ ଓ ମହିଳା ଅଭିଭାବକ ସାମିଲ ହୋଇଥିଲେ। ସମାଜସେବୀ ତଥା ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାକର ମହାପାତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲା ବେଳେ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଏହାକୁ ପରିଚାଳନା କରିଥିଲେ। ଏସଏମସି କମିଟିର ସଭ୍ୟମାନେ ସହଯୋଗ କରିଥିଲେ।

# ଆର୍‌ସିଏମ୍‌ଏସ୍‌ରୁ କିରାସିନି କଳା ବଜାର ଅଭିଯୋଗ ପରେ ତଦନ୍ତ ଆରମ୍ଭ

ଉଦଳା,୧୩।୧୨(ସମିସ): ନିଜେ ଅଛନ୍ତି ଦାୟିତ୍ୱରେ, ହେଲେ ଦାୟିତ୍ୱ ଆଳରେ କରୁଛନ୍ତି କଳାବଜାର। ଗଣମାଧ୍ୟମ ଆଗରେ ଧରାପଡିଯିବା ପରେ ଘଟଣା ଚାପି ଦେବାକୁ କହୁଛନ୍ତି। ନିଜେ ସମ୍ପାଦକ ସାଜିଛନ୍ତି କିରାସିନି ଲୁଟ ଓ କଳାବଜାରୀର ମୁଖ୍ୟ ନାୟକ। ଉଦଳା ଆରସିଏମଏସରୁ ଆସିଛି ଏଭଳି ସାଙ୍ଘାତିକ ଲୁଟର ପ୍ରମାଣ। ଉଦଳା ଆରସିଏମଏସରୁ କିରାସିନି ସ୍ପଷ୍ଟ ଦିବାଲୋକରେ ଚୋରା ଚାଲାଣ ହେଉଥିବା ନେଇ ଖବର ପାଇ ଗଣମାଧ୍ୟମ ପ୍ରତିନିଧି ପହଞ୍ଚିଥିଲେ। ଏହି ସମୟରେ ସମସ୍ତେ ଗାଡ଼ି ଛାଡି ଚାଲିଗଲେ। ସ୍ପଷ୍ଟ ଦିବାଲୋକରେ କିରାସିନି ଭର୍ତ୍ତି ଡ୍ରମ ଗାଡ଼ିରେ ଲଦି ତାହାକୁ ସମସ୍ତଙ୍କ ଆଖିରୁ ଲୁଚାଇ ନେବା ପାଇଁ ପାଲ ଢାଙ୍କି ନିଆଯିବାକୁ ପ୍ରସ୍ତୁତ ହୋଇଥିଲା। ଯାହାକି ପ୍ରତି ଡ୍ରମରେ ୨୪୦ ଲିଟର ଲେଖାଏଁ ୧୧ ଗୋଟି ଡ୍ରମ ଭର୍ତ୍ତି ହୋଇ ବାଲେଶ୍ୱର ଜିଲ୍ଲା ଚାଲାଣ ହେବାକୁ ପ୍ରସ୍ତୁତ ଥିଲା। ଖବର ପାଇ ଅଚାନକ ଗଣମାଧ୍ୟମ ପ୍ରତିନିଧି ପହଞ୍ଚିଯିବା ପରେ ହଡ଼ବଡେଇ ଯାଇଥିଲେ କିରାସିନି ଲୁଟର ମୁଖ୍ୟ ସାଜିଥିବା ଆରସିଏମଏସର ସମ୍ପାଦକ ବସନ୍ତ ନାୟକ। ଘଟଣାକୁ ଚାପି ଦେବାକୁ କହିଥିଲେ। ଏହାକୁ ବିରୋଧ କରିବା ପରେ ସମ୍ପାଦକ ଡିଲରଙ୍କ ମୁଣ୍ଡରେ ଅଠା ଲଗାଇ ଖସିଯିବାକୁ ଚାହିଁଥିଲେ। ତେବେ ବିନା ରିକ୍ୟୁଜିସନ ଓ ତାଲିକାରେ ଡ୍ରମରେ କିରାସିନି ଭର୍ତ୍ତି କରାଯାଇଥିବା କହିଛନ୍ତି ଖୋଦ କର୍ମଚାରୀ। ଯାହା ଲୁଟ୍ ଯୋଜନାକୁ ସାମ୍ନାକୁ ଆଣିଛି। ଅଭିଯୋଗ ପାଇ ଯୋଗାଣ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

### ଡ୍ରଗ୍ସ ନିରୀକ୍ଷକଙ୍କୁ ଆକ୍ରମଣ ଘଟଣା

# ପୁଲିସର ବିଫଳତା ନେଇ ଏସ୍‌ପିଙ୍କୁ ଭେଟିଲେ କେମିଷ୍ଟ ଓ ଡ୍ରଗିଷ୍ଟ ସଂଘ

ବାରିପଦା,୧୩।୧୨(ସମିସ):

ଚଳିତ ମାସ ୨ ତାରିଖରେ ବୈଶିଙ୍ଗାଠାରେ ମୟୂରଭଞ୍ଜ ଡ୍ରଗ୍ସ ନିରୀକ୍ଷକଙ୍କୁ ଆକ୍ରମଣ ଘଟଣାରେ ପୁଲିସର ନିଷ୍କ୍ରିୟତା ନେଇ ଜିଲ୍ଲା କେମିଷ୍ଟ ଓ ଡ୍ରଗିଷ୍ଟ ସଂଘ ଏସପିଙ୍କୁ ଭେଟିଛନ୍ତି। ଘଟଣାରେ ଜଡ଼ିତ ୨ ଅଭିଯୁକ୍ତଙ୍କୁ

## ୨ ଅଭିଯୁକ୍ତ ଗିରଫ ନ ହେଲେ ଆନ୍ଦୋଳନ ଚେତାବନୀ

ତୁରନ୍ତ ଗିରଫ କରା ନ ଗଲେ ସଂଘ ପକ୍ଷରୁ ଆନ୍ଦୋଳନ ଚେତାବନୀ ଦିଆଯାଇଛି।

ସୂଚନା ବୈଶିଙ୍ଗା ବଜାରସ୍ଥ ମା'ଦୁର୍ଗା ଫିଡ୍ ନାମକ ଗୋଖାଦ୍ୟ ଦୋକାନରେ ବେଆଇନ ଔଷଧ କାରବାର ନେଇ ଡ୍ରଗ୍ସ ଇନ୍ସପେକ୍ଟର ଦିବ୍ୟରଞ୍ଜନ ନାୟକ ଚଢ଼ଉ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଦୋକାନୀ ରଞ୍ଜନ ନାୟକ ଓ ଘର ମାଲିକଙ୍କ ପୁଅ ଉତ୍ସର୍ଗ ବେହେରା ଅସଭ୍ୟ ଆଚରଣ ସହ ଡ୍ରଗ୍ସ ନିରୀକ୍ଷକ ଶ୍ରୀ ନାୟକଙ୍କୁ ଧକ୍କା ମାରିଥିବା ଡ୍ରଗ୍ସ ଇନ୍ସପେକ୍ଟର ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାକୁ ମୟୂରଭଞ୍ଜ ଔଷଧ ବ୍ୟବସାୟୀ ସଂଘ ତରଫରୁ ଘୋର ନିନ୍ଦା କରାଯାଇ ଅଭିଯୁକ୍ତ ଦ୍ୱୟଙ୍କ ପ୍ରତି ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ ହୋଇଥିଲା। ଘଟଣା ଘଟିବାର ୧୦ ଦିନ ବିତିଲାଣି। ଅଭିଯୁକ୍ତଙ୍କୁ ଗିରଫ କରିବାରେ ବୈଶିଙ୍ଗା ପୁଲିସ ବିଫଳ ରହିଛି। ଦୋଷୀଙ୍କ ପ୍ରତି ପ୍ରଶାସନ ଉଚିତ ପଦକ୍ଷେପ ଗ୍ରହଣ କରି ତୁରନ୍ତ ରାଜ୍ୟ ସରକାରଙ୍କ ଜଣେ ଅଧିକାରୀଙ୍କୁ ନ୍ୟାୟ ପ୍ରଦାନ ପୂର୍ବକ ସମ୍ମାନ ନ ଦେଲେ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଔଷଧ ବ୍ୟବସାୟୀ ଜିଲ୍ଲାବ୍ୟାପୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସଂଘ ଆଲୋଚନା ଓ ନିଷ୍ପତ୍ତି କ୍ରମେ ସଭାପତି ବିକାଶ ରଞ୍ଜନ ମହାନ୍ତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀଙ୍କୁ ଲିଖିତ ଭାବେ ଅବଗତ ପୂର୍ବକ ନ୍ୟାୟ ଚାହିଁଛନ୍ତି।



### ● ରାଇରଙ୍ଗପୁରରେ ଚତୁର୍ଥ ଜାତୀୟ ଲୋକ ଅଦାଲତ

## ୧୩୩ଟି ମାମଲା ସମାଧାନ, ୧ ଲକ୍ଷ ଟଙ୍କା ଆଦାୟ

ରାଇରଙ୍ଗପୁର,୧୩।୧୨(ସମିସ): ଚତୁର୍ଥ ଜାତୀୟ ଲୋକ ଅଦାଲତ ରାଇରଙ୍ଗପୁରର ସିଭିଲ୍ କୋର୍ଟ କମ୍ପ୍ଲେକ୍ସରେ ଅନୁଷ୍ଠିତ ହୋଇଯାଇଛି। ତାଲୁକ୍ ଆଇନ ସେବା କମିଟି ଦ୍ୱାରା ଆୟୋଜିତ ଏହି ଲୋକ ଅଦାଲତରେ ବିଭିନ୍ନ ବର୍ଗର ମାମଲା ଶୁଣାଣି କରାଯାଇଥିଲା ଓ ତ୍ୱରିତ୍ ନ୍ୟାୟ ପ୍ରଦାନ କରାଯାଇଥିଲା। ମୋଟ ୨୦୩ଟି ମାମଲା ଗ୍ରହଣ କରାଯାଇଥିଲା ଓ ଏଥିରୁ ୧୩୩ଟି ପାରସ୍ପରିକ ଚୁକ୍ତିନାମା ମାଧ୍ୟମରେ ସମାଧାନ କରାଯାଇଥିଲା। ଯାହାର ସମାଧାନ ପରିମାଣ ୧ ଲକ୍ଷ ଟଙ୍କା ରହିଥିଲା। ଏଡିଜେ ରାଇରଙ୍ଗପୁର କୋର୍ଟରେ ୮ଟି ମୋଟର ଯାନ ଦୁର୍ଘଟଣା ମାମଲାର ଶୁଣାଣି ହୋଇଥିଲା ସ ଅନ୍ୟ ୩ଟି ଫୌଜଦାରୀ ମାମଲାର ସମାଧାନ ହୋଇଥିଲା। ସିନିୟର ସିଭିଲ୍ ଜଜ୍ କୋର୍ଟରେ ୧୭ଟି ଟଙ୍କା ଆଦାୟ ମାମଲା, ୯ଟି ବୈବାହିକ ବିବାଦ ମାମଲା ଓ ୨୩ଟି ଅନ୍ୟାନ୍ୟ ସିଭିଲ୍ ମାମଲାର ଶୁଣାଣି ହୋଇଥିଲା। ଏଥିରୁ ୫ଟି ମାମଲାର ସମାଧାନ ହୋଇଥିଲା। ଏସଡିଜେଏମ କୋର୍ଟରେ ଏନଆଇ ଆଇନର ଧାରା ୧୩୮ ଅନ୍ତର୍ଗତ ୩ଟି ମାମଲା ମଧ୍ୟରୁ ୧ଟି, ୫ଟି ବୈବାହିକ ବିବାଦ ମାମଲା ଓ ୧୨୨ଟି ଅନ୍ୟାନ୍ୟ ଫୌଜଦାରୀ ମାମଲା ମଧ୍ୟରୁ ୧୧୫ଟି ସମାଧାନ କରାଯାଇଥିଲା। ଜେଏମଏଫସି କୋର୍ଟରେ ୪ଟି ମାମଲା ସମାଧାନ କରାଯାଇଥିଲା। ଯେଉଁଥିରେ ବୈବାହିକ ବିବାଦ ମାମଲା ଓ ଅନ୍ୟାନ୍ୟ ଦେୱାନୀ ମାମଲା ଅନ୍ତର୍ଭୁକ୍ତ। ଏଡିଜେ ଡକ୍ଟର ଭି. ସୁଜାତା, ବରିଷ୍ଠ ଦେୱାନୀ ବିଚାରପତି ଆଲୋକ ପଣ୍ଡା, ଏସଡିଜେଏମ ମନୀନ୍ଦ୍ର ସାହୁ, ଜେଏମଏଫସି ଶ୍ରୀମତୀ ଚେତନା ପଟ୍ଟନାୟକ ଲୋକ ଅଦାଲତରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

## ଭଡ଼ାଘରୁ ଗୁରୁତର ବିଦ୍ୟୁତ ଅଧିକାରୀ ଉଦ୍ଧାର

ଆନନ୍ଦପୁର, ୧୩।୧୨ (ସମିସ): ଘଷିପୁରା ଗାଁରେ ଭଡ଼ାଘରେ ରହୁଥିବା ଆନନ୍ଦପୁର ଟିପିଏନଓଡିଏଲ୍‌ର ଅଧିକାରୀ ପ୍ରବିଣ କୁମାର ମହତଙ୍କୁ ମୁମୂର୍ଷୁ ଅବସ୍ଥାରେ କବାଟ ଭାଙ୍ଗି ଉଦ୍ଧାର କରିଛି ପୁଲିସ୍। ତାଙ୍କୁ ପ୍ରଥମେ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ କଟକ ସ୍ଥାନାନ୍ତର କରାଯାଇଛି। ପ୍ରବିଣ ଆନନ୍ଦପୁର ଟିପିଏନଓଡିଏଲ ଏମଆରଟି ବିଭାଗରେ ଅଧିକାରୀ ଭାବେ କର୍ଯ୍ୟ କରନ୍ତି। ଉକ୍ତ ଭଡ଼ାଘରେ ପ୍ରବିଣଙ୍କ ସହ ନିଜ ବିଭାଗର ଅନ୍ୟ ୨ଜଣ ଯନ୍ତ୍ରୀ ମଧ୍ୟ ରହୁଥିଲେ। ଶନିବାର-ରବିବାର ୨ ଦିନ ଛୁଟି ଥିବାରୁ ସାଙ୍ଗରେ ରହୁଥିବା ଅନ୍ୟ ଦୁଇ ଯନ୍ତ୍ରୀ ଘରକୁ ପଳାଇଥିଲେ। ସକାଳୁ ବିଭାଗୀୟ କର୍ମଚାରୀ ବାରମ୍ବାର ଫୋନ୍ କଲେ ମଧ୍ୟ ପ୍ରବିଣ ଫୋନ୍ ନଉଠାଇବାରୁ ସେମାନେ ଯାଇ କବାଟି ଯେତେ ବାଡ଼େଇଲେ ମଧ୍ୟ ଭିତରୁ କେହି ଉତ୍ତର ଦେଉ ନଥିଲେ। ସନ୍ଦେହ ହେବାରୁ ଘରମାଲିକ ଯାଇ ଥାନାରେ ଘଟଣା ସମ୍ପର୍କରେ ଜଣାଇବା ପରେ ଘଷିପୁରା ପୁଲିସ୍ ଆସି କବାଟ ଭାଙ୍ଗିଥିଲା। ପ୍ରବିଣ ବାଥରୁମ୍‌ରେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିଲେ। ତୁରନ୍ତ ତାଙ୍କୁ ସେଠାରୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରବିଣଙ୍କ ଘର ଛତିଶଗଡ଼ ଅଞ୍ଚଳରେ ହୋଇଥିବା ଜଣାପଡିଛି।

## ୧୫ରେ ମୟୂରଭଞ୍ଜ ଭଲିବଲ ଖେଳାଳି ଚୟନ

ବାରିପଦା, ୧୩।୧୨(ସମିସ):ବନାରସରେ ଅନୁଷ୍ଠିତ ହେବାକୁ ଥିବା ୭୨ତମ ଉଭୟ ପୁରୁଷ ଓ ମହିଳା ଜାତୀୟ ଭଲିବଲ ଚାମ୍ପିଅସିପ ଅବସରରେ ଚଳିତ ମାସ ୧୬ ଓ ୧୭ ତାରିଖରେ କିଟ୍‌ରେ ରାଜ୍ୟ ଭଲିବଲ ଦଳ ପାଇଁ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ବିଜୟକୁମାର ଦାସ ଜଣାଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ଉଭୟ ବିଭାଗରୁ ୫ ଜଣ ଲେଖାଏଁ ଖେଳାଳି ପାଇଁ ଚୟନ ପ୍ରତିଯୋଗିତା ୧୫ ତାରିଖରେ ଅନୁଷ୍ଠିତ ହେବ ବୋଲି ଭଲିବଲ ସମ୍ପାଦକ ପାର୍ଥସାରଥୀ ସ୍ୱାଇଁ ପ୍ରକାଶ କରିଛନ୍ତି। ଇଚ୍ଛୁକ ଖେଳାଳି ଉକ୍ତ ଦିନ ସକାଳ ୧୦ଟାରେ ବାରିପଦା ଷ୍ଟାଡିୟମ ଅଫିସରେ ନାମ ପଞ୍ଜିକରଣ କରିବା ସହ ଚୟନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଶ୍ରୀ ସ୍ୱାଇଁ ଅନୁରୋଧ କରିଛନ୍ତି।

### ଜମି ମାଡ଼ି ବସିଥିଲା ଥାନା

# ଥାନା ପରିସରରେ ବୁଲିଲା ବୁଲ୍‌ଡୋଜର

ବାରିପଦା, ୧୩।୧୨(ସମିସ): ଲୋକଙ୍କ ଜମିକୁ ଥାନା ମାଡ଼ି ବସିଥିଲା। ଯାହାକୁ ନେଇ ଥାନା ପରିସରରେ ବୁଲ୍‌ଡୋଜର ବୁଲିଛି। ବାରିପଦା ସଦର ଥାନା ପାଚେରି ଭଙ୍ଗାଯାଇଛି। ଲୋକଙ୍କ ଜାଗା ପୁଲିସ ବିଭାଗ ଆୟତ୍ତରେ ଥିବାବେଳେ କୋର୍ଟ ନିର୍ଦ୍ଦେଶ ପରେ ବୁଲ୍‌ଡୋଜରେ ଭଙ୍ଗାଯାଇଛି। ବାରିପଦା ସଦର ଥାନା ପାଚେରି ନିର୍ମାଣ କରିବା ସମୟରେ ସ୍ଥାନୀୟ ବାସିନ୍ଦା ସଲିମ ଖାନ୍ ନାମକ ବ୍ୟକ୍ତିଙ୍କ ଘରକୁ ଯିବାକୁ ଥିବା ସରକାରୀ ରାସ୍ତାକୁ ଘେରି ଦେଇଥିଲେ। ଫଳରେ ସଲିମ୍ ଖାନଙ୍କ ଘରକୁ ଯିବାକୁ ରାସ୍ତା ବନ୍ଦ ହୋଇଯାଇଥିଲା। ସଲିମ୍ ଖାନ ବାରମ୍ବାର ଗୁହାରୀ କରିଥିଲେ ମଧ୍ୟ ପୁଲିସ ବିଭାଗ କିଛି ଶୁଣି ନ ଥିଲା। ଶେଷରେ ସଲିମ୍ ଖାନ କୋର୍ଟର ଆଶ୍ରୟ ନେଇଥିଲେ। ୨୦୧୮ରେ କୋର୍ଟରେ ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଓ ବାରିପଦା ସଦର ଥାନା ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ଯାହାର ବିଚାର କରି କୋର୍ଟ ପାଚେରି ଭାଙ୍ଗି ଘରକୁ ରାସ୍ତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟ ନିର୍ଦ୍ଦେଶ ମୁତାବକ ଶନିବାର ଥାନାର ପାଚେରି ଭଙ୍ଗାଯାଇଛି। ଘଟଣା ସମୟରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ଉପସ୍ଥିତ ଥିଲେ।



### ● ଘସିପୁରା ବ୍ଲକ୍‌ରେ ରାସନ୍ କାର୍ଡ ଦୁର୍ନୀତି

## ଖାଲିଆମେଣ୍ଟାରେ ଭୂତ ନେଉଛି ଚାଉଳ

ଆନନ୍ଦପୁର,୧୩।୧୨(ସମିସ): ଘସିପୁରା ବ୍ଲକରେ ଅନେକ ରାସନ୍ କାର୍ଡ ଜାଲିଆତି ଓ ବେନାମୀ ହିତାଧିକାରୀଙ୍କ ନାମରେ ପ୍ରତିମାସ ଚାଉଳ ଉଠାଯାଉଥିବା ଭଳି ଦୁର୍ନୀତିର ଅଭିଯୋଗ ହେଉଥିଲେ ମଧ୍ୟ ତଦନ୍ତ ହେଉ ନଥିବା ଅଭିଯୋଗ ହୋଇଛି। ଖାଲିଆମେଣ୍ଟା ପଞ୍ଚାୟତରେ କାର୍ଡ ନମ୍ବର୍ ୧୮୦୪୦୬୧୧୮୬୯ରେ ଅନ୍ତ୍ୟୋଦୟ ଅନ୍ନ ଯୋଜନା ଅନ୍ତର୍ଭୁକ୍ତ ଏକ ରାସନ୍ କାର୍ଡ ହୋଇଛି। ଯାହାର ସମ୍ପୂର୍ଣ ତଥ୍ୟ ନଥିବା ବେଳେ ଏହା ରୁଦ୍ରନାରାୟଣ ନାୟକଙ୍କ ନାମରେ ଥିବା ସୂଚନା ମିଳିଛି। କାର୍ଡର ତଥ୍ୟ ଅନୁସାରେ ଏଥିରେ ଏହି ପରିବାରରେ ଏକ ମାତ୍ର ସଦସ୍ୟ ଥିବା ବେଳେ ରୁଦ୍ରନାରାୟଣ ଜଣେ ମହିଳା ଓ ତାଙ୍କ ବୟସ ୧୬ ବର୍ଷ ବୋଲି ଉଲ୍ଲେଖ ହୋଇଛି। ଅଭିଯୋଗ ଅନୁସାରେ ଏଭଳି ବ୍ୟକ୍ତି କେହି ନଥିବା ବେଳେ ପ୍ରତ୍ୟେକ ମାସ ଚାଉଳ ଉଠା ଯାଉଛି। ଯଦି ଜଣେ ବ୍ୟକ୍ତି ବୃଦ୍ଧ ହୋଇଥାନ୍ତି ତେବେ ବିନା ସ୍କାନିଂରେ ଚାଉଳ ଦିଆ ଯାଇଥାଏ; କିନ୍ତୁ ଏହି କାର୍ଡଟି ସମ୍ପୂର୍ଣ ରୂପେ କେହି ଜଣେ ଜାଲିଆତି କରି ଚାଉଳ ହଡପ କରୁଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଘଷିପୁରା ବିଡିଓ ବିନିତା ବିଜୟିନୀ କହିଛନ୍ତି, ସେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

### ● ମିଲ୍‌ରେ ଚାଉଳ ଘୋଟାଲା ଘଟଣା

## ସିଲ୍ ହେଲା ଗୋଦାମ

ଉଦଳା, ୧୩।୧୨(ସମିସ): ଚାଉଳ ଗୋଦାମ ଓ ମିଲରେ ହୋଇଥିବା ବ୍ୟାପକ ଦୁର୍ନୀତି ଘଟଣାରେ ରାଜ୍ୟ ଯୋଗାଣ ବିଭାଗ ଦୁଇଦିନ ତଦନ୍ତ କରିବା ପରେ ଗୋଦାମ ଗୃହ ସିଲ କରିଛନ୍ତି। ଉଦଳା ବ୍ଲକ କୁଟଲିଙ୍ଗଠାରେ ଥିବା ଚାଉଳ ଗୋଦାମ ଓ ମିଲରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ନେଇ ରାଜ୍ୟ ଯୋଗାଣ ବିଭାଗ ଟିମ ସହିତ ସ୍ଥାନୀୟ ଯୋଗାଣ ବିଭାଗ ମିଳିତ ଭାବେ ଚଢ଼ଉ କରିଥିଲେ। ଦୁଇଦିନ ଧରି ରାଜ୍ୟ ଯୋଗାଣ ଅଧିକାରୀଙ୍କ ସହିତ ପୁରା ଟିମ ତଦନ୍ତ କରିବା ପରେ ଚାଉଳ ଗୋଦାମରେ ବ୍ୟାପକ ଦୁର୍ନୀତି ହୋଇଥିବା ତଥ୍ୟ ତଦନ୍ତକାରୀ ଟିମ ହାତରେ ଲାଗିଥିଲା। ପରେ ଚାଉଳ ଗୋଦାମକୁ ସିଲ କରିଛି ତଦନ୍ତକାରୀ ଟିମ। ଗୋଦାମରେ ବ୍ୟାପକ ଚାଉଳ ହେରଫେର ହୋଇଥିବା ସ୍ପଷ୍ଟ ହେବା ପରେ ଗୋଦାମ ସିଲ ହୋଇଥିବା ଜଣାଯାଇଛି।

## ଚାଷୀଙ୍କୁ ବିହନ ବଣ୍ଟନ



ଚମ୍ପୁଆ,୧୩।୧୨(ସମିସ): ଚମ୍ପୁଆ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ରବି ଋତୁର ଚାଷ ପାଇଁ ଚଣା, ମସୁର, ମୁଗ ଓ ମଟର ଆଦି ବଣ୍ଟନ କରାଯାଇଛି। ଚମ୍ପୁଆ କୃଷି ଜିଲ୍ଲା କାର୍ଯ୍ୟାଳୟଠାରେ ସହକାରୀ କୃଷି ଅଧିକାରୀ ରମାମଣୀ ସାହୁ, ବ୍ଲକ କୃଷି ଅଧିକାରୀ ସାରଦା ହାଁସଦା ଓ ଜାମିନି ନାଏକ ପ୍ରମୁଖ ଚାଷୀଙ୍କୁ ଏହି ବିହନ ବଣ୍ଟନ କରିଥିଲେ। ସୂଚନା ଅନୁସାରେ, ଚଳିତ ବର୍ଷ ଚମ୍ପୁଆ କୃଷି ଜିଲ୍ଲା ଅଧୀନରେ ଥିବା ଚମ୍ପୁଆ ବ୍ଲକରେ ୧୫୦ ହେକ୍ଟର ମୁଗ, ୨୨୦୦ ହେକ୍ଟର ଚଣା, ୩୫୦ ହେକ୍ଟର ମସୁର ଓ ୨୦୦ ହେକ୍ଟର ମଟର ଚାଷ ଲକ୍ଷ୍ୟ ରଖାଯାଇଥିବା ବେଳେ ଝୁମ୍ପୁରା ବ୍ଲକରେ ୧୦୦ ହେକ୍ଟର ମୁଗ, ୧୫୦ ହେକ୍ଟର ଚଣା, ୩୦୦ ହେକ୍ଟର ମସୁର ଓ ୨୦୦ ହେକ୍ଟର ମଟର ଚାଷ ଲକ୍ଷ୍ୟ ରଖାଯାଇଛି। ସେହିପରି ଯୋଡା ବ୍ଲକରେ ମୁଗ ୧୦୦ ହେକ୍ଟର, ଚଣା ୧୫୦ ହେକ୍ଟର, ମସୁର ୭୫୦ ହେକ୍ଟର, ମଟର ୧୦୦ ହେକ୍ଟର ଚାଷ ଲକ୍ଷ୍ୟ ରଖାଯାଇଛି। ଚାଷୀମାନେ ଏହି ଚାଷ ପାଇଁ ଆବଶ୍ୟକ ଅଣୁସାର, କୀଟନାଶକ, ନାନୋ ଡିଏପି, ଘାସମରା ଇତ୍ୟାଦି ଡିବିଟି ମାଧ୍ୟମରେ ରେଜିଷ୍ଟର ଡିଲରଙ୍କଠାରୁ କିଣି ପାରିବେ। ସମସ୍ତ ଅର୍ଥ ତାଙ୍କ ଆକାଉଣ୍ଟ ମାଧ୍ୟମରେ ପୈଠ କରାଯିବ ବୋଲି ଶ୍ରୀମତୀ ସାହୁ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଚାଷୀଙ୍କୁ ଉପରୋକ୍ତ ବିହନ ମାଗଣା ପ୍ରଦାନ କରାଯାଇଛି।

## କନ୍ୟା ସନ୍ତାନ ଏକୋଇଶାରେ ଚାରା ରୋପଣ



ଆନନ୍ଦପୁର, ୧୩।୧୨ (ସମିସ): ଘସିପୁରା ବ୍ଲକ ଭଣ୍ଡାରିଡିହା ପଞ୍ଚାୟତ ପଦନପୁର ଗ୍ରାମର ତ୍ରିଲୋଚନ ସାଙ୍କ ପୁତ୍ର ତୋଫାନ ସା, ପୁତ୍ରବଧୂ ଲକ୍ଷ୍ମୀପ୍ରିୟା ରାଉତ ଶିକ୍ଷକତା କରୁଥିବା ବେଳେ ତାଙ୍କ ଝିଅ ଦେବାଶ୍ମୀ ସାଙ୍କର ଏକୋଇଶା ଅବସରରେ ଏକ ନିଆରା ପ୍ରୟାସ ଆରମ୍ଭ କରି ସ୍ଥାନୀୟ ଅଞ୍ଚଳରେ ଉଦାହରଣ ସୃଷ୍ଟି କରିଛନ୍ତି। ଆଜିର ଆଧୁନିକ ଯୁଗରେ ଏବେବି ଗ୍ରାମାଞ୍ଚଳରେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ପୁଅଙ୍କୁ ପ୍ରାଥମିକତା ଦେବାକୁ ଯାଇ କନ୍ୟାଭ୍ରୁଣ ହତ୍ୟା କରାଯାଉଛି। ଏହି କୁପ୍ରଥାକୁ ବନ୍ଦ ସହ ସଚେତନତା ସୃଷ୍ଟି କରିବା ପାଇଁ ଦୁଇ ଶିକ୍ଷକ ଦମ୍ପତି ଆଜି ତାଙ୍କର ଝିଅ ଏକୋଇଶା ଅବସରରେ ଗ୍ରାମର ମୁକ୍ତେଶ୍ୱର ମହାଦେବ ମନ୍ଦିର ନିର୍ମାଣ ପାଇଁ ଆର୍ଥିକ ସହଯୋଗ ଦେବା ସହ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମରେ ବାଦଲ ସା, ତୁଷାର ସା, ତାପସ ସା, ଦିପୁ ସା, ମୁକ୍ତେଶ୍ୱର ମହାଦେବ ମନ୍ଦିର କମିଟିର ସଦସ୍ୟ କାଳୀପ୍ରସନ୍ନ ସା, ହରେକୃଷ୍ଣ ସେଠୀ, ମାର୍କଣ୍ଡ ମହାରଣା, ସୁରେଶଚନ୍ଦ୍ର ସା, ସିପୁ ମହାନ୍ତି, ମନୋଜ ସା, ପିତାମ୍ବର ରାଉଳ, କୁନି ଦାଶ, ବାଙ୍କୁ ମହାରଣା, ମାନସ ରାଉତ ସିପୁନ ନାଏକ, କୋଦଣ୍ଡଧର ରାଉତ ସାମିଲ ହୋଇଥିଲେ।

### ମୁଖ୍ୟମନ୍ତ୍ରୀ (ଲକ୍ଷ୍ମୀ) ବସ୍‌ର ୧୭ ଲକ୍ଷ ଟଙ୍କା ଯାତ୍ରୀଭଡ଼ା ଅନିୟମିତତା ଘଟଣା

## ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ମାମଲା ରୁଜୁ

ବାରିପଦା,୧୩।୧୨(ସମିସ):ଓଡ଼ିଶା ଷ୍ଟେଟ ରୋଡ ଟ୍ରାନ୍ସପୋର୍ଟ କର୍ପୋରେସନ (ଓଏସଆରଟିସି) ଅଧୀନ ମୁଖ୍ୟମନ୍ତ୍ରୀ (ଲକ୍ଷ୍ମୀ) ବସ୍ ସେବାରେ ମୟୂରଭଞ୍ଜ ଜିଲ୍ଲାରେ ଯାତ୍ରୀଭଡା ଅନିୟମିତତା ପଦାକୁ ଆସିବା ପରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ନିର୍ଦ୍ଦେଶରେ ଥାନାରେ ଅଭିଯୋଗ ପରେ ଅପରାଧିକ ମାମଲା ରୁଜୁ ହୋଇଛି। ଅନିୟମିତତା ଘଟଣାରେ ବ୍ୟାଙ୍କର କିଛି କର୍ମଚାରୀଙ୍କ ସମ୍ପୃକ୍ତ ଥିବା ଅନୁମାନ କରାଯାଉଥିବାବେଳେ ଓଏସଆରଟିସିର ରାଇରଙ୍ଗପୁର କର୍ମଚାରୀଙ୍କ ସମ୍ପୃକ୍ତି ମଧ୍ୟ ସମ୍ମୁଖକୁ ଆସିଛି। ସୂଚନା ମୁତାବକ, ଯାତ୍ରୀଙ୍କ ଭଡ଼ା ଟଙ୍କାରେ ବିଶୋଇ ବ୍ଲକରେ କାର୍ଯ୍ୟରତ ସୁପରଭାଇଜର ଲଳିତ ବାରିକଙ୍କ କଳା କାରନାମା ପଦାକୁ ଆସିଛି। ଦୁଇବର୍ଷରେ ଲଳିତ ବାରିକ ୧୭ ଲକ୍ଷ ୩୦ ହଜାର ୪୪୪ ଟଙ୍କା ଯାତ୍ରୀ ଭଡା ଆତ୍ମସାତ୍ କରି ନିଜ ପାଇଁ ଘର, ଗାଡି ଓ ଜମି ଚାଷ ପାଇଁ ଟ୍ରାକ୍ଟର କିଣିଛନ୍ତି। ଅନିମିତତା ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲ୍ଲାପାଳ ଓଏସଆରଟିସି ଜିଲ୍ଲା ମ୍ୟାନେଜର ସତ୍ୟଜିତ ବିଷୋୟୀଙ୍କୁ ନିର୍ଦ୍ଦେଶ ଦେବା ପରେ ବିଶୋଇ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଲଳିତ ବାରିକଙ୍କ ନାମରେ ମାମଲା ରୁଜୁ ହୋଇଛି। ମ୍ୟାନେଜର ବିଷୋୟୀ କହିଛନ୍ତି, ଘଟଣା ସମ୍ପର୍କରେ ଯାଞ୍ଚ ଚାଲିଛି। ଖାଲି ଏହି ବ୍ଲକରେ ହୋଇଛି ନା ଅନ୍ୟ ବ୍ଲକରେ ହୋଇଛି ତାହାର ଯାଞ୍ଚ କରୁଛୁ। ବ୍ଲକକୁ ଯାଇ ସ୍ଥିତି ପରଖୁଛୁ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆମେ ଥାନାରେ ଅଭିଯୋଗ କରିଥିଲୁ।

**ଅନିୟମିତତା ଟଙ୍କାରେ ଟ୍ରାକ୍ଟର ଓ କାର୍ କିଣାଯାଇଥିବା ଅଭିଯୋଗ**

### ■ ଅବକାରୀ ବିଭାଗର ମିଳିତ ଚଢ଼ଉ

## ୮୩୦୦ ଲିଟର ମହୁଲ ପୋଚ ନଷ୍ଟ

ମୋରଡା,୧୩।୧୨(ସମିସ): ମୋରଡା ଅବକାରୀ ବିଭାଗ, ସଦର ରେଞ୍ଜ, ଦେଉଳି, ବେତନଟୀ, କୁଳିଅଣା ଅବକାରୀ ବିଭାଗ ଓ ମୋବାଇଲ ଟିମ ମିଳିତ ଭାବେ ଚଢ଼ଉ କରି ବିପୁଳ ପରିମାଣର ମହୁଲ ପୋଚ ନଷ୍ଟ କରିବା ସହିତ ଦେଶୀ ମଦ ଜବତ କରିଛନ୍ତି। ମୋରଡା ଅବକାରୀ ଅଧିକାରୀ ଦୀପକ କୁମାର ରାଉତଙ୍କ ସୂଚନା ମୁତାବକ, ଆଜି ପୂର୍ବାହ୍ନ ୧୧ଟାରେ ଉକ୍ତ ମିଳିତ ଟିମ ମୋରଡା ବ୍ଲକର ଭାଲୁକଡୁଆ, ତଳସାହିରେ ଥିବା ବେଆଇନ ଦେଶୀ ମଦ ଭାଟି ଉପରେ ଚଢ଼ଉ କରି ୮୩୦୦ ଲିଟର ମହୁଲ ପୋଚ ନଷ୍ଟ କରିବା ସହିତ ୮୩୦ ଲିଟର ଦେଶୀ ମଦ ଜବତ କରିଛି। ଏଥିସହିତ ମଦ ତିଆରି ପାଇଁ ବ୍ୟବହୃତ ଉପକରଣ ମଧ୍ୟ ଜବତ କରାଯାଇଛି। ଏ ନେଇ ଅବକାରୀ ଥାନାରେ ୧୫୬/୨୫ ଓ ୧୫୭/୨୫ରେ ଦୁଇଟି ମାମଲା ରୁଜୁ ହୋଇଛି।



# ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ସମାବେଶ

ବାରିପଦା,୧୩।୧୨(ସମିସ):

ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ରାଜ୍ୟ ଉପସଭାପତି କୈଳାସ ଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ସଂଘ କାର୍ଯ୍ୟାଳୟ ପରିସରରେ ଏକ ବିଶାଳ ଶ୍ରମିକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାରିପଦା ସର୍କଲର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟକ ଶ୍ରମିକ କର୍ମଚାରୀ ଯୋଗ ଦେଇଥିଲେ। ବର୍ତ୍ତମାନ ପରିସ୍ଥିତିରେ ଟାଟା ପାୱାରର ମନମୁଖୀ କାର୍ଯ୍ୟ ଓ ଉପଭୋକ୍ତାଙ୍କ ଘରେ ଜବରଦସ୍ତ ସ୍ମାର୍ଟ ମିଟର ବସାଇ ମାତ୍ରାଧିକ ବିଦ୍ୟୁତ ବିଲ୍ ନେବା, ଚାକିରି ଛାଡିଥିବା ଓ ମୃତ୍ୟୁବରଣ କରିଥିବା ଠିକା କର୍ମଚାରୀଙ୍କ ଖାଲିଥିବା ପଦବୀ ପୂରଣ ନ କରିବା, ବିଭିନ୍ନ ଆଳ ଦେଖାଇ କର୍ମଚାରୀଙ୍କୁ ବହିଷ୍କାର କରିବା, ଭିଜିଲାନ୍ସ ଅଧିକାରୀ ବିଦ୍ୟୁତ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରି ଧମକ ଦେବା, ଭିଜିଲାନ୍ସ ତଦାରଖ ଆଳରେ ବିଭିନ୍ନ ସ୍ଥାନରେ ନିରୀହ ବିଦ୍ୟୁତ ଗ୍ରାହକଙ୍କର ସ୍ମାର୍ଟ ମିଟର ବା ଇଲେକ୍ଟ୍ରୋଷ୍ଟାଟିକ୍ ମିଟର ବସିଥିବା ସ୍ଥଳେ ବେନିୟମ ଭାବେ ଘରେ ପଶି ବିଦ୍ୟୁତ ଉପକରଣର ଲୋଡ ନିର୍ଦ୍ଧାରଣ କରିବା, କୌଣସି ତ୍ରୁଟି ନଥାଇ ଭିଜିଲାନ୍ସ ଅଧିକାରୀ ସେମାନଙ୍କ କାର୍ଯ୍ୟକାଳ ବଢ଼ାଇବା ଉଦ୍ଦେଶ୍ୟରେ ଜରିମାନା କରିବା ଆଦି ଅଭିଯୋଗ କରାଯାଇଥିଲା। ଏ ସମ୍ବନ୍ଧରେ ଟାଟା ପାୱାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଦୃଷ୍ଟି ଆକର୍ଷଣ କରିବା ସକାଶେ ନିଷ୍ପତ୍ତି ନିଆଯାଇଛି। ଏହି ସମସ୍ୟାର ଉପଯୁକ୍ତ ସମାଧାନ କରା ନ ଗଲେ ସଂଘ ପକ୍ଷରୁ ତୀବ୍ର ଆନ୍ଦୋଳନ କରାଯିବାକୁ ଚେତାବନୀ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମସମ୍ପାଦକ ହିତେଶ ରାଉତ, ସର୍କଲ ସମ୍ପାଦକ କାନ୍ତିଲାଲ ବିଶ୍ୱାଳ, ବାରିପଦା ଡିଭିଜନ୍ ସମ୍ପାଦକ ଜଗଦୀଶ ମହାନ୍ତ, ଉଦଳା ଡିଭିଜନ୍ ସମ୍ପାଦକ ମନୋରଞ୍ଜନ ମହାନ୍ତ, ରାଇରଙ୍ଗପୁର ଡିଭିଜନ ସମ୍ପାଦକ ହୃଷିକେଶ ମହାନ୍ତ, ସହସମ୍ପାଦକ ସଂଜୟ ମହାନ୍ତ, ମନୋଜ ମହାନ୍ତ ଓ ସଂଗଠନ ସମ୍ପାଦକ ବିଜେନ୍ଦ୍ର ଗିରି, କାର୍ଯ୍ୟକାରୀ କମିଟି ସଦସ୍ୟ ଦେବଦତ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



## ବାଚ୍ଛୁରିପଡ଼ା କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା




ପୁରୁଣିଆ,୧୩।୧୨(ସମିସ): ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କୁ ପୁନର୍ବାର ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଆସ ସ୍କୁଲ ଯିବା ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ଯୋଜନାର ଅଂଶସ୍ୱରୂପ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ପରିଚାଳନା ସମିତିର ସଭାପତି, ୱାର୍ଡ ମେମ୍ବର, ସରପଞ୍ଚ, ସମିତିସଭ୍ୟ, ଅଙ୍ଗନବାଡି ଦିଦି ଓ ପୁରାତନ ଛାତ୍ର ସଂଘର ସଭାପତି, ସମ୍ପାଦକ ଓ ସକ୍ରିୟ ଅଭିଭାବକଙ୍କୁ ନେଇ ପୁରୁଣିଆ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଶିକ୍ଷାସଭା ଅନୁଷ୍ଠିତ ହୋଇଯାଇଛି। ସିଆରସିସି ରାଜେଶ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ଶିକ୍ଷାସଭାକୁ ବରିଷ୍ଠ ଶିକ୍ଷକ କୃତ୍ତିବାସ ପଢ଼ିଆରୀ ଓ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ସାହୁ ପ୍ରଦୀପ ପ୍ରଜ୍ଜଳନ କରି ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଗୋବିନ୍ଦ ମହାନ୍ତ, ଜନ୍ମେଜୟ ସ୍ୱାଇଁ, ପରେଶ ପାଣି ବକ୍ତବ୍ୟ ପ୍ରଦାନ କରିଥିଲେ। ଅଙ୍ଗାରୁଆର ୱାର୍ଡ ମେମ୍ବର ଭାରତୀ ସିଂ ଯୋଗଦେଇ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ସୁବାସ ଜେନା ମଞ୍ଚ ପରିଚାଳନା କରିଥିଲେ।

# ୧୯ରେ 'ମଟରସାଇକେଲ'



ଡିସେମ୍ବର ୧୯ ତାରିଖରେ ପ୍ରେକ୍ଷାଳୟକୁ ଆସିବାକୁ ଯାଉଛି ବାବୁ ଭାଇ ପ୍ରଡକସନର ନୂଆ ଓଡ଼ିଆ ସିନେମା 'ମଟରସାଇକେଲ'। ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ଜ୍ୟୋତି, ଅଭିଷେକ, ଆଲିସା ସାମନ୍ତରାୟ, କୁନା ତ୍ରିପାଠୀ, ପ୍ରୀତି ବିଶ୍ୱାଳ, ସୁଶାନ୍ତ ଦାସ ମହାପାତ୍ର ପ୍ରମୁଖ ଅଭିନୟ କରିଛନ୍ତି। ସିନେମାର ପ୍ରଯୋଜିକା ଝୁନିଲତା ବିଶ୍ୱାଳ ଏବଂ କାର୍ଯ୍ୟନିର୍ବାହୀ ପ୍ରଯୋଜିକା ଭାବେ ଅଛନ୍ତି ପ୍ରେରଣା ପ୍ରତୀକ୍ଷା। ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଅମିତ ଓ ପ୍ରଣବ। ଏଥିରେ ଡାକ୍ତର ନିର୍ମଳ ନାୟକଙ୍କ ଗୀତକୁ ସୁନ୍ଦର ଭାବେ ସଂଗୀତରେ ସଜାଇଛନ୍ତି ସୋମେଶ ଶତପଥୀ। ଫ୍ୟାମିଲି ଡ୍ରାମା ଉପରେ ଆଧାରିତ ଏହି ସିନେମାକୁ ଦର୍ଶକେ ପସନ୍ଦ କରିବେ ବୋଲି ପୂରା ଟିମ୍ ଆଶାବାଦୀ ଅଛି। ■

ଟେଲିଭିଜନ ପ୍ରିମିୟର



# 'ସାହା ହେବେ ମୋତେ ମା ମଙ୍ଗଳା'

ଡିସେମ୍ବର ୧୪ ତାରିଖ ସନ୍ଧ୍ୟା ୬ଟା ୩୦ରେ ଜୀ ସାର୍ଥକରେ ଟେଲିଭିଜନ ପ୍ରିମିୟର ହେବ 'ସାହା ହେବେ ମୋତେ ମା ମଙ୍ଗଳା'। କ୍ଷୀରୋଦ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ଏବଂ ଅଜୟ ସିଂଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ସାମାଜିକ ଜୀବନରେ ଭକ୍ତିର ଶକ୍ତି କିପରି ଆମକୁ ସବୁବେଳେ ରକ୍ଷା କରେ, ତାହାକୁ ନେଇ ଏହା ଏକ ସୁନ୍ଦର କାହାଣୀ। ପ୍ରିୟବ୍ରତ ପଣ୍ଡାଙ୍କ ଲିଖିତ ଏହି ଫିଲ୍ମରେ ତୁଷାର ଏବଂ ସିମରନ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ସିନେମାଟି ଗୌରୀ ନାମକ ଏକ ଝିଅର ବିବାହ ଓ ତା'ର ପରବର୍ତ୍ତୀ ରୋମାଞ୍ଚ ଉପରେ ଏକ ଭିନ୍ନ କାହାଣୀ। ମା' ମଙ୍ଗଳାଙ୍କ ଆଶୀର୍ବାଦପ୍ରାପ୍ତ ଏକ ସରଳ ଗ୍ରାମୀଣ ଝିଅ ଗୌରୀ ଆକସ୍ମିକ ଭାବେ ସୁପରଷ୍ଟାର୍ ରାଜକୁମାର ଚୌଧୁରୀଙ୍କ ସହ ଏକ ମିଛ ବିବାହ ହୋଇଯାଏ। ଏହା ପରେ ଗୌରୀର ଶାନ୍ତ ଜୀବନରେ ଆସେ ବହୁତ କିଛି ପରିବର୍ତ୍ତନ। କାରଣ ଗୌରୀ ଏହି ବିବାହକୁ ପ୍ରକୃତ ବୋଲି ବିଶ୍ୱାସ କରିଛି। ପରିସ୍ଥିତିର ବାଧ୍ୟବାଧକତା ପାଇଁ ରାଜଙ୍କ ପରିବାର ଗୌରୀକୁ ନିଜ ସ୍ତ୍ରୀ ଭାବରେ ଗ୍ରହଣ କରନ୍ତି। ଅନ୍ୟପଟେ ଈର୍ଷାଳୁ ଅଙ୍କିତା ଯିଏକି ରାଜଙ୍କୁ ଭଲପାଏ, ତାକୁ ପାଇବା ପାଇଁ ବ୍ୟାକୁଳ ହୋଇ କଳା ଯାଦୁ ଆଡ଼କୁ ମୁହାଁଇ ଥାଏ। ରାଜକୁ ରହସ୍ୟମୟ ଭାବରେ ଆଘାତ ଦେଇ ଚାଲେ। ବର୍ତ୍ତମାନ କେବଳ ଗୌରୀର ଦିବ୍ୟ ଶକ୍ତି ହିଁ ପ୍ରକୃତ ସତ୍ୟକୁ ଉନ୍ମୋଚନ କରିପାରିବ ଏବଂ ତାଙ୍କୁ ରକ୍ଷା କରିପାରିବ। ଏହି ଚଳଚ୍ଚିତ୍ରରେ ଡ. ନିର୍ମଳ ନାୟକଙ୍କ ଲିଖିତ ଗୀତକୁ ସଙ୍ଗୀତରେ ସଜାଇଛନ୍ତି ପ୍ରଶାନ୍ତ ପାଢ଼ୀ। କଣ୍ଠଦାନ କରିଛନ୍ତି ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ସତ୍ୟଜିତ୍। ଏହି ସିନେମାଟି ସାର୍ଥକରେ ସପରିବାର ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ଆଶା କରାଯାଉଛି। ■

# ଖଳନାୟକ ଚରିତ୍ରରେ ଶୁଭମ୍



ଖୁବଶୀଘ୍ର ପ୍ରେକ୍ଷାଳୟକୁ ଆସିବାକୁ ଯାଉଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଚକ୍ରାନ୍ତ'। ଲକ୍ଷେଶ୍ୱର ପ୍ରଡ଼କ୍ସନ ବ୍ୟାନରରେ ପ୍ରସ୍ତୁତ ତଥା ସୌରଭ ପାଢ଼ୀଙ୍କ ପ୍ରଯୋଜିତ ଏହି ନୂଆ ଓଡ଼ିଆ ଚଳଚ୍ଚିତ୍ରରେ ପ୍ରଥମଥର ପାଇଁ ଭୂମିକାଙ୍କ ସହିତ ନାୟକ ଶୁଭାଶିଷ ଶର୍ମା ଓରଫ୍ ମଣ୍ଟୁ ନଜର ଆସୁଛନ୍ତି। ତେବେ ଚଳଚ୍ଚିତ୍ରରେ ଖଳନାୟକ ଚରିତ୍ରରେ ଜଣେ ନୂଆ ଚେହେରା ଦେଖିବାକୁ ମିଳିବ। ସେ ହେଲେ ଶୁଭମ୍ ପାଢ଼ୀ। ଶୁଭମ୍ ଖୁବ୍ କମ୍ ବୟସରୁ ଖଳନାୟକ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଗୁରୁଦାୟିତ୍ୱ ମୁଣ୍ଡକୁ ନେଇଛନ୍ତି। ପ୍ରଥମ କରି ସେ ଖଳନାୟକ ଚରିତ୍ରରୁ ତାଙ୍କର ଓଲିଉଡ୍ ଯାତ୍ରା ଆରମ୍ଭ କରିବାକୁ ଯାଉଛନ୍ତି। ଓଲିଉଡ୍‌ରେ ଶୁଭମଙ୍କ ପ୍ରଥମ ପାଦ ତାଙ୍କୁ କେଉଁ ଆଡ଼କୁ ନେବ, ତାହା ତ ଚଳଚ୍ଚିତ୍ର ଦେଖିବା ପରେ ଜଣାପଡ଼ିବ। ଶୁଭମ ଯୁକ୍ତ ତିନିର ଛାତ୍ର। ସେ ଅଡ଼ଶପୁର ଅଟୋନମୋସ କଲେଜରେ ପାଠ ପଢୁଛନ୍ତି। ପାଠପଢ଼ା ସହ ସେ ତାଙ୍କର ଅଭିନୟ ଯାତ୍ରକୁ ଆଗେଇ ନେବାକୁ ଇଚ୍ଛାକୁ ରଖିଛନ୍ତି। ଚକ୍ରାନ୍ତର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଭାର କାନ୍ଧେଇଛନ୍ତି ପିନୁ ନାୟକ। କାହାଣୀ ରଚନାରେ ଦିଶା ପାଢ଼ୀ ଥିବା ବେଳେ ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ର କୁମାର ବରାଳ। ଚଳଚ୍ଚିତ୍ରରେ ଅନ୍ୟମାନଙ୍କ ମଧ୍ୟରେ ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭି, ସୌମ୍ୟ ଶତପଥୀ, ସୁମନ ମହାନ୍ତି ପ୍ରମୁଖଙ୍କ ସମେତ ଅତିଥି କଳାକାର ଭାବେ ଅଶ୍ରୁମୋଚନ ମହାନ୍ତି ଅଭିନୟ କରିଛନ୍ତି। ■

# 'ଛୁମନ୍ତର' ଛାଡ଼ିଲେ ଅନନ୍ୟା



ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ 'ଛୁମନ୍ତର' ସିନେମାରେ ନଜର ଆସିଥାନ୍ତେ। ଏବେ ସେ ଏହି ସିନେମାକୁ ଛାଡ଼ି ଦେଇଛନ୍ତି। ତେବେ ସେ ଏହି ସିନେମା କାହିଁକି ଛାଡ଼ିଲେ, ତାହାର କାରଣ ବି କହିଛନ୍ତି। ଅନନ୍ୟା 'କଲ ମି ବେ -୨' ସୁଟିଂ ସହିତ ଏହି ସିନେମାର ତାଳମେଳ ରହିବ ନାହିଁ। ତେବେ 'କଲ୍ ମି ବେ-୨' ସିନେମାର ସୁଟିଂ ଆରମ୍ଭ ହୋଇଛି। ତେଣୁ ଏଥିରେ ବ୍ୟସ୍ତ ରହି ଅନନ୍ୟା 'ଛୁମନ୍ତର' ସିନେମାକୁ ସମୟ ଦେଇପାରିବେ ନାହିଁ। ଫଳରେ ସେ ଏଥିରୁ ଓହରି ଯିବାକୁ ଉଚିତ ମଣିଲେ। ଅନନ୍ୟା ସିନେମାରୁ ଓହରି ଯାଇଥିବା ଖବର ସାମ୍ନାକୁ ଆସିବା ପରେ ତାଙ୍କ ପ୍ରଶଂସକଙ୍କ ମନ ଦୁଃଖ ହୋଇଛି। ଏହି ଫାଟାନ୍ସି ରୋମାଣ୍ଟିକ୍ ସିନେମାର ପ୍ରସ୍ତୁତି କାହିଁ କେଉଁ ମାସରୁ ଆରମ୍ଭ ହେଲାଣି। ସେହିପରି ଏଥିରୁ ଅନନ୍ୟା ଓହରିବା ପରେ ସିନେମାର କାଷ୍ଟରେ ବି ପରିବର୍ତ୍ତନ ଆସିଥିବା କୁହାଯାଉଛି। ସାଉଥ୍ ସୁନ୍ଦରୀ ଶ୍ରୀଲୀଲା ଏବଂ ଜାନ୍‌ହ୍ୱୀ ବୋଡିୱାଲାଙ୍କୁ ଅନନ୍ୟାଙ୍କ ସ୍ଥାନରେ ଏହାର ନିର୍ମାତା ନେଲେ। ■

# "ଜୀବନ ଥିବା ଯାଏଁ ଅଭିନୟ କରୁଥିବି"

**ସୁଲଗ୍ନା ନାୟକ, ଅଭିନେତ୍ରୀ**

ସେ ମଞ୍ଚରେ ଜୀବନ୍ତ ଅଭିନୟ କରନ୍ତି। ମଞ୍ଚ ନାଟକରେ ଲୋକପ୍ରିୟତା ହାସଲ କରି ସେ ଓଡ଼ିଆ ଧାରାବାହିକରେ ଭାଗ୍ୟ ପରୀକ୍ଷା କରିଥିଲେ। ଅନେକ ଧାରାବାହିକରେ ନାୟିକା ଭାବେ ସେ ଚମତ୍କାର ଅଭିନୟ କରିଛନ୍ତି। ଏହି ପ୍ରତିଭାମୟୀ ଅଭିନେତ୍ରୀ ହେଉଛନ୍ତି ସୁଲଗ୍ନା ନାୟକ। ଭଦ୍ରକ ଜିଲ୍ଲାରେ ତାଙ୍କର ଜନ୍ମ। କଟକରେ ସେ ବଡ଼ ହୋଇଛନ୍ତି। 'ଶଙ୍ଖା ସିନ୍ଦୂର' ତାଙ୍କର ଡେବ୍ୟୁ ଧାରାବାହିକ। ସେ ଅନେକ ଧାରାବାହିକ, ଟେଲିଫିଲ୍ମ, ମ୍ୟୁଜିକ୍ ଭିଡିଓ ଆଦିରେ ଅଭିନୟ କରିଛନ୍ତି। ଧାରାବାହିକ ବା ମଞ୍ଚ ନାଟକ କେଉଁଥିରେ ସୁଲଗ୍ନା ନିଜ କ୍ୟାରିୟର ଗଢ଼ିବାକୁ ଚାହୁଁଛନ୍ତି ଜାଣିବା ତାଙ୍କ ମୁହଁରୁ।



**ମଞ୍ଚ ଅଭିନେତ୍ରୀରୁ ଧାରାବାହିକରେ ଅଭିନୟ କରିବାକୁ କାହିଁକି ଆଗ୍ରହ ପ୍ରକାଶ କଲେ?**

● ମୋ ବାପା ଜଣେ ଜଣାଶୁଣା ଥିଏଟର୍ ନିର୍ଦ୍ଦେଶକ ଥିଲେ। ସେ ଚାହୁଁଥିଲେ ମୁଁ ଭବିଷ୍ୟତରେ ନିର୍ଦ୍ଦେଶନା ଦେବି। ହେଲେ ମୋର ମଞ୍ଚ ନାଟକ ପ୍ରତି ପିଲାଦିନରୁ ଦୁର୍ବଳତା ରହିଲା। ସ୍କୁଲରେ ପଢ଼ିବା ସମୟରୁ ମଞ୍ଚନାଟକ ସହିତ ଜଡ଼ିତ ରହିଲି। 'ମାଟିର ମଣିଷ', 'ଚଇତୁ' ଆଦି ନାଟକରେ ଅଭିନୟ କରିଛି। ପରେ ଓଲିଉଡ୍ ଜଗତରେ ଅଭିନୟ କରିବା ପାଇଁ ଅଡିସନ୍ ଦେଇଥିଲି। 'ଶଙ୍ଖା ସିନ୍ଦୂର' ମୋର ପ୍ରଥମ ଧାରାବାହିକ। ଏଥିରେ ମୋର ଚରିତ୍ର ଥିଲା 'ମିଲି'। ଏହି ଚରିତ୍ର ମୋ କ୍ୟାରିୟର ପାଇଁ ଏକ ମାଇଲ୍‌ଷ୍ଟୋନ୍ ଥିଲା। 'ଜ୍ୱାଇଁ ନଂ ୧', 'ମେକାନିକ୍ ଦିଦି', 'ଜୟ ମା ଲକ୍ଷ୍ମୀ'," ଆଦି ଅନେକ ଧାରାବାହିକରେ ଅଭିନୟ କରିଛି। ଟେଲି ଫିଲ୍ମ 'ବାଜି ଲାଗିଛି ମୋ ଶଙ୍ଖା ସିନ୍ଦୂର', 'କବିତା, ବନିତା, ଲତା' ରେ କାମ କରିବାକୁ ସୁଯୋଗ ମିଳିଛି।

**ପ୍ରଥମ ସୁଟିଂ ସେଟ୍‌ର ଅନୁଭୂତି?**

● ମଞ୍ଚରେ ସିଧାସଳଖ ଦର୍ଶକଙ୍କ ସାମ୍ନାରେ ସଂଳାପ ପରିବେଷଣ କରିବାରେ କେବେ ସମସ୍ୟା ହୋଇନି। ହେଲେ 'ଶଙ୍ଖା ସିନ୍ଦୂର'ର ସୁଟିଂ ସେଟ୍‌ରେ ପ୍ରଥମ ଦିନରେ ମୁଁ ଭୟ କରିଥିଲି। ସବୁକିଛି ଭୁଲ୍‌ଭାଲ୍ କରୁଥିଲି। 'ମିଲି' ଚରିତ୍ର ମୋ ନିଜ ସହିତ ସମାନ ଥିବାରୁ ଚରିତ୍ରକୁ ନେଇ ଭୟ ନଥିଲା। ବରଂ ଟେକ୍‌ନିକ୍ ଦୃଷ୍ଟିରୁ ଭୟ ଲାଗିଥିଲା। ଏନେଇ ନିର୍ଦ୍ଦେଶକ ଏବଂ ବରିଷ୍ଠ କଳାକାରମାନେ ମୋତେ ଭୟ ଛାଡ଼ି ଭଲ ଅଭିନୟ କରିବାକୁ ପରାମର୍ଶ ଦେଇଥିଲେ।

**ସୁଟିଂ ନଥିଲେ କ'ଣ କରନ୍ତି?**

● ରୋଷେଇ କରିବାକୁ ଭଲ ପାଏ। ଓଡ଼ିଆ ଉପନ୍ୟାସ ପଢ଼େ। ମୁଁ ଜଣେ ପଶୁପ୍ରେମୀ। ଘରେ ଆହତ ବୁଲାକୁକୁର, ବିଲେଇ, ଗାଈଙ୍କର ଯତ୍ନ ନେବାକୁ ଭଲ ପାଏ। ସେଥିରୁ ମୋତେ ଆତ୍ମସନ୍ତୋଷ ମିଳିଥାଏ।

**ଅଭିନୟକୁ ଉଚ୍ଚକୋଟୀର କରିବାକୁ ସୁଲଗ୍ନା କ'ଣ କରନ୍ତି?**

● ଅଭିନୟ ସବୁବେଳେ ଜୀବନ୍ତ ହେବା ଦରକାର। ମଞ୍ଚ ହେଉ କି ସୁଟିଂ ସେଟ୍। କାରଣ ଦର୍ଶକଙ୍କ ପ୍ରଥମ ଶୁଭଦୃଷ୍ଟି ଅଭିନୟ ଉପରେ ହିଁ ପଡ଼ିଥାଏ। ତେଣୁ ମୋତେ ଯେଉଁ ଚରିତ୍ର ମିଳିଥାଏ, ଏହାକୁ ସଠିକ୍ ଢଙ୍ଗରେ ଉପସ୍ଥାପନା କରେ। ଅଭ୍ୟାସ ଜାରି ରଖେ।

**ଆଗାମୀ ଯୋଜନା?**

● ସମୟ ସୁଯୋଗକୁ କେହି ବି ହାତଛଡ଼ା କରିବାକୁ ଚାହାଁନ୍ତିନି। ଏବେ ମଞ୍ଚ ନାଟକ କରୁଛି। ଆଗାମୀ ଦିନରେ ଭଲ କାହାଣୀର ସିନେମା ମିଳିବାକୁ ଅପେକ୍ଷା କରିଛି। ଏଥିପାଇଁ ନିଜକୁ ପ୍ରସ୍ତୁତ କରୁଛି। ମଞ୍ଚ ନାଟକରୁ ମୋ କ୍ୟାରିୟର ଆରମ୍ଭ। ଜୀବନ ଥିବା ଯାଏଁ ମଞ୍ଚନାଟକରେ ଅଭିନୟ କରୁଥିବି।

**ଇଣ୍ଡଷ୍ଟ୍ରିରେ ତିଷ୍ଠି ରହିବାର ଉପାୟ?**

● ମୋ ବାପା ଏହି ଲାଇନ୍‌ରେ ଚିହ୍ନା ମୁହଁ ଥିଲେ। ତେଣୁ ଅଭିନେତ୍ରୀ ହେବା ପାଇଁ ମୁଁ କାହାର ସାହାଯ୍ୟ ନେଇନଥିଲି। ନିଜର ପ୍ରତିଭା ଆଉ ଧୈର୍ଯ୍ୟ ବଳରେ ମୁଁ ଏତେ ବାଟ ଆସିପାରିଛି। ତେଣୁ ଏହି ଲାଇନ୍‌ରେ ତିଷ୍ଠି ରହିବାକୁ ହେଲେ ଆତ୍ମବିଶ୍ୱାସ ରଖି କାମ କରିବା ଜରୁରି।

**ଅଭିନୟ ଜଗତକୁ ଆସୁଥିବା ପିଲାଙ୍କୁ କ'ଣ କହିବେ?**

● ଅଭିନୟରେ ପାରଙ୍ଗମ ହେବାକୁ ହେଲେ ପ୍ରଥମେ ମଞ୍ଚନାଟକ କରିବା ଆବଶ୍ୟକ ବୋଲି ମୁଁ ଭାବେ। ଅଧିକାଂଶ କଳାକାର ହେବାକୁ ଫିଟ୍‌ନେସ୍, ଲୁକ୍, ଅଙ୍ଗଭଙ୍ଗୀ, କଷ୍ଟ୍ୟୁମ ଆଦିକୁ ଅଧିକ ଗୁରୁତ୍ୱ ଦିଅନ୍ତି। ହେଲେ ପ୍ରଥମେ ଅଭିନୟକୁ ଗୁରୁତ୍ୱ ଦିଅନ୍ତୁ। ନିଜକୁ ମିଳୁଥିବା ଚରିତ୍ରକୁ କେତେ ମାତ୍ରାରେ କରିବେ ତାହାକୁ ଧ୍ୟାନ ଦିଅନ୍ତୁ। ଗୁରୁଜନଙ୍କଠାରୁ ଶିଖିବା ମନୋବୃତ୍ତି ରଖନ୍ତୁ। ■

ପରଦା ପଛର କାହାଣୀ

# ଚାରିଧାଡ଼ି ଭାବନାରୁ ନିର୍ମିତ ଫିଲ୍ମ

ସିନେ ନିର୍ଦ୍ଦେଶକ ରମେଶ ସିପ୍ପିଙ୍କ ନିର୍ଦ୍ଦେଶିତ ଏକ ଚର୍ଚ୍ଚିତ ଫିଲ୍ମ 'ଶୋଲେ'। ବଲିଷ୍ଟାର୍ ଅମିତାଭ ବଚ୍ଚନ ଓ ଧର୍ମେନ୍ଦ୍ରଙ୍କ କ୍ୟାରିୟରରେ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଥିଲା ଏହି ଫିଲ୍ମଟି। ସେହିପରି ଫିଲ୍ମର କାହାଣୀ ଲେଖକ ସଲିମ୍ ଖାନ୍ ଏବଂ ଜାଭେଦ ଅଖତରଙ୍କ କ୍ୟାରିୟରରେ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଥିଲା। ତେବେ ଫିଲ୍ମର କାହାଣୀକୁ ନେଇ ଏକ ରୋଚକୀୟ କଥା ରହିଛି। ଏହାର କାହାଣୀ କେବଳ ଚାରିଧାଡ଼ିର ଭାବନାକୁ ନେଇ ନିର୍ମିତ ହୋଇଥିଲା। ଆଶ୍ଚର୍ଯ୍ୟଜନକ କଥା ହେଉଛି ଏହାର ପଟ୍ଟକଥା ଓ ଚରିତ୍ର ବାସ୍ତବ ଜୀବନ ଉପରେ ଆଧାରିତ। ଫିଲ୍ମର ଲେଖକ ନିଜ ବ୍ୟକ୍ତିଗତ ଜୀବନର ଅନୁଭବକୁ କାହାଣୀର ରୂପ ଦେଇଛନ୍ତି। ମାତ୍ର ଚାରିଧାଡ଼ି ଭାବନାରୁ ନିର୍ମିତ ହୋଇଥିବା 'ଶୋଲେ' ଭାରତୀୟ ଚଳଚ୍ଚିତ୍ର ଇତିହାସରେ କାଳଜୟୀ ହୋଇଗଲା। ସଲିମ୍ - ଜାଭେଦ ମିଳିତ ଭାବେ ଏହି ଫିଲ୍ମର କାହାଣୀକୁ ଗତିଶୀଳ କରାଇଥିଲେ। ଏହାର କାହାଣୀ ଦୁଇଜଣ ଅପରାଧୀ ଜୟ ଏବଂ ବୀରୁ ଉପରେ ଆଧାରିତ। ଏଥିରେ ଜୟ ଚରିତ୍ରରେ ଅମିତାଭ ବଚ୍ଚନ ଓ ଭୀରୁ ଭୂମିକାରେ ଧର୍ମେନ୍ଦ୍ର ଚମତ୍କାର ଅଭିନୟ କରିଥିଲେ। ସଲିମ୍ ଖାନ୍ ନିଜର ଦୁଇ ବନ୍ଧୁଙ୍କ ବାସ୍ତବ ଜୀବନକୁ ନେଇ ଏହି ଫିଲ୍ମର କାହାଣୀ ଲେଖିଥିଲେ। ଦୁହେଁ ସଲିମ୍‌ଙ୍କର କଲେଜ ବନ୍ଧୁ ଥିଲେ। ଜଣେ ଜମିଦାରଙ୍କ ପୁଅ ଥିବାବେଳେ ଅନ୍ୟ ଜଣେ କୃଷକ ଥିଲେ। ସେ ଦୁହିଁଙ୍କଠାରୁ ପ୍ରେରଣା ପାଇ ସଲିମ୍ ଏହି ଫିଲ୍ମର କାହାଣୀ ଲେଖିଥିଲେ। ସେହିପରି 'ଶୋଲେ'ର ଡାକୁ ଗବ୍ବର ସିଂ ଚରିତ୍ର ପାଇଁ ବାସ୍ତବରେ ଜଣେ କୁଖ୍ୟାତ ଅପରାଧୀଙ୍କଠାରୁ ପ୍ରେରଣା ଲାଭ କରିଥିଲେ। ତାଙ୍କ ନାଁ ମଧ୍ୟ ଥିଲା ଗବ୍ବର। ସେ ଖୁବ୍ କୁକୁର ପାଳନ କରୁଥିଲେ। ସଲିମ ଖାନ୍ ତାଙ୍କ ପିତାଙ୍କଠାରୁ ଏହି ଡାକୁର କାହାଣୀ ଶୁଣିଥିଲେ। ଫିଲ୍ମର କାହାଣୀ ପୂରା କରିବା ପାଇଁ ସଲିମ୍- ଜାଭେଦ ନିଜ ଶାଶୁ ଶ୍ୱଶୁରଙ୍କୁ ମଧ୍ୟ ଏଥିରେ ସାମିଲ କରାଇଥିଲେ। 'ଶୋଲେ'ର ବସନ୍ତୀ ଏବଂ ଠାକୁର ଚରିତ୍ର ସେଠାରୁ ସୃଷ୍ଟି ହୋଇଛି। ସେହିପରି 'ଶୋଲେ'ରେ ଠାକୁର ଚରିତ୍ର ସଲିମ୍ ନିଜ ଶ୍ୱଶୁର ବଳଦେବ ସିଂଙ୍କଠାରୁ ପ୍ରେରଣା ପାଇ ସୃଷ୍ଟି କରିଥିଲେ। ଫିଲ୍ମରେ ଏହି ଚରିତ୍ରର ନାମ ବଳଦେବ ସିଂ ଠାକୁର ମଧ୍ୟ ଥିଲା। ଏହି ଫିଲ୍ମ ନିର୍ମାଣ ପାଇଁ ଛଅ ବର୍ଷ ସମୟ ଲାଗିଥିଲା। ଫିଲ୍ମର ଏକ ଦୃଶ୍ୟ ୨୩ ଦିନ ଏବଂ ଆଉ ଦୃଶ୍ୟ ସୁଟିଂ ପାଇଁ ତିନିବର୍ଷ ସମୟ ଲାଗିଥିଲା। ଠାକୁରଙ୍କ ପରିବାର ସଦସ୍ୟଙ୍କୁ ଗବ୍ବର ମାରିବାର ଦୃଶ୍ୟଟି ୨୩ ଦିନରେ ସୁଟିଂ ହୋଇଥିଲା। ସେହିପରି ଜୟ ରାଧାଙ୍କ ଏକ ଦୃଶ୍ୟ ୩ ବର୍ଷରେ ସୁଟ୍ ହୋଇଥିଲା। ୨୦୧୭ ମସିହାରେ ଅମିତାଭ ବଚ୍ଚନ ଏହା ସଂପର୍କରେ କହିଥିଲେ। ୫୦ ବର୍ଷ ପୂର୍ବେ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ୫୦ କୋଟି ଆୟ କରିଥିଲା। ■



# ମେସିଙ୍କ ପାଇଁ କୋଲକାତା ପାଗଳ







କୋଲକାତା/ ହାଇଦରାବାଦ୍, ୧୩।୧୨(ଏଜେନ୍ସି):

ବିଶ୍ୱବିଖ୍ୟାତ ଫୁଟବଲ ଖେଳାଳି ଆର୍ଜେଣ୍ଟିନାର ଲିଓନେଲ ମେସିଙ୍କ ଭାରତ ଗସ୍ତ କିଛି ସମର୍ଥକଙ୍କୁ ଆନନ୍ଦ ଦେଇଥିଲାବେଳେ କୋଲକାତା ସମର୍ଥକଙ୍କୁ ନିରାଶ କରିଛି। ମେସିଙ୍କ ଗସ୍ତବେଳେ କୋଲକାତାରେ ହଙ୍ଗାମା ହୋଇଥିଲା। ଏଥିଲାଗି ତୀବ୍ର ସମାଲୋଚନା ହେବା ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଦର୍ଶକ ଓ ମେସିଙ୍କୁ କ୍ଷମା ମାଗିଛନ୍ତି। ମୁଖ୍ୟ ଆୟୋଜକଙ୍କୁ ଗିରଫ କରାଯାଇଛି ଓ ଦର୍ଶକଙ୍କୁ ସେମାନଙ୍କ ଅର୍ଥ ଫେରସ୍ତ ଦିଆଯିବ ବୋଲି ଘୋଷଣା କରାଯାଇଛି। ଅନ୍ୟ ପକ୍ଷରେ କୋଲକାତା ପରେ ହାଇଦରାବାଦ୍‌ରେ ମେସି ପହଞ୍ଚିବା ପରେ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ସହଜରେ ସବୁକିଛି ଆୟୋଜିତ ହୋଇଥିଲା।

**କୋଲକାତା:** ଭାରତ ଗସ୍ତର ପ୍ରଥମ କାର୍ଯ୍ୟକ୍ରମ କୋଲକାତାର ସଲ୍ଟଲେକ୍ ଷ୍ଟାଡିୟମ୍‌ରେ ଆୟୋଜିତ ହେବାର ଥିଲା। ସହରର ମୁଖ୍ୟସ୍ଥଳରେ ତାଙ୍କର ଏକ ୭୦ ଫୁଟ ଉଚ୍ଚ ପ୍ରତିମୂର୍ତ୍ତିକୁ ସେ ଉନ୍ମୋଚନ କରିଥିଲେ। ନିର୍ଦ୍ଧାରିତ ସମୟରେ ଷ୍ଟାଡିୟମ୍‌ରେ ଭରପୁର ଦର୍ଶକଙ୍କ ଉପସ୍ଥିତିରେ ମେସି ଷ୍ଟାଡିୟମ ଭିତରକୁ ପ୍ରବେଶ କରିଥିଲେ। ଏହି ସମୟରେ ଆୟୋଜକ, ମନ୍ତ୍ରୀ, ବିଧାୟକ, ଭିଆଇପିମାନେ ତାଙ୍କୁ ଘେରି ରହିଥିଲେ। ଅଳ୍ପସମୟ ପରେ ତାଙ୍କୁ ହଠାତ୍ ଷ୍ଟାଡିୟମ୍ ବାହାରକୁ ନିଆଯାଇଥିଲା। ସଲ୍ଟଲେକ୍ ଷ୍ଟାଡିୟମ୍‌ରେ ତାଙ୍କ ଅନୁପସ୍ଥିତି ଜାଣିବା ପରେ ବହୁ ଉଚ୍ଚ ଦରରେ ଟିକଟ କିଣି ଉପସ୍ଥିତ ଥିବା ଦର୍ଶକ ଓ ସମର୍ଥକଙ୍କ ମଧ୍ୟରେ ନିରାଶା ଖେଳିଯାଇଥିଲା। ଦର୍ଶକମାନେ କ୍ଷୁବ୍ଧ ହୋଇ ଷ୍ଟାଡିୟମ୍‌ରେ ଭଙ୍ଗାରୁଜା ଆରମ୍ଭ କରିଦେଇଥିଲେ। ମନ୍ତ୍ରୀ, ଭିଆଇପି ମେସିଙ୍କୁ ଏପରି ଘେରି ଯାଇଥିଲେ ଯେ, ତାଙ୍କୁ ଦେଖିବା ମଧ୍ୟ ଷ୍ଟାଡିୟମ୍‌ରେ ଉପସ୍ଥିତ ଦର୍ଶକଙ୍କ ପକ୍ଷେ ସମ୍ଭବ ହୋଇପାରି ନ ଥିଲା। ଫଳରେ ଷ୍ଟାଡିୟମ୍‌ରେ ଅରାଜକତା ସୃଷ୍ଟି ହୋଇଯାଇଥିଲା ଓ ଆୟୋଜକମାନେ ଏହାକୁ ନିୟନ୍ତ୍ରଣ କରିପାରି ନ ଥିଲେ। ଏହି ଗଣ୍ଡଗୋଳିଆ ଘଟଣା ପରେ ଆୟୋଜକ ଓ ପଶ୍ଚିମବଙ୍ଗ ସରକାରଙ୍କୁ ସବୁଆଡୁ ତୀବ୍ର ସମାଲୋଚନା କରାଯାଇଥିଲା। କୋଲକାତାରେ ମେସିଙ୍କର ଅଢ଼େଇଘଣ୍ଟାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ଏହା ଅଧଘଣ୍ଟାରେ ଶେଷ ହୋଇଯାଇଥିଲା। ସୁରକ୍ଷା ଆଳ ଦେଖାଇ ତାଙ୍କୁ ଆଉ କୌଣସି କାର୍ଯ୍ୟକ୍ରମରେ ଭାଗ ନେବାକୁ ଅନୁମତି ଦିଆଯାଇ ନ ଥିଲା। ଅଘଟଣ ପରେ କୋଲକାତା ପୁଲିସ୍ ମୁଖ୍ୟ ଆୟୋଜକ ଶତ୍ରୁଦା ଦତ୍ତାଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଛି। ଉଚ୍ଚଦର ଦେଇ ଟିକଟ କିଣିଥିବା ଦର୍ଶକଙ୍କୁ ଅର୍ଥ ଫେରସ୍ତ ଦେବାକୁ ଘୋଷଣା କରାଯାଇଛି।

### ହାଇଦରାବାଦ୍‌ରେ ଖେଳିଲେ ମ୍ୟାଚ୍

**ହାଇଦରାବାଦ୍:** କୋଲକାତାରୁ ମେସି ଯାଇ ହାଇଦରାବାଦ୍‌ରେ ପହଞ୍ଚିବା ପରେ ତାଙ୍କୁ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ସ୍ୱାଗତ କରିଥିଲେ। ବିମାନବନ୍ଦର ବାହାରେ ହଜାର ହଜାର ଦର୍ଶକ ଉପସ୍ଥିତ ରହି ମେସି ମେସି ସ୍ଲୋଗାନ ଦେଇଥିଲେ। ଏହା ପରେ ମେସି ଏକାଦଶ ଓ ମୁଖ୍ୟମନ୍ତ୍ରୀ ଏକାଦଶ ମଧ୍ୟରେ ୨୦ ମିନିଟିଆ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯାଇଥିଲା। ଅନ୍ୟ ଯୁବ ଖେଳାଳିଙ୍କୁ ସମ୍ବୋଦ୍ଧିତ କରିଥିଲେ ଏହି ବିଶ୍ୱ ଚାମ୍ପିଅନ।

■ ଯୁବ ଏସିଆ କପ୍ କ୍ରିକେଟ୍

## ଆଜି ଭାରତ-ପାକିସ୍ତାନ ଲଢ଼େଇ

ଦୁବାଇ, ୧୩।୧୨ (ଏଜେନ୍ସି): ଚଳିତ ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସବୁଠୁ ହାଇଭୋଲଟେଜ ମ୍ୟାଚ୍ ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବ। ସକାଳ ୧୦ଟା ୩୦ରେ ଗ୍ରୁପ୍-ଏ'ର ଏହି ମ୍ୟାଚ୍ ଆଇସିସି ଏକାଡେମୀ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଉଭୟ ଭାରତ ଓ ପାକିସ୍ତାନ ସେମାନଙ୍କ ପ୍ରଥମ ଗ୍ରୁପ୍ ମ୍ୟାଚରେ ବିଜୟୀ ହୋଇଛନ୍ତି। ଗତକାଲି ଭାରତ ୨୩୪ ରନର ବଡ଼ ବ୍ୟବଧାନରେ ଆୟୋଜକ ୟୁଏଇକୁ ପରାସ୍ତ କରିଥିଲା। ଓପନର୍ ବୈଭବ ସୂର୍ଯ୍ୟବଂଶୀ ଏହି ମ୍ୟାଚରେ ୯୫ ବଲରେ ୧୭୧ ରନର ବିସ୍ଫୋରକ ଶତକୀୟ ପାଳି ଖେଳିଥିଲେ। ସେହିଭଳି ପାକିସ୍ତାନ ଏହାର ପ୍ରଥମ ମ୍ୟାଚରେ ମାଲେସିଆକୁ ୨୯୭ ରନରେ ହରାଇଥିଲା। ରେକର୍ଡ ଉପରେ ନଜର ପକାଇଲେ ୟୁଥ ଦିନିକିଆରେ ଦୁଇଦେଶ ମଧ୍ୟରେ ୨୭ଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ଭାରତ ୧୫ଟି ଓ ପାକିସ୍ତାନ ୧୧ଟି ମ୍ୟାଚ୍ ବିଜୟୀ ହୋଇଛି। ଗୋଟିଏ ମୁକାବିଲା ଟାଇ ରହିଛି।

## ହରିକେନ୍ସକୁ ପ୍ରଥମ ଡବ୍ଲ୍ୟୁବିବିଏଲ୍ ଟାଇଟଲ୍

ହୋବାର୍ଟ, ୧୩।୧୨ (ଏଜେନ୍ସି): ଅଷ୍ଟ୍ରେଲିଆରେ ଅନୁଷ୍ଠିତ ମହିଳା ବିଗ୍ ବାସ୍ ଲିଗ୍ (ଡବ୍ଲ୍ୟୁବିବିଏଲ୍)ର ୧୧ତମ ସଂସ୍କରଣରେ ହୋବାର୍ଟ ହରିକେନ୍ସ ଚାମ୍ପିଅନ ହୋଇଛି। ଶନିବାର ଅନୁଷ୍ଠିତ ଫାଇନାଲରେ ହୋବାର୍ଟ ୮ ୱିକେଟ୍‌ରେ ପର୍ଥ ସ୍କଚର୍ସକୁ ପରାସ୍ତ କରି ପ୍ରଥମଥର ଲାଗି ଏହି ସମ୍ମାନଜନକ ଟ୍ରଫି ଜିତିଛି। ସୋଫି ଡିଭାଇନଙ୍କ ପର୍ଥ ସ୍କଚର୍ସ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ୱିକେଟ୍ ହରାଇ ୧୩୭ ରନ କରିଥିଲା। ଜବାବରେ ଓପନର୍ ଲିଜେଲି ଲି'ଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ହରିକେନ୍ସ ୫ ଓଭର ବଳକା ଥାଇ ୨ ୱିକେଟ ହରାଇ ବିଜୟୀ ହୋଇଥିଲା। ୪୪ ବଲରେ ୭୭ ରନ କରିଥିବା ଲିଜେଲି ଶ୍ରେଷ୍ଠ ଖେଳାଳି ହୋଇଥିଲେ।

## ଆସାମର ୪ କ୍ରିକେଟର୍ ବାସନ୍ଦ

ଗୌହାଟୀ, ୧୩।୧୨ (ଏଜେନ୍ସି): ଚଳିତ ସୟଦ ମୁସ୍ତାକ ଅଲି ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଦୁର୍ନୀତିରେ ଜଡ଼ିତ ଥିବା ଅଭିଯୋଗରେ ଆସାମର ୪ଜଣ କ୍ରିକେଟର୍ ବାସନ୍ଦ ହୋଇଛନ୍ତି। ସେମାନେ ହେଲେ ଅମିତ ସିହ୍ନା, ଇଶାନ ଅହମ୍ମଦ, ଅମନ ତ୍ରିପାଠୀ ଓ ଅଭିଷେକ ଠାକୁରି। ଶୁକ୍ରବାର ଆସାମ କ୍ରିକେଟ୍ ସଂଘ (ଏସିଏ) ପକ୍ଷରୁ ରାଜ୍ୟ କ୍ରାଇମବ୍ରାଞ୍ଚ ନିକଟରେ ଏଫଆଇଆର୍ ଦାଖଲ କରାଯିବା ପରେ ଏହାର ତଦନ୍ତ ଆରମ୍ଭ ହୋଇଛି। ସୟଦ ମୁସ୍ତାକ ଅଲି ଟ୍ରଫିରେ ଏହି ୪ଜଣ ଖେଳାଳି ଆସାମ ଦଳର ଅନ୍ୟ ଖେଳାଳିଙ୍କୁ ପ୍ରଭାବିତ କରିବା ଏବଂ ସେମାନଙ୍କୁ ଉସୁକାଇବା ପାଇଁ ଚେଷ୍ଟା କରିଥିବା ଅଭିଯୋଗ ହୋଇଥିଲା। ଏସିଏ ସମ୍ପାଦକ ସନାତନ ଦାସ କହିଛନ୍ତି, 'ଅଭିଯୋଗ ପ୍ରକାଶ ପାଇବା ପରେ ବିସିସିଆଇର ଦୁର୍ନୀତି ନିବାରଣ ଏବଂ ସୁରକ୍ଷା ୟୁନିଟ୍ ତଦନ୍ତ କରିଥିଲା। ଏସିଏ ମଧ୍ୟ ଫୌଜିଦାରୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି'। ବାସନ୍ଦ ହୋଇଥିବା ଏହି ୪ଜଣ କ୍ରିକେଟର୍ ବର୍ତ୍ତମାନ ଏସିଏ, ଏହାର ଜିଲ୍ଲା ୟୁନିଟ୍ କିମ୍ବା ଅନୁବନ୍ଧିତ କ୍ଲବ ଦ୍ୱାରା ପରିଚାଳିତ କୌଣସି ଟୁର୍ଣ୍ଣାମେଣ୍ଟ କିମ୍ବା ମ୍ୟାଚରେ ଅଂଶଗ୍ରହଣ କରିବାକୁ ବାରଣ କରାଯାଇଛି।

### ଭାରତ-ଦକ୍ଷିଣ ଆଫ୍ରିକା ତୃତୀୟ ଟି-୨୦ ଆଜି

## ବିଶ୍ୱକପ୍ ପୂର୍ବରୁ ଗିଲ୍‌ଙ୍କ ଲାଗି ଅଗ୍ନିପରୀକ୍ଷା



ଖେଳ ଆରମ୍ଭ : ରାତି ୭ଟା
ଟିଭି ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ
ଲାଇଭ୍ ଷ୍ଟ୍ରିମିଂ: ଜିଓହଟ୍‌ଷ୍ଟାର

ଧର୍ମଶାଳା, ୧୩।୧୨(ଏଜେନ୍ସି): ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ତୃତୀୟ ମୁକାବିଲା ଏଠାରେ ଆସନ୍ତାକାଲି ବା ରବିବାର ଖେଳାଯିବ। ଏହା ପୂର୍ବରୁ ଖେଳାଯାଇଥିବା ୨ଟି ମ୍ୟାଚ୍ ମଧ୍ୟରୁ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ୧-୧ ବରାବର ସ୍ଥିତିରେ ରହିଛନ୍ତି। ଏଠାରେ ଯେଉଁ ଦଳ ବିଜୟୀ ହେବ ସେହିଦଳ ସିରିଜ୍ କବ୍‌ଜା ଉପରେ ଆଉ ପାଦେ ଆଗେଇବ। ଏଣୁ ଏହି ମ୍ୟାଚ୍ ଉଭୟ ଦଳ ଲାଗି ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଭାରତୀୟ ଦଳର ଟପ୍ ଅର୍ଡର ବ୍ୟାଟିଂକୁ ନେଇ ଏବେ ସମସ୍ତେ ଚିନ୍ତିତ। ଘରୋଇ ଦଳର ଟିମ୍ ମ୍ୟାନେଜମେଣ୍ଟ ଲାଗି ଏହା ଯେତିକି ଚିନ୍ତାର କାରଣ ସାଜିଛି, ତା'ଠାରୁ ଅଧିକ ବିପଦରେ ଅଛନ୍ତି ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ଉପଅଧିନାୟକ ଶୁବମନ ଗିଲ୍। ଉଭୟ ଖେଳାଳି ଆଦୌ ଫର୍ମରେ ନ ଥିବାରୁ ଟି-୨୦ ବିଶ୍ୱକପ୍ ଲାଗି ଖେଳାଳି ଚୂଡ଼ାନ୍ତ କରିବା ଉଭୟ ଜାତୀୟ ଚୟନ କମିଟି ଓ ଟିମ୍ ମ୍ୟାନେଜମେଣ୍ଟ ଲାଗି ସମ୍ଭବପର ହେଉନାହିଁ। ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ-ମାର୍ଚ୍ଚରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳକୁ ନିଜର ଦକ୍ଷତା ଓ ଦୁର୍ବଳତା ସଜାଡିନେବାକୁ ଆଉ ମାତ୍ର ୮ଟି ମ୍ୟାଚ୍ ରହିଛି। ଏହା ମଧ୍ୟରୁ ଚଳିତ ସିରିଜ୍‌ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍‌ର ୩ଟି ମ୍ୟାଚ୍ ରହିଛି। ଏହି ସିରିଜ୍ ଉଭୟ ସୂର୍ଯ୍ୟକୁମାର ଓ ଶୁବମନଙ୍କ ଭାଗ୍ୟ ପରୀକ୍ଷା ହେବ। ବିଶେଷକରି ଗିଲ୍ ଟି-୨୦ ବିଶ୍ୱକପ୍ ଦଳରେ ସ୍ଥାନ ପାଇବେ କି ନାହିଁ, ସୂର୍ଯ୍ୟକୁମାରଙ୍କୁ ନେତୃତ୍ୱ ପଦରୁ ହଟାଯିବ କି ନାହିଁ ତାହା ଏହି ୩ଟି ମ୍ୟାଚ୍ ପରେ ସ୍ପଷ୍ଟ ହେବ। ବିଶେଷ କରି ସଞ୍ଜୁ ସାମସନ, ରଷଭ ପନ୍ତଙ୍କ ପରି ଖେଳାଳି ବେଞ୍ଚରେ ବସିଥିଲାବେଳେ, ରିଙ୍କୁ ସିଂ ଅପେକ୍ଷା କରିଥିଲାବେଳେ ଶୁବମନଙ୍କୁ ଆଉ କେତେଦିନ ଓ କେତେ ସୁଯୋଗ ମିଳିବ ତାହା ଏହି ୩ଟି ମ୍ୟାଚ୍‌ରେ ନିଶ୍ଚିତ ଚୂଡ଼ାନ୍ତ ହେବ। ଏହି ସିରିଜର କଟକରେ ଖେଳାଯାଇଥିବା ମ୍ୟାଚ୍‌ରେ ଗିଲ ୪ ଓ ରାୟପୁରରେ ଖେଳାଯାଇଥିବା ମ୍ୟାଚ୍‌ରେ ଖାତା ଖୋଲି ପାରି ନ ଥିଲେ। ଏହି ସ୍କୋର ତାଙ୍କ ଲାଗି ବିପଦ ସାଜିଛି। ସୂର୍ଯ୍ୟକୁମାରଙ୍କୁ ନେଇ ଚିନ୍ତାଥିଲେ ମଧ୍ୟ ତାଙ୍କ ନିକଟରୁ ଏବେ ନେତୃତ୍ୱ କାଢ଼ିନିଆଯିବ ନାହିଁ।

■ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

## ପରାଜୟ ଆଶଙ୍କାରେ ଓଡ଼ିଶା

ଭୁବନେଶ୍ୱର, ୧୩।୧୨ (ସମିସ): ମଧ୍ୟପ୍ରଦେଶରେ ଚାଲିଥିବା ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଓଡ଼ିଶା ପରାଜୟର ଆଶଙ୍କାରେ ରହିଛି। ଛତିଶଗଡ଼ ବିପକ୍ଷ ଏହି ମ୍ୟାଚରେ ୧୦୯ ରନ ପଛରେ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଓଡ଼ିଶା ଶନିବାର ୨ୟ ଦିବସ ଶେଷ ସୁଦ୍ଧା ୫ ୱିକେଟ୍‌ରେ ୧୦୩ ରନ ସଂଗ୍ରହ କରିଛି। ଆଶୁତୋଷ ନାୟକ ସର୍ବାଧିକ ୫୨ ରନ କରି ଆଉଟ୍ ହୋଇଛନ୍ତି। ଷ୍ଟମ୍ପ ବେଳକୁ ତପନ ଗୁପ୍ତା ୫ ଓ ମୃତ୍ୟୁଞ୍ଜୟ ତ୍ରିପାଠୀ ୩ ରନ କରି ଖେଳୁଛନ୍ତି। ପାଞ୍ଚ ୱିକେଟ୍ ବଳକା ଥାଇ ଓଡ଼ିଶା ୬ ରନ ପଛରେ ରହିଛି। ରବିବାର ମ୍ୟାଚର ଅନ୍ତିମ ତଥା ୩ୟ ଦିବସ। ତେଣୁ ଛତିଶଗଡ଼ ସ୍ଥିତି ମଜଭୁତ ରହିଛି। ପୂର୍ବରୁ ଏହି ମ୍ୟାଚର ପ୍ରଥମ ଇନିଂସରେ ଓଡ଼ିଶା ୧୩୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଛତିଶଗଡ଼ ୨୪୮ ରନରେ ସୀମିତ ରହିଥିଲା।

## ଜାତୀୟ ସିନିଅର ହ୍ୟାଣ୍ଡବଲ୍: ଆଲୋକଙ୍କୁ ଓଡ଼ିଶା ଦଳର ନେତୃତ୍ୱ



ଭୁବନେଶ୍ୱର, ୧୩।୧୨ (ସମିସ): ହ୍ୟାଣ୍ଡବଲ୍ ଆସୋସିଏସନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ୫୪ତମ ଜାତୀୟ ସିନିଅର ପୁରୁଷ ପ୍ରତିଯୋଗିତା ଡିସେମ୍ବର ୧୫ରୁ ପଶ୍ଚିମବଙ୍ଗରେ ଆରମ୍ଭ ହେବ। ଏଥିଲାଗି ରାଜ୍ୟ ହ୍ୟାଣ୍ଡବଲ୍ ସଂଘ ପକ୍ଷରୁ ୧୮ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଆଲୋକ କୁମାର ଭୋଇଙ୍କୁ ଓଡ଼ିଶା ଦଳର ନେତୃତ୍ୱ ଭାର ଦିଆଯାଇଛି। ଏହି ଅବସରରେ ଶନିବାର କ୍ରୀଡ଼ା ବିଭାଗ ପକ୍ଷରୁ ଓଏସ୍‌ଡି ବିଜୟ ସାହୁ, ଡ. ଶାଶ୍ୱତ କୁମାର ରାଉତ, ରାଜ୍ୟ ହ୍ୟାଣ୍ଡବଲ୍ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଙ୍ଗ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ, କୋଚ୍ ଗୌରୀଶଙ୍କର ମିଶ୍ର ପ୍ରମୁଖ ଦଳକୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

ଓଡ଼ିଶା ଦଳ: ଆଲୋକ ଭୋଇ (ଅଧିନାୟକ), ବିଶ୍ୱରଞ୍ଜନ ପାତ୍ର, ରଜତ ପାତ୍ର, ଦୀପସନ ଖୋରା, ଅମିତ ରାଜ ସାମନ୍ତରାୟ, ଅରୋ ସେବକ ପଣ୍ଡା, କାହ୍ନୁଚରଣ ମହାରଣା, ରାମଶିଷ ଜେନା, ଅନିଷ ବେହେରା, ରମେଶ ପୃଷ୍ଟି, ଶମ୍ଭୁନାଥ ମଣ୍ଡଳ, ଶୁଭମ ରାୟ, ମନୋଜ ବିଶ୍ୱାଳ, ସ୍ୱାଗତ ସାଗର ସ୍ୱାଁ, ରୀତିକ ହୋ, ଦୁର୍ଗା ମାଧବ ଭୂୟାଁ, ରାଜାରାମ ପଣ୍ଡା ଓ ଅନୁରାଗ ଦାସ।

### ନାଲ୍‌କୋ ଓପନ୍ ଟେନିସ୍

## କବୀର, ଦେବାଶିଷ ସେମିରେ

ଭୁବନେଶ୍ୱର, ୧୩।୧୨(ସମିସ): କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ନାଲକୋ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଆସନ୍ତାକାଲିର ପୁରୁଷ ବିଭାଗ ସେମିଫାଇନାଲରେ କବୀର ହନ୍ସଙ୍କ ସହ ଦେବାଶିଷ ସାହୁ, ପ୍ରତ୍ୟୁଷ ମହାନ୍ତିଙ୍କ ଅମୃତଜୟ ମହାନ୍ତିଙ୍କର ମୁକାବିଲା ହେବ। ମହିଳା ବିଭାଗ ଏକକରେ ପ୍ରିଶା ଦାସ, ସେକ୍ ସାଫ୍‌ଜା, ଶ୍ରୀୟା ମହାପାତ୍ର ଓ ସଂରଚନା ଦାସ ମଧ୍ୟ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିପରି ୧୮ ବର୍ଷରୁ କମ୍ ବିଭାଗ ଏକକରେ ଆହାନ ମିଶ୍ର, ଆୟୁଷ ପଟ୍ଟନାୟକ, ଆଦିତ୍ୟ ବିକ୍ରମ ଆଚାର୍ଯ୍ୟ ଓ କମଲେଶ ରଥ ସେମିକୁ ଉନ୍ନୀତ ହୋଇଛନ୍ତି। ୧୪ ବର୍ଷରୁ କମ୍ ବାଳିକା ଏକକରେ ସେକ୍ ସାଫ୍‌ଜା, ସାଇରୂପି ମହାନ୍ତି, ଶ୍ରେୟା ମହାପାତ୍ର ଓ ସଂରଞ୍ଜନା ଦାସ, ବାଳକ ଏକକରେ ଶୀୟାସ ପଟ୍ଟନାୟକ, ସୂର୍ଯ୍ୟ ନାଏକ, ସୂର୍ଯ୍ୟାଂଶ ଥାଟୋଇ ଓ ସଫଳ ଅଗମନ ମଧ୍ୟ ଫାଇନାଲ ଲାଗି ଆସନ୍ତାକାଲି ବା ରବିବାର ଲଢ଼େଇ କରିବେ।

ସତ୍ୟବ୍ରତ ସ୍ମାରକୀ ଫୁଟବଲ

## ଫାଇନାଲରେ ୟୁନିଟ ୬ ବନାମ ଫାଓ ଏକାଦଶ




ଭୁବନେଶ୍ୱର, ୧୩।୧୨(ସମିସ): ଡିଫେଣ୍ଡିଂ ଚାମ୍ପିଅନ ଭୁବନେଶ୍ୱରର ୟୁନିଟ-୬ ଆଥଲେଟିକ ଆସୋସିଏସନ ଓ କଟକର ଫାଓ ଏକାଦଶ ମଧ୍ୟରେ ସତ୍ୟବ୍ରତ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ଆସନ୍ତାକାଲି ଖେଳାଯିବ। କ୍ଲବ୍-୭୩ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସମ୍ବଲପୁର ଫୁଟବଲ ଏକାଡେମୀକୁ ୩-୨ ଗୋଲରେ ପରାସ୍ତ କରି ୟୁନିଟ୍-୬ ଏଏ ଫାଇନାଲରେ ପ୍ରବେଶ କରିଥିଲା। ଦଳ ପକ୍ଷରୁ ଛୋଟୁ ମୁର୍ମୁ ସମସ୍ତ ୩ଟି ଯାକ ଗୋଲ ସ୍କୋର କରି ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ସମ୍ବଲପୁରର ହରି ଦାସ ୨ଟିଯାକ ଗୋଲ ଶୁଝାଇଥିଲେ। ସେହିପରି ଦ୍ୱିତୀୟ ସେମିଫାଇନାଲରେ କଟକର ସନ୍‌ରାଇଜ୍ କ୍ଲବ୍‌କୁ ୫-୦ର ବିପୁଳ ଗୋଲ ବ୍ୟବଧାନରେ ପରାସ୍ତ କରି ଫାଓ ଏକାଡେମୀ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଦଳ ପକ୍ଷରୁ କାର୍ତ୍ତିକ ହଂସ୍ଦା, ଅର୍ପଣ ଲାକ୍ରା, ଜିଜୁ ମୁଦୁଲି, ଗଣେଶ ସେଠୀ ଓ ଗୌରବ ନେଗୀ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ପ୍ରଥମ ମ୍ୟାଚ୍‌ରେ ଓରିଏଣ୍ଟାଲ ଇନ୍‌ସ୍ୟୁରାନ୍ସର ଜେନେରାଲ ମ୍ୟାନେଜର ରେଖା ମହାନ୍ତି ଅତିଥିଭାବେ ଯୋଗଦେଇ ଛୋଟୁ ମୁର୍ମୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଅର୍ପଣ ଲାକ୍ରାଙ୍କୁ ଦ୍ୱିତୀୟ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି।

ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

## ଫାଇନାଲରେ ଉନ୍ନତି-ଈଶାରାଣୀ





ଭୁବନେଶ୍ୱର, ୧୩।୧୨ (ସମିସ): କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଏକ ଲକ୍ଷ ୧୦ ହଜାର ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୧ କୋଟି) ପୁରସ୍କାର ରାଶିବିଶିଷ୍ଟ ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହେବ। ଶନିବାର ସମସ୍ତବର୍ଗର ସେମିଫାଇନାଲ ମୁକାବିଲା ଖେଳାଯାଇଥିଲା। ଏଥିରେ ପୁରୁଷ ସିଙ୍ଗଲ୍ସରେ ଭାରତର କିରଣ ଜର୍ଜ ବିଜୟୀ ହୋଇ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଦ୍ୱିତୀୟ ସିଡ୍ କିରଣ ୨୧-୧୯, ୮-୨୧, ୨୧-୧୮ ଗେମରେ ସାଥୀ ଭାରତୀୟ ଖେଳାଳି ରୌନକ ଚୌହାନଙ୍କୁ ପରାସ୍ତ କରିଥିଲେ। ଫାଇନାଲରେ କିରଣଙ୍କ ମୁକାବିଲା ଇଣ୍ଡୋନେସିଆର ମହମ୍ମଦ ୟୁସୁଫଙ୍କ ସହ ହେବ। ଅନ୍ୟ ଏକ ସେମିରେ ମହମ୍ମଦ ୨୧-୧୨, ୨୧-୧୮ ସିଧାସଳଖ ଗେମରେ ନିଜ ଦେଶର ବିସମୋ ରାୟା ଓକତୋରାଙ୍କୁ ହରାଇଥିଲେ। ଅପରପକ୍ଷରେ ମହିଳା ସିଙ୍ଗଲ୍ସ ଫାଇନାଲ ଦୁଇ ଭାରତୀୟ ଖେଳାଳି ଉନ୍ନତି ହୁଡା ଓ ଈଶାରାଣୀ ବରୁଆଙ୍କ ମଧ୍ୟରେ ଖେଳାଯିବ। ଟପ୍ ସିଡ୍ ଉନ୍ନତି ସେମିଫାଇନାଲରେ ୧୮-୨୧, ୨୧-୧୬, ୨୧-୧୬ ଗେମରେ ସାଥୀ ଭାରତୀୟ ତସନିମ ମିର୍‌ଙ୍କ ହରାଇ ଅଗ୍ରଗତି କରିଛନ୍ତି। ଦ୍ୱିତୀୟ ସେମିଫାଇନାଲରେ ଈଶାରାଣୀ ୧୮-୨୧, ୨୧-୭, ୨୧-୭ ଗେମରେ ତନୟା ହେମନ୍ତଙ୍କ ହରାଇଥିଲେ। ଈଶାରାଣୀ ପ୍ରଥମଥର ଲାଗି ବିଡବ୍ଲ୍ୟୁଏଫ୍-୧୦୦ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ତେବେ ମହିଳା ଡବଲ୍ସରେ ଭାରତୀୟ ଯୋଡ଼ି ଶିଖା ଗୌତମ ଓ ଅଶ୍ୱିନୀ ଭଟ୍ଟଙ୍କୁ ସେମିଫାଇନାଲରେ ପରାଜୟର ସାମ୍ନା କରିବାକୁ ପଡ଼ିଛି। ମିକ୍ସଡ ଡବଲ୍ସରେ ମଧ୍ୟ ଭାରତର ସାତ୍ତ୍ୱିକ ରେଡ୍ଡୀ ଓ ରେଶିକା ଯୋଡ଼ି ସେମିଫାଇନାଲରେ ନିରାଶ କରିଛନ୍ତି।

## ମହାରାଜା ସେଭେନ୍ସ ରଗ୍‌ବୀ ଉଦ୍‌ଘାଟିତ



ବାରିପଦା, ୧୩।୧୨(ସମିସ):

ମହାରାଜା ସେଭେନ୍ସ ରଗବୀ ଟୁର୍ଣ୍ଣାମେଣ୍ଟ ଶନିବାର ବାରିପଦା ଷ୍ଟାଡିୟମ ପଡିଆରେ ଉଦଘାଟିତ ହୋଇଯାଇଛି। ମୟୂରଭଞ୍ଜ ଫାଉଣ୍ଡେସନ ଓ ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀର ମିଳିତ ଆନୁକୂଲ୍ୟରେ ତଥା ମୟୁରଭଞ୍ଜ ଆଥଲେଟିକ ଆସୋସିଏସନର ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାର ଉଦଘାଟନୀ ଦିବସରେ ଉଭୟ ପୁରୁଷ ଓ ମହିଳା ବିଭାଗର ୨୦ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିସହ ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ରବିବାର ପୁରୁଷ ବିଭାଗରେ ପ୍ରଥମ ସେମିଫାଇନାଲ ଦିଲ୍ଲୀର ଫ୍ୟୁଚର ହୋପ୍ ହରକ୍ଲିନ୍ସ ଓ ମୁମ୍ବାଇ ମେଜିସିଆନ ଏବଂ ଦ୍ୱିତୀୟ ସେମିଫାଇନାଲ ବାରିପଦାର ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀ ଓ ଦିଲ୍ଲୀ ହରିକେନ୍ସ ମଧ୍ୟରେ ଖେଳାଯିବ। ସେହିଭଳି ମହିଳା ବିଭାଗରେ ପ୍ରଥମ ସେମିରେ କୋଲକାତାର ଫ୍ୟୁଚର ହୋପ ହରିକେନ୍ସ ଓ ସିଲିଗୁଡ଼ିର ସରସ୍ୱତୀପୁର ଲେପୋଡର୍ ସାମ୍ନାସାମ୍ନି ହେବେ। ବାରିପଦାର ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀ ଓ କୋଲକତା ପୁଲିସ ମଧ୍ୟରେ ୨ୟ ସେମିଫାଇନାଲ ଖେଳାଯିବ ବୋଲି ସହ ଆୟୋଜକ ଦିବ୍ୟରଞ୍ଜନ ଦାସ ଜଣାଇଛନ୍ତି।

ଉଦଘାଟନୀ ଉତ୍ସବରେ ଫାଉଣ୍ଡେସନର ଅଧ୍ୟକ୍ଷା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ ସଭାପତିତ୍ୱରେ ଅତିଥି ଭାବେ ଯୋଗଦେଇ ବାରିପଦା ବିଧାୟକ ପ୍ରକାଶ ସୋରେନ, ଜିଲ୍ଲାପାଳ ହେମକାନ୍ତ ସଏ, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା ଓ ମୟୂରଭଞ୍ଜ ଆଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ ଫୁଟବଲ ସମ୍ପାଦକ ଅମର ସେଠୀ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଟୁର୍ଣ୍ଣାମେଣ୍ଟକୁ ସଫଳ କରିବା ପାଇଁ ସହଯୋଗ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ସୁଭାଶିଷ ନାୟକ ଓ ସୋମନାଥ ସିଂହ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS